ପୁରୀ ଓ ଭୁବନେଶ୍ୱରରୁ ବରଗଡ଼ ଅଭିମୁଖେ ସ୍ୱତନ୍ତ୍ର ଟୁରିଷ୍ଟ ବସ୍ ଚଳାଚଳ ପାଇଁ ବ୍ୟବସ୍ଥା କରାଯିବ। ସ୍ୱତନ୍ତ୍ର ୱେବ୍‌ସାଇଟ୍ ମଧ୍ୟ ଖୋଲିବ, ଯେଉଁଥିରେ ଧନୁଯାତ୍ରାର ଚିତ୍ରାୟନ, ସମସ୍ତ ଦୃଶ୍ୟାବଳୀ, ସହରରେ ଥିବା ପ୍ରମୁଖ ହୋଟେଲ, ପାର୍କିଂ ସ୍ଥାନ, ମହୋତ୍ସବ ସ୍ଥାନ ସମ୍ବନ୍ଧୀୟ ବିବରଣୀ ଏବଂ ଜିପିଏସ୍ ସିଷ୍ଟମ ଉପଲବ୍ଧ ରହିବ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଧନୁଯାତ୍ରା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ୱେବ୍‌ସାଇଟରେ ଏକ ଡିଜିଟାଲ କୁଇଜ କରାଯାଇ ଡିଜିଟାଲ ପ୍ରମାଣପତ୍ର ପ୍ରଦାନ କରାଯିବ। ପୋଲିସ ସୁରକ୍ଷା, ଅଗ୍ନିଶମ ସୁରକ୍ଷା, ସ୍ୱଚ୍ଛତା, ଆଶୁ ଚିକିତ୍ସା ତଥା ସମସ୍ତ ପ୍ରଶାସନିକ ବନ୍ଦୋବସ୍ତକୁ ସୁନିଶ୍ଚିତ କରିବା ପଇଁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆମ ଗୌରବମୟ ସଂସ୍କୃତି ଓ ଐତିହ୍ୟର ଜୟଯାତ୍ରା ହେଉଛି ଧନୁଯାତ୍ରା। ଏହି ସମୟରେ ବରଗଡ଼ ସହରକୁ ମଥୁରା ନଗରୀ, ଅମ୍ବାପାଲି ଅଞ୍ଚଳକୁ ଗୋପପୁର, ଜୀରା ନଦୀକୁ ଯମୁନା ନଦୀର ନାମରେ ନାମିତ କରାଯାଏ। ଧନୁଯାତ୍ରା ମହୋତ୍ସବକୁ ଚଳିତଥର ଦିବ୍ୟ, ଭବ୍ୟ ଓ ଆଡ଼ମ୍ବରର ସହ ପାଳନ କରାଯିବ ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ବୈଠକରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ବିଜେପୁର ବିଧାୟକ ସନତ କୁମାର ଗର୍ତ୍ତିଆ, ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ପଦ୍ମପୁର ବିଧାୟକ ବର୍ଷା ସିଂ ବରିହା, ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ସଚିବ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରେମ ପାଇଁ ଟାୱାରରେ ଚଢ଼ିଲେ ଯୁବକ

**କେନ୍ଦୁଝର/ ପାଟଣା,୪।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ / ବୀର କିଶୋର ଦାଶ)**

ପ୍ରେମିକାଙ୍କୁ ପାଇବାକୁ ଗତ ୭୦ ଦଶକର (୧୯୭୫) 'ଶୋଲେ' ସିନେମା ଭଳି ପନ୍ଥା ଆପଣେଇଛନ୍ତି ଜଣେ ସ୍ଥାନୀୟ ଯୁବକ। ପ୍ରେମିକା ସହ କଥାହେବା ଜିଦ୍‌ରେ ପ୍ରେମିକ ଗୁରୁବାର କେନ୍ଦୁଝର ଜିଲା ଟାଉନ ଥାନା ଅନ୍ତର୍ଗତ ଜୁଡ଼ିଆ ନିକଟରେ ଥିବା ଏକ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ଟାୱାରରେ ଚଢ଼ି ଯାଇଥିଲେ। ପ୍ରେମିକା ସହ କଥା ହେବା ପରେ ପ୍ରେମିକ ତଳକୁ ଓହ୍ଲାଇଥିଲେ। ଏ ନେଇ ଦୀର୍ଘ ସମୟ ଧରି ଉଦ୍ଧାରକାରୀ ଦଳକୁ ନାକେଦମ ହେବାକୁ ପଡ଼ିଥିଲା। ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ପ୍ରକାଶ ଯେ, ପାଟଣା ଥାନା ଅନ୍ତର୍ଗତ କମାରମୋରା ଗ୍ରାମର ଦଶମନ୍ତ ମହାକୁଡ଼ (୨୯) ନୟାକୋଟ ଥାନା ଅଞ୍ଚଳର ଜଣେ ଝିଅକୁ ୩ ବର୍ଷ ହେଲା ପ୍ରେମ କରିଆସୁଛନ୍ତି। ତେବେ ଝିଅର ମା'ବାପା ସେମାନଙ୍କ ପ୍ରେମକୁ ସ୍ୱୀକାର କରୁନାହାନ୍ତି। ଫଳରେ ପ୍ରେମିକା ସହ କଥାବାର୍ତ୍ତା ହୋଇପାରୁ ନ ଥିଲେ। ଝିଅର ମା'ବାପାଙ୍କ ଉପରେ ଚାପ ପକାଇବାକୁ ଗୁରୁବାର ସକାଳ ୬ଟାରେ ଯୁବକ ଟାୱାର ଉପରେ ଚଢ଼ିଯାଇଥିଲେ। ପ୍ରେମିକା ତାଙ୍କ ସହ କଥା ନ ହେଲେ ଆତ୍ମହତ୍ୟା କରିବାକୁ ଧମକ ଦେଇଥିଲେ। ଏହି ଦୃଶ୍ୟ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ଖବର ପାଇ ଟାଉନ ଥାନା ପୋଲିସ ପହଞ୍ଚି ଦମକଳ ବାହିନୀ ଜରିଆରେ ତଳେ ଜାଲ ବାନ୍ଧି ଯୁବକଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲା। ସକାଳ ୯ଟା ୩୦ରେ ପ୍ରେମିକା ଓ ପରିବାର ଲୋକଙ୍କ ସହ ଦଶମନ୍ତ ଫୋନ୍ ଯୋଗେ କଥା ହୋଇଥିଲେ। ପରେ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ସେ ତଳକୁ ଓହ୍ଲାଇଥିଲେ। ପୋଲିସ ଯୁବକଙ୍କୁ ଆଣି ଥାନାରେ ଅଟକ ରଖିଥିବା ବେଳେ ପରେ ତାଙ୍କ ବାପା ଆସିବା ପରେ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।






# ଭୁବନେଶ୍ୱର ବିମାନବନ୍ଦରରେ ଅକ୍ଷୟ କୁମାର



ବିମାନ ବନ୍ଦରରେ ସୁପରଷ୍ଟାର୍ ଅକ୍ଷୟ କୁମାର ।

**ଭୁବନେଶ୍ୱର,୪।୧୨ (ସୌମ୍ୟରଞ୍ଜନ ରାଉତ)**

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଗୁରୁବାର ସକାଳେ ବଲିଉଡ୍‌ର ସୁପରଷ୍ଟାର ଅକ୍ଷୟ କୁମାରଙ୍କୁ ହଠାତ୍ ଦେଖିବାକୁ ମିଳିଥିଲା। ଖବର ପ୍ରଚାରିତ ହୋଇଯିବା ପରେ ଲୋକଙ୍କ ପ୍ରବଳ ଗହଳି ଜମିଥିଲା। ଅକ୍ଷୟଙ୍କୁ ଦେଖି ଫ୍ୟାନ୍‌ମାନେ ବହୁତ ଖୁସି ହେବା ସହ ଉତ୍ସାହିତ ହୋଇପଡ଼ିଥିଲେ। ଅକ୍ଷୟ ରାଜସ୍ଥାନ ଯୋଧପୁରରୁ ଭିଏଟ୍‌ନାମକୁ ଯାଉଥିଲେ। ତେବେ ଭିଏଟ୍‌ନାମକୁ ତାଙ୍କର ସ୍ପେଶାଲ କନେକ୍ଟିଂ ଫ୍ଲାଇଟ୍ ଭୁବନେଶ୍ୱରରୁ ଥିବାରୁ ସେ ଏଠାରେ କିଛି ସମୟ ଅଟକି ରହିଥିଲେ। ଏହି ସମୟରେ ସେ ବିମାନବନ୍ଦର ବାହାରକୁ ଫ୍ୟାନ୍‌ମାନଙ୍କୁ ଦେଖାଦେଇଥିଲେ। ପରେ ଭୁବନେଶ୍ୱରରୁ ଭିଏଟ୍‌ନାମକୁ ସ୍ପେଶାଲ ଫ୍ଲାଇଟ୍ ଯୋଗେ ଯାତ୍ରା କରିଥିଲେ। ଅକ୍ଷୟ କୁମାରଙ୍କ ପାଇଁ ବିମାନବନ୍ଦର ପରିସରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା।

# ତଦନ୍ତ କଲେ ଉପଜିଲାପାଳ

**ନୀଳଗିରି, ୪।୧୨(ପ୍ରଶାନ୍ତ ବିଶ୍ୱାଳ)**

**ଛାତ୍ରଙ୍କ ଗୋଡ଼ରେ ବେଡ଼ି ପକାଇବା ଘଟଣା**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବେଗୁନିଆ ପଞ୍ଚାୟତ ବେଗୁନିଆ ୟୁଜିୟୁପି ବିଦ୍ୟାଳୟ ଛାତ୍ରାବାସରେ ଜଣେ ଚତୁର୍ଥ ଶ୍ରେଣୀର ଛାତ୍ରଙ୍କ ଗୋଡ଼ରେ ବେଡ଼ି ପକାଇବା ଘଟଣାର ତଦନ୍ତ ଗୁରୁବାର ଆରମ୍ଭ ହୋଇଛି। ନୀଳଗିରି ଉପଜିଲାପାଳ ଡ. ମଧୁସ୍ମିତା ସାମନ୍ତରାଏ, ଜିଲା ଶିକ୍ଷା ଅଧିକାରୀ ବସନ୍ତ ନାୟକ, ସହକାରୀ ଜିଲା ମଙ୍ଗଳ ଅଧିକାରୀ ତଲୁଆର ଜେନା, ନୀଳଗିରି ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୈଳେନ୍ଦ୍ର ଶତପଥୀ, ଏବିଇଓ ଲମ୍ବୋଧର ସିଂ ବିଦ୍ୟାଳୟରେ ପହଞ୍ଚି ଛାତ୍ରଙ୍କ ବାପା, ପ୍ରଧାନ ଶିକ୍ଷକ ରଘୁନାଥ ବୁଗୁଡ଼ାଇ, ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଯତୀନ କୁମାର ପରିଡ଼ାଙ୍କ ଉପସ୍ଥିତିରେ ତଦନ୍ତ କରିଛନ୍ତି। ଏହି ଘଟଣାକୁ ଘୋର ନିନ୍ଦା କରିବା ପରେ ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ୪୦ ଶିଟ୍ ଥିବା ଏହି ଛାତ୍ରାବସରେ ଆଖପାଖ ଅଞ୍ଚଳର ପିଲାମାନେ ରହି ପାଠ ପଢ଼ିଥାନ୍ତି। କମାରଖାଲିଆ ଗ୍ରାମର ଜଣେ ଚତୁର୍ଥ ଶ୍ରେଣୀର ଛାତ୍ରଙ୍କ ଗୋଡ଼କୁ ଲୁହା ଜଞ୍ଜିରରେ ବନ୍ଧା ହୋଇଥିବା ବୁଧବାର ଭିଡିଓ ଭାଇରାଲ ହେବା ପରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହାର ତଦନ୍ତ ପାଇଁ ବାଲେଶ୍ୱର ଜିଲାପାଳ, ଜିଲା ମଙ୍ଗଳ ଅଧିକାରୀ ଏବଂ ନୀଳଗିରି ଉପଜିଲାପାଳଙ୍କୁ ଅବଗତ କରିଥିଲେ। ଏଭଳି ନିନ୍ଦନୀୟ କାର୍ଯ୍ୟ ପାଇଁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ।




## ଗଛରେ ବାଡ଼େଇହେଲା ବାଇକ୍, ୨ମୃତ

**କୁଚିଣ୍ଡା,୪।୧୨(ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲା ମହୁଲପାଲି ଥାନା ଅନ୍ତର୍ଗତ ଜରାବଗା ମଦଭାଟିପଡ଼ା ନିକଟରେ ଗୁରୁବାର ଏକ ବାଇକ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଗଛରେ ବାଡ଼େଇ ହୋଇଯିବାରେ ୨ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ମହୁଲପାଲି ଥାନା ଭିକାପାଲି କନ୍ଧାମୁଣ୍ଡା ଗ୍ରାମର ମାନେଶ ମୁଣ୍ଡା(୨୧) ଓ ଆକାଶ ମୁଣ୍ଡା(୨୪)। ଗୁରୁତର ହୋଇ ବୁର୍ଲା ଭିମ୍‌ସାରରେ ଶିବାନ ମୁଣ୍ଡା(୨୧) ଚିକିତ୍ସିତ ହେଉଛନ୍ତି। ମହୁଲପାଲି ଥାନା ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନରେ ମୃତ ଓ ଗୁରୁତର ୩ ଯୁବକ ବାଇକ୍(ଓଡି-୧୬ଏନ୍‌ଓ- ୨୬୩) ଯୋଗେ କୌଣସି କାମରେ ଜରାବଗା ଯାଇଥିଲେ। ସେଠାରୁ ଗାଁକୁ ଫେରୁଥିବା ବେଳେ ଅପରାହ୍ନ ପ୍ରାୟ ସାଢେ ୩ଟାରେ ଜରାବଗା ମଦଭାଟିପଡ଼ା ନିକଟ ରାସ୍ତାକଡ଼ ଗଛରେ ବାଡ଼େଇହୋଇଥିଲା। ଫଳରେ ୩ଜଣ ଯାକ ଗାଡିରୁ ଛିଟିକିପଡିଥିଲେ। ଘଟଣାସ୍ଥଳରେ ମାନେଶ ମୁଣ୍ଡାଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗରେ ଆକାଶ ଓ ଶିବାନଙ୍କୁ କୁଚିଣ୍ଡା ଉପଖଣ୍ଡ ମେଡିକାଲ ଚିକିତ୍ସା ପାଇଁ ନିଆଯାଇଥିଲା। ହେଲେ ସେଠାରେ ଆକାଶଙ୍କର ମୃତ୍ୟୁ ଘଟିଥିଲା।

# ଜାଲରେ ପଡ଼ିଲା ୭ ଟନର ସାର୍କ

**ଭୋଗରାଇ, ୪।୧୨(ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ସମୁଦ୍ର କୂଳ ମତ୍ସ୍ୟଜୀବୀଙ୍କ ଜାଲରେ ଧରାପଡ଼ିଲା ବିଶାଳକାୟ ସାର୍କ ମାଛ। ଏହି ମାଛକୁ ନିକଟସ୍ଥ ଗ୍ରାମର ମତ୍ସ୍ୟଜୀବୀମାନେ କୂଳକୁ ଟାଣିବାରେ ନାକେଦମ ହୋଇଥିଲେ। ବୁଧବାର ରାତି ୯ଟାରେ ଜାଲ ସହିତ ମାଛକୁ ମୃତ ଅବସ୍ଥାରେ କୂଳକୁ ଆଣିଥିଲେ। ଗୁରୁବାର ସକାଳୁ ଏତେବଡ ମାଛକୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ପ୍ରକାଶ କରିବା ସହ ଦେଖିବା ଲାଗି ସେଠାରେ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ହୋଇଥିଲା। ଖବରପାଇ ବନବିଭାଗର ବରିଷ୍ଠ ଅଧିକାରୀମାନେ ପହଞ୍ଚି ଏହି ବିରଳ ପ୍ରଜାତିର ମାଛ ମୃତବସ୍ଥାରେ କିପରି ଜାଲରେ ଛନ୍ଦି ହେଲା, ତାହାର ତଦନ୍ତ କରିଥିଲେ। ମୃତ ମାଛର ଲମ୍ବ ୧୭ ଫୁଟ ୭ ଇଞ୍ଚ ଥିବାବେଳେ ଓଜନ ୭ଟନ। ଏହା ୨୦ବର୍ଷର ମାଛ ବୋଲି ବନବିଭାଗ ସୂଚନା ଦେଇଛି। ମାଛକୁ ଉଦୟପୁର ବନବିଭାଗ ପରିସରକୁ ଅଣାଯାଇଥିଲା। ଜିଲା ବନ୍ୟଜୀବ ବନ୍ୟଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ବନ୍ୟ ସଂରକ୍ଷକ ଜୟଶ୍ରୀ ମୁର୍ମୁ, ବନ୍ୟପ୍ରାଣୀ ତତ୍ତ୍ୱବଧାରକ ଅଶ୍ୱନୀ କୁମାର ଦାସ, ଜୀବବିଜ୍ଞାନୀ ସ୍ୱରୂପ ଫୁଲନଟନ, ବନପାଳ ସଞ୍ଜୟ କୁମାର ମହାନ୍ତି, ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ଚିନ୍ମୟ କୁମାର ସାହୁ, ବନରକ୍ଷୀ ପ୍ରମିଳା ସେନ, ସବୁଜ ବାହିନୀର ହରିଶଙ୍କର ସାହୁ, ବାବୁଲି ଦାସ ପ୍ରମୁଖ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯାଇ ମାଛକୁ ପୋତି ଦିଆଯାଇଥିଲା। ଏହି ବିରଳ ମାଛ ସାଧାରଣତଃ ଆରବସାଗରରେ ଦେଖା ଦେଇଥିବାବେଳେ ତାପମାତ୍ରର ଉଷ୍ମତା ଯୋଗୁ କାଁ ଭାଁ ଅନୁକୂଳ ପାଗ ଯୋଗୁ ବଙ୍ଗୋପସାଗରକୁ ଆସିଥାଇପାରେ ଓ ଗଭୀର ସମୁଦ୍ରରେ ଜାହାଜରେ ଧକ୍କା ଖାଇ ମୃତ ହୋଇଥାଇପାରେ ବୋଲି ମତ୍ସ୍ୟଜୀବୀମାନେ ଅନୁମାନ କରିଥିଲେ।



ଯୋଉ ମୁହୂର୍ତ୍ତରେ ଆମର ବୋଧ ହେବ ଯେ, ସବୁ କିଛି ଖରାପରୁ ବେଶି ଖରାପ ଆଡକୁ ଗତି କରୁଛି– ସେତିକି ବେଳେ ହିଁ ଆମର ବିଶ୍ୱାସ ଖୁବ୍ ଦୃଢ ହୋଇଯିବା ଉଚିତ। ପରମ ବିଶ୍ୱାସର ସହିତ ଆମେ ନିଶ୍ଚିତ ହେବା ଯେ, ଈଶ୍ୱରଙ୍କ କୃପା କେବେ ବି ଆମକୁ ତ୍ୟାଗ କରିବ ନାହିଁ। –ଶ୍ରୀମା



# ମହାସାଗରରେ ନିବେଶ





ପିଟର ବ୍ରିୟାଣ୍ଟ
ଓସେନ୍ ପ୍ରୋଗ୍ରାମ୍ ଡାଇରେକ୍ଟର, ବିଲ୍ଡର୍ସ ଭିଜନ (ଇନ୍‌ଭେଷ୍ଟିଂ ପ୍ଲାଟଫର୍ମ)

ସିନ୍ଦ୍ରେ ଓଷ୍ଟଗାର୍ଡ
ମ୍ୟାନେଜିଂ ପାର୍ଟନର, ୱି ଆର୍ ହ୍ୟୁମ୍ୟାନ୍ (କ୍ୟାପିଟାଲ ଫାର୍ମ)

ନିବେଶକମାନେ ନିବେଶ କରିବାକୁ ନିଷ୍ପତ୍ତି ନେବାବେଳେ ସେଥିରେ ଥିବା ସୁଯୋଗ, ବିପଦ ଏବଂ ଆଶା କରାଯାଉଥିବା ଲାଭ ସମ୍ପର୍କରେ କିଛି ମୌଳିକ ପ୍ରଶ୍ନ ଉତ୍ଥାପନ କରିଥାଆନ୍ତି। ମହାସାଗରେ ନିବେଶ କ୍ଷେତ୍ରରେ ଶେଷ ପ୍ରଶ୍ନର ଉତ୍ତର ଅତ୍ୟନ୍ତ ଉତ୍ସାହପ୍ରଦ। ଏକ ସହନୀୟ ତଥା ସ୍ଥାୟୀ ବ୍ଲୁ ଇକୋନୋମୀ (ମହାସାଗର ଓ ଉପକୂଳ ସମ୍ବଳକୁ ବ୍ୟବହାର କରି ଆର୍ଥିକ ଅଭିବୃଦ୍ଧି ଆପଣଉଥିବା ଅର୍ଥ ବ୍ୟବସ୍ଥା)ରେ ନିବେଶ କରିବାରେ ଅତ୍ୟଧିକ ପରିବେଶଗତ, ସାମାଜିକ ଓ ଆର୍ଥିକ ଲାଭ ରହିଛି। ମହାସାଗରକୁ ଏକ ମୁକ୍ତ ଉପଲବ୍ଧ ସମ୍ବଳ ଭାବେ ବ୍ୟବହାର କରାଯାଇଆସିଛି। ସେଥିରୁ ମାଛ ଧରାଯାଉଛି। ତାହାକୁ ପ୍ରଦୂଷିତ କରାଯିବା ସହ ତାହାର ସୁରକ୍ଷା କଥା ଦିଗକୁ କେହି ଗୁରୁତ୍ୱ ଦେଉନାହାନ୍ତି। ଏବକାର ଏହି ଦୃଷ୍ଟିକୋଣ ବିପଜ୍ଜନକ ତଥା କ୍ଷତିକାରକ। ଜୈବ ବିବିଧତାର ପ୍ରମୁଖ ସ୍ଥଳ ଏବଂ ସର୍ବାଧିକ ଅଙ୍ଗାରକ ଶୋଷଣ କରୁଥିବା ମହାସାଗର ଜଳବାୟୁ ନିୟନ୍ତ୍ରଣ କରିବା ସହ ପାଣିପାଗ ସ୍ଥିରତା, ଆର୍ଥିକ ଅଭିବୃଦ୍ଧି ଏବଂ ଖାଦ୍ୟ ପ୍ରଣାଳୀକୁ ମଜଭୁତ କରୁଛି। ସାମୁଦ୍ରିକ ପରିସଂସ୍ଥାକୁ ପୁନର୍ବାର ଦୃଢ଼ କରିବା ପାଇଁ ନୂଆ ଯୋଜନା ଓ ବିଜ୍‌ନେସ୍ ମଡେଲ ଆପଣାଇବା ଦ୍ୱାରା ମହାସାଗରକୁ ସୁରକ୍ଷିତ ରଖିବା ସହ ବ୍ୟବସ୍ଥାଗତ ଅସ୍ଥିରତା ଦୂର କରାଯାଇପାରିବ।

ସାମୁଦ୍ରିକ ପରିସଂସ୍ଥାଗୁଡ଼ିକ ହେଉଛି ଏକ ପ୍ରକାର ଉତ୍ପାଦନକ୍ଷମ ଆର୍ଥିକ ସମ୍ପତ୍ତି ଏବଂ ସମୟକ୍ରମରେ ଏହାର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଚାଲିଛି। ହେଲେ ସେଗୁଡ଼ିକୁ ଗୌଣ କରିଦିଆଯାଉଛି। ଓଇସିଡିର ମହାସାଗର ଅର୍ଥ ବ୍ୟବସ୍ଥା ୨୦୫୦ ରିପୋର୍ଟରୁ ଜଣାପଡ଼ିଛି ଯେ, ୧୯୯୫ରୁ ୨୦୨୦ ମଧ୍ୟରେ ମହାସାଗର ଅର୍ଥ ବ୍ୟବସ୍ଥା ବଢ଼ି ଦୁଇଗୁଣ ହୋଇଛି। ବୈଶ୍ୱିକ ଜିଡିପିକୁ ଏହାର ଯୋଗଦାନ ୨.୬ ଟ୍ରିଲିୟନ ଆମେରିକୀୟ ଡଲାର ରହିଆସିଛି ଏବଂ ଏଥିରେ ୧୦୦ ମିଲିୟନରୁ ଅଧିକ ଲୋକ ନିଯୁକ୍ତ ହୋଇଛନ୍ତି। ଯଦି ଏହା ଏକ ଦେଶ ହୋଇଥାଆନ୍ତା, ତେବେ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥ ବ୍ୟବସ୍ଥା ହୋଇ ପାରିଥାନ୍ତା। ଜୁଆର ଓ ପବନରୁ ଅକ୍ଷୟଶକ୍ତି ଉତ୍ପାଦନ, ସ୍ଥାୟୀ ଜଳକୃଷି, ଅଙ୍ଗାରକ ପୃଥକୀକରଣ ଏବଂ ସାମୁଦ୍ରିକ ଟେକ୍‌ନୋଲୋଜି ଶୀଘ୍ର ଅଭିବୃଦ୍ଧି ଆଣିବାକୁ ପ୍ରସ୍ତୁତ ରହିଛି। ଭବିଷ୍ୟତରେ ଲାଭ ଆଶା କରୁଥିବା ନିବେଶକମାନେ ମହାସାଗରକୁ ନୂତନତ୍ୱ ଏବଂ ଜଳବାୟୁ ମୁକାବିଲା କ୍ଷେତ୍ରରେ ନିର୍ଣ୍ଣାୟକ କାର୍ଯ୍ୟ କରିବା ଦରକାର। ତେବେ ଜରୁରୀ ପଦକ୍ଷେପ ନିଆ ନ ଗଲେ ସୁଯୋଗ



ହାତଛଡ଼ା ହୋଇଯିବ। ୱାର୍ଲ୍ଡ ୱାଇଡ୍ ଫଣ୍ଡ୍ ଫର୍ ନେଚର ଏବଂ ଓସେନ ରିସ୍କ ଆଣ୍ଡ୍ ରିଜିଲାନ୍ସ ଆକ୍ସନ ଆଲିଆନ୍ସ ଆଣ୍ଡ ମେଟାବୋଲିକ୍ ଦ୍ୱାରା ମିଳିତ ଭାବେ ପ୍ରସ୍ତୁତ ଏକ ରିପୋର୍ଟରୁ ଜଣାଯାଏ ଯେ, ମହାସାଗରର ଅଧୋଗତି ହୋଇ ଚାଲିଲେ ବୈଶ୍ୱିକ ସ୍ତରରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର କ୍ଷତି ଆସନ୍ତା ୧୫ ବର୍ଷରେ ୮.୫ ଟ୍ରିଲିୟନ ଡଲାର ହୋଇପାରେ। ବ୍ୟବସାୟିକ ମାଛଧରା, ଉପକୂଳ ରିୟଲ ଇଷ୍ଟେଟ୍, ପର୍ଯ୍ୟଟନ, ସାମୁଦ୍ରିକ ଭିତ୍ତିଭୂମି ଏବଂ ବନ୍ଦରଗୁଡ଼ିକ ଅତ୍ୟଧିକ ପ୍ରଭାବିତ ହେବେ। ଏକ ଅଧିକ ନିରନ୍ତର ପଦ୍ଧତି ଗ୍ରହଣ କରାଗଲେ ଏହି କ୍ଷତି ୫.୧ ଟ୍ରିଲିୟନ ଡଲାରକୁ ହ୍ରାସ ପାଇପାରିବ।

ନିବେଶକମାନେ ଜଳବାୟୁ ଓ ଜୈବ ବିବିଧତା ବିପଦ ପ୍ରତି ପ୍ରତିକ୍ରିୟା ବ୍ୟକ୍ତ କରୁଛନ୍ତି। ତଥାପି ଏବେ ସୁଦ୍ଧା ସେମାନେ ସାମୁଦ୍ରିକ ପରସଂସ୍ଥାର ପୁନରୁଦ୍ଧାର ଓ ପୁନର୍ଜୀବିତ କରିବା ପାଇଁ ବହୁ ଟ୍ରିଲିୟନ ଡଲାରର ଏକ ମହାସାଗର ଅର୍ଥ ବ୍ୟବସ୍ଥାର ସୁଯୋଗରୁ ଲାଭ ଉଠାଇ ପାରିନାହାନ୍ତି। ମୋଟ ନିବେଶର ୦.୦୧ ପ୍ରତିଶତରୁ କମ୍, ଅନ୍ତର୍ଜାତୀୟ ସହାୟତା ପାଣ୍ଠିର ୧%ରୁ କମ୍ ଏବଂ ସରକାରୀ ବିକାଶ ସହାୟତାର ୧%ରୁ କମ୍ ମହାସାଗର ଅର୍ଥ ବ୍ୟବସ୍ଥାକୁ ଯାଏ। ପ୍ରଥମରୁ ଛୋଟ ବ୍ୟବସାୟକୁ ଦିଆଯାଉଥିବା ପ୍ରାରମ୍ଭିକ ପୁଞ୍ଜିର ମଧ୍ୟ ଅଭାବ ରହିଛି। ଉଦାହରଣ ସ୍ୱରୂପ, ସାମୁଦ୍ରିକ ଅକ୍ଷୟ ଶକ୍ତି ଉତ୍ପାଦନ କରୁଥିବା ଷ୍ଟାର୍ଟଅପ୍‌ଗୁଡ଼ିକ ୨୦୨୩ରେ କେବଳ ୩୦୦ ମିଲିୟନ ଡଲାର ପାଇଛନ୍ତି। ଏପରିକି ଭାସମାନ ୱିଣ୍ଡ୍ ଟର୍ବାଇନ ବୃଦ୍ଧି ଏବଂ ଜୁଆର ଓ ପବନରୁ ଅଧିକ ଶକ୍ତି ପାଇବା ପାଇଁ ବାର୍ଷିକ ନିବେଶ ୩୨ ଟ୍ରିଲିୟନ ଡଲାର ଦରକାର। ଏହା ୨୦୫୦ ସୁଦ୍ଧା କାର୍ବନ ନିର୍ଗମନ ହ୍ରାସ କରିବାରେ ବି ସାହାଯ୍ୟ କରିବ। ଏକ ଉନ୍ନତ ବଜାର, ବିକଶିତ ଉପକୂଳ ସମୁଦାୟ ଏବଂ ସମୃଦ୍ଧ ମହାସାଗର ପରିସଂସ୍ଥାର ଏକ ଭଲ ଚକ୍ର ସୃଷ୍ଟି କରୁଥିବା ଭବିଷ୍ୟତ ବିଷୟରେ ଚିନ୍ତା କରିବା କଷ୍ଟକର ନୁହେଁ। ଯଦି ସାମୁଦ୍ରିକ ଜୀବଙ୍କୁ ଶିଳ୍ପ ପ୍ରଦୂଷଣମୁକ୍ତ କରାଯାଏ, ଅନିୟନ୍ତ୍ରିତ ମାଛଧରା ବନ୍ଦ କରାଯାଏ ଏବଂ ଏକ ଉତ୍ତରଦାୟୀ ଜଳକୃଷି ଉପରେ ଗୁରୁତ୍ୱ ଦିଆଯାଏ, ତେବେ ନିରନ୍ତର ସାମୁଦ୍ରିକ ଖାଦ୍ୟ ଉତ୍ପାଦନ ସମ୍ଭବ ହେବ। କିନ୍ତୁ ନିବେଶକମାନେ ପରିବର୍ତ୍ତନ ଆଣିବାକୁ ଆଗକୁ ବଢୁନାହାନ୍ତି। ସ୍ୱଳ୍ପ ମିଆଦୀ ଲାଭ ଆଶା ଏବଂ ଦୀର୍ଘ ମିଆଦୀ ମୂଲ୍ୟ ସୃଷ୍ଟି କରିବା ମଧ୍ୟରେ ଅସନ୍ତୁଳନ ରହୁଛି। କିନ୍ତୁ ଏବେ ୭ରୁ ୧୦ ବର୍ଷ ଅବଧି ଯାଏ ସଂସ୍ଥାଗତ ପୁଞ୍ଜି ସୀମିତ ରହିଛି।

ଏହି ପରିପ୍ରେକ୍ଷୀରେ, ଯେଉଁ ବ୍ୟକ୍ତିମାନଙ୍କ ମୋଟ ସମ୍ପତ୍ତି ୨୦୨୪ରେ ୯୦.୫ ଟ୍ରିଲିୟନ ଡଲାରରେ ପହଞ୍ଚିଛି, ସେମାନେ ଏକ ଅପ୍ରଯୁକ୍ତ ନିବେଶକ ଆଧାରର ପ୍ରତିନିଧିତ୍ୱ କରନ୍ତି। ତେବେ ସମ୍ପତ୍ତି ଆବଣ୍ଟନର ପୁନର୍ଗଠନ କରି ଆସନ୍ତା ଦୁଇ ଦଶନ୍ଧିରେ ଆର୍ଥିକ ପ୍ରଭାବଶାଳୀ ଏଇ ବ୍ୟକ୍ତିମାନେ ସେମାନଙ୍କ ପିଲା ଓ ନାତିଙ୍କୁ ୮୩ ଟ୍ରିଲିୟନ ଡଲାର ହସ୍ତାନ୍ତର କରିବେ ବୋଲି ଆଶା କରାଯାଏ। ଏମାନଙ୍କ ମଧ୍ୟରୁ ଅନେକ ବ୍ୟକ୍ତି ପରିବାର ମାଧ୍ୟମରେ ସେମାନଙ୍କ ସମ୍ପତ୍ତି ପରିଚାଳନା କରିଥାନ୍ତି, ଯେଉଁଥିପାଇଁ ସବୁ କ୍ଷେତ୍ରରେ ପୁଞ୍ଜି ବିନିଯୋଗ କରିବା ସକାଶେ ସେମାନେ ଭଲ ସ୍ଥିତିରେ ଅଛନ୍ତି। ମହାସାଗର ଅର୍ଥ ବ୍ୟବସ୍ଥାରେ ସକାରାତ୍ମକ ପରିବର୍ତ୍ତନ ଲାଗି ପଦକ୍ଷେପ ନେଇ ଲାଭ ପାଇବା ନିମନ୍ତେ ସେମାନଙ୍କ ନିକଟରେ ସାଧନ ଓ ଦକ୍ଷତା ରହିଛି। ଜୁନ୍‌ରେ ମୋନାକୋରେ ତୃତୀୟ ଜାତିସଂଘ ମହାସାଗର ସମ୍ମିଳନୀର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ବ୍ଲୁ ଇକୋନୋମୀ ଆଣ୍ଡ୍ ଫାଇନାନ୍ସ ଫୋରମ ମହାସାଗରରେ ସକାରାତ୍ମକ ପ୍ରୋଜେକ୍ଟଗୁଡ଼ିକରେ ନିବେଶ କ୍ଷମତାକୁ ପ୍ରଦର୍ଶନ କରିଥିଲା। ବ୍ରାଜିଲର ବେଲେମ୍‌ରେ ଆୟୋଜିତ ଜାତିସଂଘ ଜଳବାୟୁ ସମ୍ମିଳନୀ ସେହି ଦୃଷ୍ଟିକୋଣକୁ ପ୍ରତିପାଦିତ କରିବା ସହ ମହାସାଗରକୁ ଏକ ଗୁରୁତ୍ୱପୂର୍ଣ୍ଣ ଜଳବାୟୁ ନିୟନ୍ତ୍ରକ ଏବଂ ଗୁରୁତ୍ୱପୂର୍ଣ୍ଣ ନିବେଶ ସୁଯୋଗ ଭାବେ ଦର୍ଶାଇଛି।

ଏହି ସୁଯୋଗରୁ ଲାଭ ଉଠାଇବାକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ସମର୍ଥନ ଲୋଡ଼ା। ମହାସାଗର ପାଣ୍ଠି ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ତଥା ମୌଳିକ ଢାଞ୍ଚା ପ୍ରସ୍ତୁତ କରିବାକୁ ପଡ଼ିବ। ମହାସାଗରକୁ ପୁନର୍ଗଠନ କରିବା ସହ ଏହା ଶକ୍ତିକୁ ବୃଦ୍ଧି କରିବା ପାଇଁ ନିବେଶକୁ ଚାହିଁ ଏକ ବିଜ୍‌ନେସ୍ ମଡେଲ ଆପଣାଇବାକୁ ହେବ। ସମ୍ମିଳିତ ବିତ୍ତୀୟ ବ୍ୟବସ୍ଥା, ରିହାତି ପୁଞ୍ଜି ଯୋଗାଣ ସବୁ ଦିଗରେ ନିବେଶକଙ୍କୁ ସାହାଯ୍ୟ କରିବ। ମହାସାଗର ସୁରକ୍ଷା ଏକ ନୈତିକ ଆବଶ୍ୟକତା ଏବଂ ଏହା ମଧ୍ୟ ଏକ ସ୍ମାର୍ଟ ବିତ୍ତୀୟ ରଣନୀତି। ମହାସାଗରର ପରିସଂସ୍ଥା ଓ ଉପକୂଳ ସମୁଦାୟଗୁଡ଼ିକ ଉପରେ ନିବେଶ ହେଉଛି ଆଗାମୀ ଦିନର ସୁରକ୍ଷା କବଚ। ଯେଉଁମାନେ ଆରମ୍ଭରୁ ପଦକ୍ଷେପ ନେଇଛନ୍ତି, ସେମାନେ ପ୍ରକ୍ରିୟା ସ୍ଥିର କରିବା ସହ ମାନକ ନିର୍ଦ୍ଧାରଣ କରିବେ ଏବଂ ଲାଭ ପାଇବେ। ‘ସୁସ୍ଥ ମହାସାଗର ହିଁ ସୁସ୍ଥ ପୃଥିବୀ’– ଏହା ହେଉଛି ସବୁ ଆର୍ଥିକ ମୂଲ୍ୟର ଆଧାର। ତେବେ ପ୍ରଶ୍ନ ହେଉଛି ଧନିକଙ୍କ ପରିବାର, ସହାୟତା ଯୋଗାଉଥିବା ବ୍ୟକ୍ତି ବା ସଂସ୍ଥା, ପେନ୍‌ସନ ଫଣ୍ଡ୍ କିମ୍ବା ଅନ୍ୟ ଘରୋଇ ନିବେଶ ସଂସ୍ଥାଗୁଡ଼ିକରେ ଥିବା ପୁଞ୍ଜି ପରିଚାଳନାକାରୀମାନେ କିଭଳି ବ୍ଲୁ ଇକୋନୋମୀ ସହ ଜଡ଼ିତ ହେବା ଦରକାର।

# ବ୍ୟସ୍ତ ହୁଅନ୍ତୁନି, ମୁଁ ଅଛି



ଯତିଦାନନ୍ଦ ଦାଶ

ଗତ କିଛିଦିନ ତଳେ ଆଧାର କାର୍ଡ ନବୀକରଣ କରିବା ପାଇଁ ସକାଳ ୯ଟା ସମୟରେ ଘରୁ ବାହାରିପଡିଲି। ଆଧାର କାର୍ଡ ନବୀକରଣ ଚାନ୍ଦିନୀଚୌକ ନିକଟସ୍ଥ ସବ୍‌ପୋଷ୍ଟ ଅଫିସରେ ହେଉଥାଏ। କିଛି ସମୟ ମଧ୍ୟରେ ସେଠାରେ ପହଞ୍ଚି ଦେଖେ ତ ସ୍ଥିରୀକୃତ କାର୍ଯ୍ୟ ପାଇଁ ଏକ ଲମ୍ବା ଧାଡ଼ି ଲୋକମାନେ କରିଚାଲିଛନ୍ତି। ମୁଁ ନିଜେ ଲାଇନରେ ଠିଆ ହୋଇଗଲି। ଲାଇନରେ ଠିଆ ହୋଇଥିବା ଲୋକଙ୍କ ମଧ୍ୟରେ କିଛି ବରିଷ୍ଠ ନାଗରିକ ଏବଂ ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କୁ ଦେଖିବାକୁ ପାଇଲି। ଖରାରେ ଧାଡ଼ିରେ ସେମାନେ ଅପେକ୍ଷା କରିଥିବାର ଦେଖି ମୋତେ ଖୁବ୍ କଷ୍ଟ ଲାଗିଲା। ବରିଷ୍ଠ ନାଗରିକ ମଧ୍ୟରୁ ଜଣେ ହୃଦ୍‌ରୋଗୀ ଥିଲେ, ଧାଡ଼ିରେ ଠିଆ ହୋଇଥିବା ସମୟରେ ଭଦ୍ରବ୍ୟକ୍ତି ଜଣକ କିଛି ସମୟ ତଳେ ପଡ଼ି ବେହୋସ ହେବାର ଦୃଶ୍ୟମାନ ହେଲା। ସଙ୍ଗେ ସଙ୍ଗେ ତାଙ୍କ ମୁହଁରେ ପାଣି ଛାଟିଲା ଫଳରେ ଚେତା ଫେରିଆସିଲା। ତା’ପରେ ବରିଷ୍ଠ ନାଗରିକ ଜଣଙ୍କୁ ଏକ ଖାଲି ପଡ଼ିଥିବା ଚେୟାରରେ ବସେଇ ଦେଲି। ଜଣେ, ଦୁଇଜଣ ମହିଳା ବରିଷ୍ଠ ନାଗରିକ ମଧ୍ୟ ଲାଇନରେ ଥା’ନ୍ତି। ମଝିରେ ମଝିରେ କିଛି ଯୁବା ଓ ପ୍ରୌଢ଼ ଶ୍ରେଣୀର ଲୋକ ପାଟିତୁଣ୍ଡ କରିବାରେ ଏବଂ କାର୍ଯ୍ୟରେ ନିୟୋଜିତ ହୋଇଥିବା କର୍ମଚାରୀଙ୍କୁ ଗାଳି କରିବାରେ ମଜ୍ଜି ଯାଉଥିଲେ। କାରଣ ଦରକାରଠାରୁ କମ୍ ଷ୍ଟାଫ୍‌ମାନଙ୍କୁ ନେଇ କାମ ଚାଲିଥାଏ। ଇତିମଧ୍ୟରେ ମୁଁ ବରିଷ୍ଠ ନାଗରିକ ମହିଳା ଏବଂ ଶାରୀରିକ ଅକ୍ଷମ ବ୍ୟକ୍ତିମାନଙ୍କୁ ଆଗ ଛାଡ଼ି ଦେବା ପାଇଁ ନିୟୋଜିତ ଅଧିକାରୀଙ୍କୁ ଅନୁରୋଧ କଲି। ମାତ୍ର କିଛି ଫଳ ମିଳିଲା ନାହିଁ। କିଛି ସମୟ ପରେ ଜଣେ ଅଧିକାରୀ ଆସି ଖୁବ୍ ଜୋରରେ ପାଟିକରି କହିଲେ, ବ୍ୟସ୍ତ ହୁଅନ୍ତୁନି, ମୁଁ ଅଛି। ‘ବହୁତ ଶୀଘ୍ର ଆପଣମାନଙ୍କ କାମ ହୋଇଯିବ।’ ଅଧିକାରୀ ମହାଶୟଙ୍କ ଏପରି କଡ଼ା କଥା ଶୁଣି ଲୋକେ ପୂରା ନୀରବ ହୋଇଗଲେ। ତା’ପରେ ଅଧିକାରୀ ଜଣକ ନିଜେ ବାହାରକୁ ଆସି ତିନୋଟି ପୃଥକ୍ ଧାଡ଼ି କରିବା ପାଇଁ ଆହ୍ୱାନ କଲେ। ପ୍ରଥମ ଧାଡ଼ି ବରିଷ୍ଠ ନାଗରିକ ଓ ଶାରୀରିକ ଅକ୍ଷମଙ୍କ ପାଇଁ, ଦ୍ୱିତୀୟଟି ମହିଳା ଏବଂ ତୃତୀୟଟି ଅନ୍ୟମାନଙ୍କ ପାଇଁ। ତା’ପରେ ସୁରୁଖୁରୁରେ କାମ ଆରମ୍ଭ ହେଲା। ପାଠକେ, ପ୍ରକୃତରେ ‘ବ୍ୟସ୍ତ ହୁଅନ୍ତୁନି ମୁଁ ଅଛି’ ଉଚ୍ଚସ୍ୱରରେ ଉଚ୍ଚାରଣଟି ଲୋକଙ୍କ ମନରେ ଆଚରଣର ପରିବର୍ତ୍ତନ ନେଇଆସିଲା।

ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଏ ପ୍ରକାର ଆଶ୍ୱାସନାର ବାଣୀ ସାଧାରଣ ଲୋକଙ୍କ ମନରେ ଆନନ୍ଦ, ଖୁସି ଓ ଶାନ୍ତି ଆଣି ଦେଇଥାଏ। ବିଶେଷତଃ ବରିଷ୍ଠ ନାଗରିକ ଓ ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କ ପ୍ରତି ଆମେମାନେ ସହାନୁଭୂତି ସହିତ ସମ୍ବେଦନଶୀଳ ହେବା ଦରକାର। ଯତ୍ନ ସହକାରେ ସେମାନଙ୍କର କାର୍ଯ୍ୟ ସମ୍ପନ୍ନ କରିଦେବା ଉଚିତ। ସେମାନଙ୍କୁ ମାନସିକ ଆଘାତ ଦେଲାଭଳି କଥା କହିବା ଉଚିତ ନୁହେଁ ଏବଂ ତତ୍‌ସଙ୍ଗେ ସେମାନଙ୍କର ସମ୍ମାନ ଉପରେ ଆମେମାନେ ଧ୍ୟାନ ଦେବା ଉଚିତ। କାରଣ ବରିଷ୍ଠ ନାଗରିକମାନେ ଦେଶରେ ହିତ ପାଇଁ ନିଜର ଜ୍ଞାନ, ଅଭିଜ୍ଞତା ଏବଂ କଠିନ ପରିଶ୍ରମର ଅବଦାନ ଚିରସ୍ମରଣୀୟ। ବରିଷ୍ଠ ନାଗରିକମାନଙ୍କର ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ଅବସ୍ଥା ଏବଂ ବୟସାନୁଭିତ୍ତିକ ଭାବପ୍ରବଣତାକୁ ସହାନୁଭୂତି ନ ଦେଖାଇ ସମାନୁଭୂତି ପ୍ରଦର୍ଶନ କରିବା ଉଚିତ, ଯାହାଦ୍ୱାରା ସେମାନେ ସମ୍ଭବ୍ୟ ବ୍ୟକ୍ତିତ୍ୱ, ବୁଦ୍ଧିଗତ ଅକ୍ଷମତା ଓ ଶାରୀରିକ ଅସୁସ୍ଥତା ଇତ୍ୟାଦିର ଶିକାର ହୋଇପାରିବେ ନାହିଁ। ସେମାନଙ୍କ ସହିତ କିଛି ସମୟ ବିତେଇବା ଦରକାର, ଯାହାଫଳରେ ବରିଷ୍ଠମାନେ ବୁଝିପାରିବେ ଯେ ଲୋକେ ସେମାନଙ୍କୁ ଭଲ ପାଆନ୍ତି ଏବଂ ପରିଣତ ଜୀବନର ମୂଲ୍ୟ ଦେଇପାରୁଛନ୍ତି। ସଦାବେଳେ ବରିଷ୍ଠମାନଙ୍କୁ ଖାଇବା, ବୁଲିବା, ଖେଳିବାରେ ସ୍ୱାଧୀନତା ଦେବା ସଙ୍ଗେ ସଙ୍ଗେ ପ୍ରଥମେ ସେମାନଙ୍କର ପସନ୍ଦକୁ ସମ୍ମାନ ଦେବା ଉଚିତ। ସଂଘ ମାଧ୍ୟମରେ ସେମାନଙ୍କୁ ବହି ପଢ଼ିବା ପାଇଁ ଦେବା, ସୁନ୍ଦର ଭ୍ରମଣ ସ୍ଥାନମାନ ବୁଲେଇନେବା ଇତ୍ୟାଦିରେ ପ୍ରୋତ୍ସାହନ ଦିଆଯିବା ଉଚିତ।

ଠିକ୍ ସେହିପରି ଶାରୀରିକ ଅକ୍ଷମ ବ୍ୟକ୍ତି, ବିକଳାଙ୍ଗ ଲୋକମାନଙ୍କୁ ମଧ୍ୟ ସହାନୁଭୂତି ପ୍ରଦର୍ଶନ ଅନିବାର୍ଯ୍ୟ। ସେମାନଙ୍କ ମାନସିକ ସ୍ଥିତି ଓ ଭାବପ୍ରବଣତାକୁ ଆଘାତ ଦେବା ଉଚିତ ନୁହେଁ। ସେମାନଙ୍କର କୌଣସି କାର୍ଯ୍ୟାଳୟରେ କିଛି କାମ ଥିଲେ, ତାହା ତୁରନ୍ତ ପ୍ରାଥମିକତା ଦେଇ ସମ୍ପାଦନ କରିଦେବା ଆବଶ୍ୟକ। ତୃତୀୟତଃ ଅସହାୟଙ୍କୁ ସାହାଯ୍ୟ କରିବା ପାଇଁ ବ୍ୟକ୍ତିବିଶେଷ ହେଉ ବା କୌଣସି ସଂଗଠନ ହେଉ, ଉଭୟେ ଆଗଭର ହୋଇ ବାହାରି ଆସିବା ଉଚିତ। ଫଳରେ ଅସହାୟ ଲୋକଟିର ମନରେ ବଞ୍ଚିବାର ପ୍ରୟାସ ଓ ଉତ୍ସାହ ଜନ୍ମିବାକୁ ଲାଗିବ। ଶେଷରେ ‘ବ୍ୟସ୍ତ ହୁଅନ୍ତନି, ମୁଁ ଅଛି’ର ତାତ୍ପର୍ଯ୍ୟକୁ ହୃଦୟଙ୍ଗମ କରିପାରିବା ଯଦି ଆମେ ଉପରୋକ୍ତ ଧାରା ଅନୁସାରେ ବରିଷ୍ଠ ନାଗରିକ, ଅସହାୟ ବୃଦ୍ଧଲୋକ, ଦିବ୍ୟାଙ୍ଗଙ୍କ ହୃଦୟ ଓ ମନକୁ ଜିଣି ସେମାନଙ୍କ ଉନ୍ନତି ପାଇଁ କିଛି କରିପାରିବା।

ସିଡିଏ, କଟକ
ମୋ: ୭୦୦୮୬୫୦୬୯୩

## ଏଇ ଭାରତରେ

ଇଚ୍ଛାଶକ୍ତି ଥିଲେ ପରିଣତ ବୟସର ଅବସନ୍ନତା ଅପସରିଯାଏ। ପୁଣି ଜୀବନ ଚଳଚଞ୍ଚଳ ହୋଇଉଠେ। କାର୍ଯ୍ୟଦକ୍ଷତା ବଜାୟ ରହେ। ମଣିଷ ଥକିଯିବା ବଦଳରେ ଥୋଡାଏ କାମ କରେ କିମ୍ବା ଲକ୍ଷ୍ୟ ହାସଲ କରିବା ପାଇଁ ସକ୍ରିୟ ହୋଇଉଠେ। ଏଇ ଯେମିତି କେରଳର ୭୦ ବର୍ଷ ବୟସ୍କା ଇନ୍ଦିରା ଏମ୍ ୩୫ଟି ଦେଶ ଭ୍ରମଣ କରିସାରିଲେଣି। ସେ ଏହି ଯାତ୍ରା ୬୦ ବର୍ଷ ବେଳକୁ ଆରମ୍ଭ କରିଥିଲେ। ସବୁ ଦେଶକୁ ସେ ଏକୁଟିଆ ଯାଉଛନ୍ତି। ୨୦୧୫ରେ ସେ ପ୍ରଥମେ ଦକ୍ଷିଣ ଆଫ୍ରିକାର ସ୍କାଭାନ୍ନାକୁ ଯାତ୍ରା କରିଥିଲେ ଏବଂ ତା’ପରଠାରୁ ବିଦେଶ ଭ୍ରମଣ ଜାରି ରଖିଛନ୍ତି। ବିବାହ ପୂର୍ବରୁ ଇନ୍ଦିରା ବିଦେଶ ଭ୍ରମଣ କରିବାକୁ ଚାହୁଁଥିଲେ, କିନ୍ତୁ ଏଥିରେ ଅର୍ଥ ବାଧକ ସାଜିଥିଲା। ପରେ ପିଲା ଓ ପରିବାର ଯତ୍ନ ନେବାରେ ବ୍ୟସ୍ତ ରହିଲେ। ପିଲାମାନେ ଯୋଗ୍ୟ ହେବା ପରେ ସେ ଏକୁଟିଆ ବିଦେଶ ଭ୍ରମଣ ଆରମ୍ଭ କରିଥିଲେ। ଏଭଳି ଯାତ୍ରାରେ ଅତ୍ୟଧିକ ଖର୍ଚ୍ଚ ହେଉଥିଲେ ମଧ୍ୟ ସେ ଏଥିରୁ ଓହରିବାକୁ ଚାହିଁ ନ ଥିଲେ। ବଡ଼ କଥା ହେଉଛି ସେ ଯେଉଁ ଦେଶକୁ ଯାଉଛନ୍ତି ସେଠାକାର କଳା, ସଂସ୍କୃତି ଓ ଚଳଣି ବିଷୟରେ ଜାଣିବା ସହ ନୂଆ ବନ୍ଧୁତ୍ୱ ସୃଷ୍ଟି କରିପାରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୫ ଡିସେମ୍ବର ୧୯୭୬

- ରାଜ୍ୟରେ ‘ଗ୍ରାମ ସ୍ୱରାଜ୍ୟ’ ସଙ୍ଗଠନକୁ ଦୃଢ଼ କରିବା ନିମନ୍ତେ ଓଡ଼ିଶା ସର୍ବୋଦୟ ପରିଷଦ ନାମରେ ଏକ ନୂତନ ସଙ୍ଗଠନ ଗଠିତ।
- ଆମେରିକା ଇସ୍ରାଏଲକୁ ୩୦୦ଟି ପର୍ଯ୍ୟନ୍ତ ନୂତନ କେ–୧୬ ଜେଟ ଲଢୁଆ ବିମାନ ବିକ୍ରୟ ନିମନ୍ତେ ନୀତିଗତ ଭାବେ ନିଷ୍ପତ୍ତି ଗ୍ରହଣ କରିଛି।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | 6 | | 7 | |
| | | 2 | | 4 | | | 3 | 9 |
| | | | | | | 5 | | |
| 1 | 8 | | | 9 | 2 | | | |
| | | 4 | | | | | | 7 |
| | 7 | | | | | | 8 | |
| | | | | | | | | |
| | | 6 | 3 | | 9 | | 5 | |
| | | 5 | | | | 9 | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 4 | 5 | 1 | 7 | 9 | 6 | 2 | 3 |
| 7 | 2 | 1 | 6 | 3 | 4 | 5 | 8 | 9 |
| 3 | 9 | 6 | 8 | 5 | 2 | 7 | 4 | 1 |
| 5 | 8 | 3 | 7 | 9 | 1 | 4 | 6 | 2 |
| 1 | 6 | 9 | 4 | 2 | 5 | 8 | 3 | 7 |
| 4 | 7 | 2 | 3 | 8 | 6 | 9 | 1 | 5 |
| 2 | 1 | 8 | 5 | 4 | 7 | 3 | 9 | 6 |
| 6 | 3 | 7 | 9 | 1 | 8 | 2 | 5 | 4 |
| 9 | 5 | 4 | 2 | 6 | 3 | 1 | 7 | 8 |

ଗତକାଲିର ଉତ୍ତର

# ପରମ୍ପରାରେ ସୁନାର ମହତ୍ତ୍ୱ



ଦୋଳଗୋବିନ୍ଦ ମହାପାତ୍ର

ବିଶ୍ୱର ପ୍ରାୟ ସମସ୍ତ ରାଷ୍ଟ୍ରରେ ସୁନା ପ୍ରତି ବିଶେଷ ଆକର୍ଷଣ ରହିଆସିଛି। ସୁନା ପ୍ରତି ଥିବା ଅହେତୁକ ମୋହ ଅନ୍ୟ କୌଣସି ଧାତୁଠାରେ ଦେଖିବାକୁ ମିଳେ ନାହିଁ। ସୁନା ତୁଳନାରେ ଅନ୍ୟାନ୍ୟ ମୂଲ୍ୟବାନ ସମ୍ପଦଗୁଡ଼ିକର ନଗଦମୁଦ୍ରା (ଲିକ୍ୱିଡିଟି) ସ୍ୱଳ୍ପ। ଜମି, କୋଠାଘର କିମ୍ବା ଅନ୍ୟାନ୍ୟ ମୂଲ୍ୟବାନ ଦ୍ରବ୍ୟ ତୁଳନାରେ ସୁନା ବିନା କ୍ଷତିରେ ହସ୍ତାନ୍ତରିତ ହୋଇପାରେ। ଏହା କେବଳ ଏକ ମୂଲ୍ୟବାନ ଧାତୁ ନୁହଁ ଏହା ମଧ୍ୟ ଏକ ଭରସାଯୋଗ୍ୟ ପରିସମ୍ପତ୍ତି। ଆର୍ଥିକ ସଙ୍କଟ ସମୟରେ ଏହା ଉଭୟ ପରିବାର ଓ ରାଷ୍ଟ୍ର ପାଇଁ ସର୍ବଶେଷ ଆଶ୍ରୟ। ସୁନା ଶାରୀରିକ ସୋନ୍ଦର୍ଯ୍ୟ, ଶକ୍ତି, ସୁରକ୍ଷା, ସୌଭାଗ୍ୟ ଓ ସମ୍ମାନର ପ୍ରତୀକ। ଆମ ଦେଶରେ ନାରୀ ଓ ପୁରୁଷମାନଙ୍କର ଆଭୂଷଣ ନିମନ୍ତେ ସୁନା ଅଧିକ ଆଦୃତ। ବଜାରରେ ଅନ୍ୟାନ୍ୟ ଉତ୍ପାଦିତ ଦ୍ରବ୍ୟଗୁଡ଼ିକ ଉତ୍ପାଦନ ବ୍ୟୟ ସହ ବିଭିନ୍ନ ଟିକସ ଯୁକ୍ତ ହୋଇ ଏକ ନର୍ଦ୍ଦିଷ୍ଟ ଦରରେ ଉପଲବ୍ଧ ହୋଇଥାଏ କିନ୍ତୁ ସୁନା ଅଳଙ୍କାର କ୍ଷେତ୍ରରେ ଉଭୟ ଧାତୁ ମୂଲ୍ୟ ଓ ଗଢ଼ା ମୂଲ୍ୟ ଅଲଗା ଅଲଗା ଦେବାକୁ ହୋଇଥାଏ।

ଭାରତରେ ସୁନାର ବଜାର ବିଶ୍ୱରେ ବୃହତ୍ତମ। ଉତ୍ତମ ମୂଲ୍ୟର ସଞ୍ଚୟକ ଭାବେ ସୁନା ସମସ୍ତ ପର୍ବପର୍ବାଣି, ଉତ୍ସବ ଓ ପରମ୍ପରାର ମୌଳିକ ତଥା ଅବିଚ୍ଛେଦ୍ୟ ଅଂଶ। ହିନ୍ଦୁ ଓ ଜୈନ ସଂସ୍କୃତିରେ ସ୍ୱର୍ଣ୍ଣ ଧାତୁକୁ ଶୁଭ ବୋଲି ବିବେଚନା କରାଯାଏ। ପବିତ୍ର ସାମାଜିକ ଅନୁଷ୍ଠାନ ଯଥା ବ୍ରତ ଓ ବିବାହ ଉତ୍ସବରେ ସୁନା ଅଳଙ୍କାରର ଆବଶ୍ୟକତା ଅଧିକ। ସୁନା ପରିବାର ଓ କନ୍ୟାର ନିରାପଦ ଭବିଷ୍ୟତ,ସମୃଦ୍ଧି ଓ ଆର୍ଥିକ ନିରାପତ୍ତାର ପ୍ରତୀକ ବୋଲି କେଉଁ ପୁରାତନ କାଳରୁ ବିଶ୍ୱାସ ରହିଛି। ଆମ ଦେଶରେ ବିବାହ ପରି ମାଙ୍ଗଳିକ ଉତ୍ସବରେ ସୁନାର ବାର୍ଷିକ ଚାହିଦା ପାଖାପାଖି ପଚାଶ ପ୍ରତିଶତ।

ଆଧୁନିକ ଅର୍ଥ ବ୍ୟବସ୍ଥାରେ ସୁନାର ଗୁରୁତ୍ୱ ବହୁ ଅଧିକ। ସୁବର୍ଣ୍ଣ ଧାତୁର ଏକ ଅନନ୍ୟ ମୌଳିକ ବୈଶିଷ୍ଟ୍ୟ ହେଲା ଏହାର ଅନ୍ତର୍ନିହିତ ମୂଲ୍ୟ। ଅନ୍ୟାନ୍ୟ ଧାତୁ ତୁଳନାରେ ଏହାର ଧାତବ କ୍ଷୟ ସ୍ୱଳ୍ପ। ଏହାର ଯୋଗାଣ ଆବଶ୍ୟକ ଚାହିଦାଠାରୁ କମ୍ ହୋଇଥିବାରୁ ସୁନା ଦୁର୍ଲଭ। ଅଳଙ୍କାର ବ୍ୟତୀତ ଉତ୍ତମ ମୁଦ୍ରାର ସମସ୍ତ ଗୁଣାବଳୀ ସୁନା କ୍ଷେତ୍ରରେ ଦେଖାଯାଏ। ମୂଲ୍ୟର ସଞ୍ଚୟକ, ବିନିମୟରେ ମାଧ୍ୟମ, ନମନୀୟତା, ସ୍ୱଳ୍ପ ଧାତୁରେ ବହୁ ମୂଲ୍ୟ ଧାରଣ,ସହଜ ବାହି ଆଦି ସମସ୍ତ ମୌଦ୍ରିକ ଗୁଣାବଳୀ ସୁନା ଧାତୁରେ ରହିଛି। ସୁନା ରାଷ୍ଟ୍ରର ଉଭୟ ମୂଲ୍ୟବାନ ସମ୍ପଦ ଓ ଆର୍ଥିକ ସ୍ୱାସ୍ଥ୍ୟର ସୂଚକ। ସୁନା ବନ୍ଧକ କ୍ଷେତ୍ରରେ ସହଜ ଋଣ, ସ୍ୱଳ୍ପ ସୁଧହାର ଓ ତୁରନ୍ତ ଋଣ ମଞ୍ଜୁରୀର ସୁଯୋଗ ରହିଛି। ସୁନା ନିର୍ଭରଯୋଗ୍ୟ ନିବେଶ,ସୁଗମ୍ୟ ଋଣର ଉତ୍ସ, ସାଂସ୍କୃତିକ ଓ ଆଳଙ୍କାରିକ ମହତ୍ତ୍ୱ ବହନ କରେ। ମୁଦ୍ରାସ୍ଫୀତି ତଥା ଅର୍ଥନୈତିକ ଅନିଶ୍ଚିତତାକୁ ମୁକାବିଲା କରିବା ସହ ପ୍ରତିକୂଳ ଦର ଚଳନ ହେତୁ ଯେଉଁ ସମ୍ଭାବ୍ୟ କ୍ଷତିର ସୂତ୍ରପାତ ହୁଏ ସେଥିରୁ ରକ୍ଷା ପାଇବା ନିମିତ୍ତ ସୁନା



ବିପଦ ପରିଚାଳନା କୌଶଳ(ହେଜିଂ) ରୂପେ କାର୍ଯ୍ୟ କରିଥାଏ। ଯେତେବେଳେ ମୁଦ୍ରାସ୍ଫୀତି ଉପରମୁହାଁ ହେବା ସହ କାଗଜ ମୁଦ୍ରାର କ୍ରୟ ଶକ୍ତି ହ୍ରାସ ପାଇବାକୁ ଲାଗେ ସେତେବେଳେ ସୁନା ଘରୋଇ ସମ୍ପଦକୁ ସୁରକ୍ଷା ଦେବାକୁ ଯାଇ ଏହାର ମୂଲ୍ୟକୁ ସ୍ଥିର ରଖେ। ସୁତରାଂ, ପାରମ୍ପରିକ ନିବେଶର ବିକଳ୍ପ ଭାବେ ଅନେକ ନିବେଶକ ସୁନାକୁ ପସନ୍ଦ କରିଥାନ୍ତି।

ବିଗତ କେତେ ବର୍ଷ ଧରି ଭାରତରେ ବଜାର ଧାରା (ଟ୍ରେଣ୍ଡ),ମୁଦ୍ରା ଚଳନ (କରେନ୍ସି ମୁଭମେଣ୍ଟ) ଓ ନିବେଶକଙ୍କ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଦି କେତେକ ଉପାଦାନ ଯୋଗୁ ସୁନାର ଦାମ ରକେଟ ଗତିରେ ବୃଦ୍ଧି ପାଉଛି। ପ୍ରଥମତଃ, ସାମ୍ପ୍ରତିକ ଭୂରାଜନୈତିକ ଘଟଣାବଳୀ, ବାଣିଜ୍ୟ ଯୁଦ୍ଧ ଓ କୁଟନୈତିକ ଚାପ ଆଦି ନିବେଶକଙ୍କୁ ମୂଲ୍ୟବାନ ଧାତୁ ସୁନା ଉପରେ ନିବେଶ କରିବା ନିମନ୍ତେ ବାଧ କରିଛି। ସେମାନେ ବଜାର ଅସ୍ଥିରତା ଯୋଗୁ ସୁନାକୁ ନିବେଶର ସୁରକ୍ଷିତ ମାଧ୍ୟମ ଭାବେ ବିବେଚନା କରୁଛନ୍ତି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଅଭିସନ୍ଧିମୂଳକ ପାରସ୍ପରିକ ଶୁଳ୍କ ଲାଗୁ କରିବା ଯୋଗୁ ସମଗ୍ର ବିଶ୍ୱରେ ଅସ୍ଥିରତା ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ନିବେଶକମାନେ ସୁରକ୍ଷିତ ନିବେଶ ଅନ୍ୱେଷଣରେ ରହୁଛନ୍ତି।

ଦ୍ୱିତୀୟତଃ,ଡଲାର ତୁଳନାରେ ଭାରତୀୟ ମୁଦ୍ରା ଟଙ୍କାର ମୂଲ୍ୟ ହ୍ରାସ ପାଉଛି, ଯଦ୍ୱାରା ଡଲାର ସମ୍ମୁଖରେ ଟଙ୍କା ଦୁର୍ବଳ ହୋଇପଡୁଛି। ସୁନା ଆମଦାନୀ ବ୍ୟୟ ବୃଦ୍ଧି ପାଇବା ଯୋଗୁ ସୁନା ଦର ଉପରମୁହାଁ ହେଉଛି। ସେଥିଯୋଗୁ ଭାରତୀୟ କ୍ରେତାମାନଙ୍କ ନିମନ୍ତେ ସୁନା କ୍ରୟ କରିବା ଅଧିକ ବ୍ୟୟ ସାପେକ୍ଷ ହୋଇଯାଉଛି। ତୃତୀୟତଃ,ବିଶ୍ୱରେ ଯୁଦ୍ଧ ସଙ୍କଟ ଭଳି ଆପତକାଳୀନ ପରିସ୍ଥିତି ମଧ୍ୟରେ ବୈଦେଶିକ ମୁଦ୍ରା ଭଣ୍ଡାରକୁ ଆଦର୍ଶ ସ୍ତରରେ ବଜାୟ ରଖିବା ପାଇଁ ସୁନା ଏକ ଅମୋଘ ଅସ୍ତ୍ର। ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ବିଶ୍ୱର ସମସ୍ତ କେନ୍ଦ୍ରୀୟ ବ୍ୟାଙ୍କ ସମୂହ ପାରମ୍ପରିକ ମୁଦ୍ରା ସଂରକ୍ଷଣ ପରିବର୍ତ୍ତେ ପ୍ରଚୁର ପରିମାଣରେ ସୁନା ମହଜୁଦ ରଖିବା ଯୋଗୁ ବଜାରରେ ସୁନା ଦର ଦେଶରେ ବୃଦ୍ଧି ପାଉଛି। ବିଗତ ଦୁଇ ବର୍ଷ ମଧ୍ୟରେ ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପାଖାପାଖି ୨୭ ଥର ସୁନା କିଣି ସାରିଛନ୍ତି। ଆମ ଦେଶରେ ଚଳିତ ବର୍ଷ ଏପ୍ରିଲ ମାସ ଠାରୁ ସୁନା ଦର କୂଳ ଲଙ୍ଘନ କରୁଛି।ପ୍ରତ୍ୟେକ ଦିନ ସୁନା ଦର ବୃଦ୍ଧି ରେକର୍ଡ ଭାଙ୍ଗୁଛି।ଏପ୍ରିଲ ମାସରେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ଏକ ଲକ୍ଷ ଅତିକ୍ରମ କରିଥିବା ବେଳେ ଚଳିତ ଅକ୍ଟୋବରରେ ତାହା ଏକ ଲକ୍ଷ କୋଡିଏ ହଜାରକୁ ବୃଦ୍ଧି ପାଇ ଇତିହାସ ରଚିଛି।

ସୁନା ପ୍ରତି ଥିବା ଭାବପ୍ରବଣତା, ଅହେତୁକ ଆକର୍ଷଣ ଓ ଦୁର୍ବାର ଲାଳସା ହିଁ ଦର ବୃଦ୍ଧିରେ ନିଆଁ ଲଗାଇ ଦେଉଛି। ଏହା ଆମ ସଂସ୍କୃତି ଓ ପରମ୍ପରାକୁ ଦୃଢ଼ ଭାବେ ସଂଯୋଗ କରିଛି। ଆଭୂଷଣ ପ୍ରବଣତା, ମାଙ୍ଗଳିକ କାର୍ଯ୍ୟ ତଥା ଧର୍ମ କାର୍ଯ୍ୟ ନିମନ୍ତେ ଗରିବଠାରୁ ଧନୀ ପର୍ଯ୍ୟନ୍ତ ସମସ୍ତେ ସୁନା କାମନା କରିଥାନ୍ତି। ଅର୍ଥଶାସ୍ତ୍ରରେ ସୁନା ମୂଲ୍ୟର ଏକ ବିରୋଧାଭାସ ରହିଛି। ସୁନାର ବିନିମୟ ମୂଲ୍ୟ ବହୁ ଅଧିକ, କିନ୍ତୁ ଏହା ଜୀବନ ରକ୍ଷା ନିମନ୍ତେ ଜରୁରୀ ନୁହଁ, ଅର୍ଥାତ ଏହାର ବ୍ୟବହାରିକ ମୂଲ୍ୟ ନାସ୍ତି। ସୁନା ଦର ଆକାଶଛୁଆଁ ହେବା ସତ୍ତ୍ୱେ ମଧ୍ୟ ଲୋକଙ୍କର ଏହା ପ୍ରତି ମୋହ ଭଙ୍ଗ ହେଉନାହିଁ। ସୁନାର ଦର ଯେଭଳି ହୁ ହୁ ହୋଇ ବଢୁଛି ସେଥିରୁ ପ୍ରତୀୟମାନ ହେଉଛି ଯେ ଏହାର ମୂଲ୍ୟ ସାଧାରଣ ସ୍ତରକୁ ପୁନର୍ବାର ଖସି ଆସିବା ସମ୍ଭବ ନୁହେଁ। ଭାରତ ଭଳି ଏକ ସୁନା ଆମଦାନୀକାରୀ ରାଷ୍ଟ୍ର ନିମନ୍ତେ ଆର୍ଥିକ ସ୍ଥିରତା ଯେ ନିଶ୍ଚିତ ବାଧାପ୍ରାପ୍ତ ହେବ ଏଥିରେ ସନ୍ଦେହର ଅବକାଶ ନାହିଁ।

ଅବସରପ୍ରାପ୍ତ ପ୍ରାଧ୍ୟାପକ
ମୋ:୯୪୩୮୧୯୨୨୨୪

## ପାଠକ ଶ୍ରେଷ୍ଠ ବିଚାରକ

### ବିପଦ ସାଜୁଛି ସେକେଣ୍ଡ ହାଣ୍ଡ ମୋବାଇଲ

ମହାଶୟ,

ସେକେଣ୍ଡ ହାଣ୍ଡ ମୋବାଇଲ କିଣୁଥିଲେ ସାବଧାନ ହୁଅନ୍ତୁ। କାରଣ ଏହି ମୋବାଇଲକୁ ପୂର୍ବରୁ ଅପରାଧୀ ଏବଂ ସାଇବର ଠକ ବ୍ୟବହାର କରିଥାଇପାରନ୍ତି। ତେଣୁ ସେକେଣ୍ଡ ହାଣ୍ଡ ମୋବାଇଲ କିଣିବା ସମୟରେ ସଚେତନ ହେବାକୁ ପୋଲିସ ଲୋକଙ୍କୁ ସତର୍କ କରୁଛି, ତଥାପି ଲୋକମାନେ ଚେତୁନାହାନ୍ତି। ଅପରାଧୀମାନେ ପ୍ରଥମେ ବ୍ୟବହାର କରୁଥିବା ମୋବାଇଲ ମାଧ୍ୟମରେ ଅପରାଧ ଘଟାଇବା ପରେ ସେମାନେ ସେହି ଫୋନକୁ ଶସ୍ତାରେ ବିକ୍ରି କରିଦେଉଛନ୍ତି। ଏହି ମୋବାଇଲକୁ ସାଧାରଣ ଲୋକ କିଣି ଫସିଯାଉଛନ୍ତି। ସାଇବର ଠକ ଏବେ ଠକେଇ ପାଇଁ ସେକେଣ୍ଡ ହାଣ୍ଡ ମୋବାଇଲ ଫୋନର ସାହାରା ନେଉଛନ୍ତି। ସେମାନେ କମ୍ ଦାମରେ ମୋବାଇଲ କିଣି ସେଥିରେ ଭିନ୍ନ ଏକ ଆପ୍ ଇନ୍‌ଷ୍ଟଲ କରି ଦେଉଛନ୍ତି। ଏହି ମୋବାଇଲକୁ ପରେ ଅନ୍ୟ ଜଣେ ବ୍ୟକ୍ତି ଶସ୍ତାରେ ପାଇ କିଣି ନେଉଛନ୍ତି। ଏଥିରେ ସେ ଫୋନ ପେ’ଠାରୁ ଆରମ୍ଭ କରି ଗୁଗ୍‌ଲ ପେ’ ଇନ୍‌ଷ୍ଟଲ କରୁଛନ୍ତି। କିନ୍ତୁ ଅପରାଧୀ ଉକ୍ତ ମୋବାଇଲରେ ପୂର୍ବରୁ ଇନ୍‌ଷ୍ଟଲ କରିଥିବା ଆପ୍ ମାଧ୍ୟମରେ ସେ ଗୁଗ୍‌ଲ ଏବଂ ଫୋନ ପେ’ର ସମସ୍ତ ପାସ୍‌ୱାର୍ଡ ଜାଣି ଆକାଉଣ୍ଟ ଖାଲି କରି ନେଇ ଯାଉଛନ୍ତି।

–ଗଙ୍ଗାଧର ସାମଲ, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ

## ଚିରନ୍ତନୀ

ଆକାଶେ ଅଶନି ଡାକିଗଲା ଦୁରୁଦୁରୁ
ମରମେ ବାଜିଲା ବରଷା ବେଦନା ଗୁରୁ
ରସର ଆବେଶେ ନୟନ ହୋଇଛି ଭାରି
ଦଶନର ହାସେ ନାଚି ଉଠେ ଚାରୁ ଭୁରୁ।
–(ରୂପର ମୋହ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜଳବାୟୁ ପରିବର୍ତ୍ତନ ଓ ମୃତ୍ତିକା ସୁରକ୍ଷା



ଉତ୍ତାପ, ବୃଷ୍ଟିପାତ ଏବଂ ବାୟୁ ପ୍ରବାହ ଜଳବାୟୁର ମୁଖ୍ୟ ତିନିଗୋଟି ଉପାଦାନ। ଉକ୍ତ ଉପାଦାନଗୁଡ଼ିକ ମଧ୍ୟରେ ଅସମାନତା ଦେଖାଦେଲେ ଜଳବାୟୁର ପରିବର୍ତ୍ତନ ଘଟେ। ଏଥିମଧ୍ୟରୁ ଉତ୍ତାପ ଜଳବାୟୁ ପରିବର୍ତ୍ତନର ମୁଖ୍ୟ ଭୂମିକା ନେଇଥାଏ। ଉତ୍ତାପର ପ୍ରଭାବ ଦୁଇ ପ୍ରକାର, ଯଥା ପ୍ରାକୃତିକ ଏବଂ ମନୁଷ୍ୟକୃତ। ସୂର୍ଯ୍ୟଙ୍କର ଉପସ୍ଥିତିକୁ ନେଇ ଉତ୍ତାପର ବୃଦ୍ଧି ଏବଂ କ୍ଷୟ ଘଟିଲେ, ପ୍ରାକୃତିକ ଉତ୍ତାପ ସୃଷ୍ଟି ହୁଏ। ପ୍ରାକୃତିକ ଉତ୍ତାପକୁ ଏଡ଼ାଇ ଦେଇହେବନି। ମନୁଷ୍ୟକୃତ ଉତ୍ତାପ ବୃଦ୍ଧି ଯଥା ଅନୈତିକ ଜଙ୍ଗଲ କଟା, ମାତ୍ରାଧିକ କଳକାରଖାନା ପ୍ରତିଷ୍ଠା, ଅସୀମ ଯାନବାହନ ବ୍ୟବହାର, ଜନସଂଖ୍ୟା ବୃଦ୍ଧି, ପ୍ରାଣୀ ହତ୍ୟା ଆଦି ମନୁଷ୍ୟକୃତ ଉତ୍ତାପ ବୃଦ୍ଧିର କାରଣ। ଏହିସବୁ କାର୍ଯ୍ୟ ଯୋଗୁ ଅଙ୍ଗାରକାମ୍ଳ ବାଷ୍ପ ଏବଂ ମିଥେନ ଗ୍ୟାସ୍ ବାୟୁମଣ୍ଡଳରେ ସୃଷ୍ଟି ଯୋଗୁ ଭୂପୃଷ୍ଠରେ ସବୁଜ ଗୃହ ବାଷ୍ପ ସୃଷ୍ଟି ହୋଇ ଉତ୍ତାପ ବଢ଼େ।

ଉତ୍ତାପ ବୃଦ୍ଧି ଯୋଗୁ ଭୂପୃଷ୍ଠସ୍ଥ ପ୍ରସ୍ତର ଖଣ୍ଡ ମଧ୍ୟରେ କମ୍ପନ ସୃଷ୍ଟି ହୋଇ ପଥର ଫାଟେ। ସମୟକ୍ରମେ ଏଥିରୁ କ୍ଷୁଦ୍ରରୁ କ୍ଷୁଦ୍ରତମ ଅଣୁ ଯଥା ବାଲି, ପଟୁ ଏବଂ କର୍ଦ୍ଦମ ସୃଷ୍ଟି ହୋଇ ମୃତ୍ତିକା ଗଠନ ହୁଏ। ମୃତ୍ତିକାର କ୍ଷୁଦ୍ରତମ ଅଣୁ କର୍ଦ୍ଦମର ଆକାର ସବୁଠାରୁ ଛୋଟ, ଅର୍ଥାତ୍ ୦.୦୦୨ ମିଲିମିଟରରୁ କମ୍ ହୁଏ। ଉତ୍ତାପ ବୃଦ୍ଧି ଯୋଗୁ ମୃତ୍ତିକାର ବୟନ, ସାଜସଜା, ସାନ୍ଦ୍ରତା, ଆପେକ୍ଷିକ ଗୁରୁତ୍ୱ, ଜଳଧାରଣ ଶକ୍ତି ଆଦିର ପରିବର୍ତ୍ତନ ଘଟି ମୃତ୍ତିକାର ଧର୍ମ ଓ ଗୁଣ ବଦଳି ଯାଏ। ଉତ୍ତାପ ବୃଦ୍ଧି ହେତୁ ମୃତ୍ତିକାସ୍ଥ ଜୈବିକ ପଦାର୍ଥର ଦହନ ହୋଇ ଏହାର ରଙ୍ଗରେ ପରିବର୍ତ୍ତନ ଘଟେ। ମୃତ୍ତିକାରେ ଥିବା କୋଟି କୋଟି ଅଣୁ ବୀଜାଣୁଙ୍କର ଅବକ୍ଷୟ ହୁଏ। ଏହାଦ୍ୱାରା ମୃତ୍ତିକାର ଉର୍ବରତା କ୍ଷୟ ଘଟେ। ସବୁଜ ଗୃହ ସୃଷ୍ଟି ଦ୍ୱାରା ଉତ୍ତାପ ବୃଦ୍ଧିରୁ ମୃତ୍ତିକା ସୁରକ୍ଷା ପାଇଁ ଜଙ୍ଗଲ ସଂରକ୍ଷଣ, ନୂତନ ଜଙ୍ଗଲ ସୃଷ୍ଟି, ଇ-ଯାନର ବ୍ୟବହାର ଭଳି କେତେକ ବିଷୟକୁ ଗୁରୁତ୍ୱ ଦେବାକୁ ପଡ଼ିବ।

ବୃଷ୍ଟିପାତ ଜଳବାୟୁର ଦ୍ୱିତୀୟ ଉପାଦାନ। ବୃଷ୍ଟିପାତ ବିଭିନ୍ନ ରୂପରେ ଭୂପୃଷ୍ଠକୁ ଆସେ। ଘଣ୍ଟାକୁ ୨.୫ ମିଲିମିଟର (ମି.ମି.) କିମ୍ବା ଏହାଠାରୁ କମ୍ ବୃଷ୍ଟିପାତ ହେଲେ, ଏହାକୁ ସ୍ୱଳ୍ପ ବର୍ଷା କୁହାଯାଏ। ଏହି ବର୍ଷା ଶୁଷ୍କ ମାଟିକୁ ଓଦା କରେ। ଉକ୍ତ ବର୍ଷା ମୃତ୍ତିକା କ୍ଷୟର କାରଣ ହୋଇ ନ ଥାଏ। ମୃତ୍ତିକାର ଅଣୁ ବୀଜାଣୁ କାର୍ଯ୍ୟକ୍ଷମ ହୋଇଥାଏ। ଘଣ୍ଟାକୁ ବୃଷ୍ଟିପାତ ୨.୫ ରୁ ୧୦ ମି.ମି. ହେଲେ ଏହାକୁ ମଧ୍ୟମ ବର୍ଷା କୁହାଯାଏ। ଉକ୍ତ ବର୍ଷା ମୃତ୍ତିକା କର୍ଷଣରେ ସାହାଯ୍ୟ କରେ। କିନ୍ତୁ ଗଡ଼ାଣି ଜମିରେ ଭୂପୃଷ୍ଠସ୍ଥ ଉପର ମୃତ୍ତିକା ଧୋଇ ନଷ୍ଟ ହୁଏ। ଘଣ୍ଟା ପ୍ରତି ୧୦ ମି.ମି.ରୁ ଅଧିକ ବର୍ଷାକୁ ଭାରି ବର୍ଷା କୁହାଯାଏ। ଏହି ବର୍ଷାର ୨ରୁ ୩ ସେ.ମି.ର ଟୋପାମାନ ବର୍ଷି ସମତଳ କ୍ଷେତର ଉପର ମାଟିକୁ ସ୍ଥାନାନ୍ତରିତ କରେ। ଉକ୍ତ ବର୍ଷା ଦ୍ୱାରା କ୍ଷେତର ଉର୍ବର ମୃତ୍ତିକା ସ୍ଥାନାନ୍ତରିତ ହୋଇ ମାଟିକୁ ଅନୁର୍ବର କରେ। ବର୍ଷା ଜଳ ଗଡ଼ାଣିରେ ବହି ନାଳିମାନ ସୃଷ୍ଟିକରେ। ନାଳିରେ ଜଳସ୍ରୋତ ବହି ମାଟିକୁ ସ୍ଥାନାନ୍ତରିତ କରେ। ଏହି ବର୍ଷା ଦ୍ୱାରା ନଦୀରେ ବନ୍ୟା ସୃଷ୍ଟି ହୋଇ ଭୂପୃଷ୍ଠର ଟନ୍ ଟନ୍ ଉର୍ବର ମୃତ୍ତିକା ଧୋଇ ହୋଇ ନଦୀଗର୍ଭକୁ ବହିଯାଏ। ଘଣ୍ଟା ପ୍ରତି ୧୦୦ ମି.ମି. ଏବଂ ଏହାଠାରୁ ଅଧିକ ବର୍ଷା ହେଲେ, ଏହାକୁ ବାଦଲ ଫଟା ବର୍ଷା କୁହାଯାଏ। ଉକ୍ତ ବର୍ଷା ସମତଳ ଅଞ୍ଚଳ ଅପେକ୍ଷା ପାର୍ବତ୍ୟ ଅଞ୍ଚଳରେ ଅଧିକ ବର୍ଷେ। ଉକ୍ତ ବର୍ଷା ଦ୍ୱାରା ଭୂସ୍ଖଳନ ଘଟି ମାଟି ସହ ସାନ ବଡ଼ ପଥର ଖଣ୍ଡମାନ ବହୁ ଦୂରକୁ ସ୍ଥାନାନ୍ତରିତ ହୁଏ। ବାଦଲ ଫଟା ବର୍ଷା ଦ୍ୱାରା ଅନେକ ଧନ ଜୀବନ ନଷ୍ଟ ହୁଏ।

ମାତ୍ରାଧିକ ବୃଷ୍ଟିପାତର କୁପ୍ରବାହରୁ ମୃତ୍ତିକା ସୁରକ୍ଷା ପାଇଁ ଦୁଇ ପ୍ରକାର ପଦ୍ଧତି ଅବଲମ୍ବନ କରାଯାଇଥାଏ। ପ୍ରଥମଟି ଯାନ୍ତ୍ରିକ ଏବଂ ଦ୍ୱିତୀୟଟି କ୍ଷେତ୍ରୀୟ। ଯାନ୍ତ୍ରିକ ପଦ୍ଧତି ମଧ୍ୟରେ ଗଡ଼ାଣି ଜମିରେ ସମତଳ ବନ୍ଧ, ଶ୍ରେଣୀକୃତ ବନ୍ଧ, ସୋପାନୀକରଣ ଆଦି କରାଯାଇ ଜଳ ସ୍ରୋତକୁ ରୋକାଯାଇପାରେ। କ୍ଷେତ୍ରୀୟ ପଦ୍ଧତି ଅନୁସାରେ ସମତଳ ଚାଷ ଜମିର ମାଟିକୁ ଗଭୀର ହଳ କରି ମାଟି ଓଲଟପାଲଟ କଲେ ବର୍ଷାଜଳ କ୍ଷେତରେ ବହି ନ ଯାଇ ଭୂଗର୍ଭକୁ ଚାଲିଯିବ। ମୃତ୍ତିକାକୁ ବର୍ଷା ଟୋପାର ଆଘାତରୁ ରକ୍ଷା ପାଇଁ ମାଟିକୁ ଘୋଡ଼ାଇବା ଭଳି ଫସଲ ଯଥା ମୁଗ, ବିରି, କୋଳଥ, ସୋୟାବିନ ଏବଂ ମିଶ୍ରିତ ଚାଷ ଅର୍ଥାତ୍ ଗଡ଼ାଣି ଜମିରେ ଧାନ ସହ ହରଡ କିମ୍ବା ମାଣ୍ଡିଆ ଏବଂ ମକା ସହ ବରଗୁଡ଼ି କିମ୍ବା ଗୁଆଁର ଚାଷ କଲେ ମୃତ୍ତିକା କ୍ଷୟରୁ ରକ୍ଷାମିଳେ।

ବାୟୁ ପ୍ରବାହ ମୃତ୍ତିକା କ୍ଷୟର ତୃତୀୟ କାରଣ। କୌଣସି ଏକ ସ୍ଥାନର ବାୟୁ ଉତ୍ତପ୍ତ ହେଲେ ସେ ସ୍ଥାନରେ ଲଘୁଚାପ ସୃଷ୍ଟି ହୋଇ ଗୁରୁଚାପ ଅଞ୍ଚଳରୁ ଲଘୁଚାପ ମଧ୍ୟକୁ ବାୟୁ ପ୍ରବଳ ବେଗରେ ପ୍ରବାହିତ ହୋଇ ସେହି ସ୍ଥାନର ମୃତ୍ତିକାକୁ ସ୍ଥାନାନ୍ତରିତ କରେ। ମୃତ୍ତିକା କ୍ଷୟ ବାୟୁର ବେଗ ଉପରେ ନିର୍ଭର କରେ। ବାୟୁର ବେଗ ଘଣ୍ଟା ପ୍ରତି ୧୦ରୁ ୧୫ କିଲୋମିଟର ହେଲେ ସୂକ୍ଷ୍ମ କର୍ଦ୍ଦମ କଣିକା ସ୍ଥାନାନ୍ତରିତ ହୁଏ। ବାୟୁର ବେଗ ଘଣ୍ଟା ପ୍ରତି ୨୦ ରୁ ୨୫ କିଲୋମିଟର ହେଲେ ପଟୁ, କର୍ଦ୍ଦମ ସହ ସୂକ୍ଷ୍ମ ବାଲି ସ୍ଥାନାନ୍ତରିତ ହୁଏ। ବାୟୁର ବେଗ ଘଣ୍ଟା ପ୍ରତି ୩୦ରୁ ୪୫ କି.ମି. ହେଲେ ୧.୦ ରୁ ୨.୦ ମି.ମି. ବ୍ୟାସ ବିଶିଷ୍ଟ ବାଲୁକା କଣିକାମାନ ଉଡ଼ିଯାଏ। କୌଣସି ସ୍ଥାନର ବାୟୁ ପ୍ରବାହ ଘଣ୍ଟା ପ୍ରତି ୫୦ରୁ ୭୫ କି.ମି. ହେଲେ ୨ମି.ମି. ବ୍ୟାସଠାରୁ ବୃହତ୍ ବାଲୁକା ରାଶି ଉଡ଼ିଯାଏ। ଏପ୍ରକାର ପ୍ରଚଣ୍ଡ ବାୟୁର ବେଗ ମରୁଭୂମି ଅଞ୍ଚଳରେ ଦେଖାଯାଏ। ବାୟୁ ପ୍ରବାହରୁ ସ୍ଥାନାନ୍ତରିତ ହେଉଥିବା ମୃତ୍ତିକା ସଂରକ୍ଷଣ ପାଇଁ ନିଜର ଅଭିଜ୍ଞତାରୁ ବାୟୁ ପ୍ରବାହର ଦିଗ ଅନୁମାନ କରି ବିବିଧ ଉଚ୍ଚତା ବିଶିଷ୍ଟ ବୃକ୍ଷ ଧାଡ଼ିରେ ରୋପଣ କରାଯାଏ। ବାୟୁ ପ୍ରବାହର ଅନୁକୂଳରେ ପ୍ରଥମ ଧାଡ଼ିରେ ଅଧିକ ଉଚ୍ଚ, ଦ୍ୱିତୀୟ ଧାଡ଼ିରେ ମଧ୍ୟମ ଉଚ୍ଚ ଏବଂ ତୃତୀୟ ଧାଡ଼ିରେ କମ୍ ଉଚ୍ଚତା ବିଶିଷ୍ଟ ବୃକ୍ଷ ରୋପଣ କରାଯାଏ।

ଉପକୂଳ ଅଞ୍ଚଳରେ ପ୍ରଚଣ୍ଡ ବେଗର ପବନ ସହ ପ୍ରବଳ ବର୍ଷା ହେଲେ ବାତ୍ୟା ସୃଷ୍ଟି ହୁଏ। ବାତ୍ୟା ଦ୍ୱାରା ସମୁଦ୍ର ଲୁଣା ଜୁଆର ବାଲି ସହ ଚାଷ ଜମିକୁ ପ୍ରବାହିତ ହୋଇ ଧନ ଜୀବନ ନଷ୍ଟ ହୋଇଥାଏ। ଶହ ଶହ ଏକର ଚାଷଜମି ବାଲି ଘୁଡ଼ାରେ ପରିଣତ ହୁଏ। ସମୁଦ୍ର କୂଳରେ ଝାଉଁ ଏବଂ ନଦୀ ମୁହାଣରେ ହେନ୍ତାଳ ଜଙ୍ଗଲ ସୃଷ୍ଟି କଲେ ବାତ୍ୟାର କରାଳ ପ୍ରଭାବରୁ ମୃତ୍ତିକାକୁ ସୁରକ୍ଷା ଦେଇ ହେବ।

**– ପ୍ରଫେସର ସୁବୋଧ କୁମାର ସାହୁ**
ମୋ: ୯୫୫୬୨୬୬୭୦୮୪

## ୨୦୧୫ରୁ ଆରମ୍ଭ

ମୃତ୍ତିକା ଖାଦ୍ୟ, ପ୍ରାଣୀ ଖାଦ୍ୟ, ଜାଳେଣି ଓ ତନ୍ତୁ ଉତ୍ପାଦନ, ପରିବେଶର ଯତ୍ନ ତଥା ମନୁଷ୍ୟ ଓ ପ୍ରାଣୀମାନଙ୍କ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ଆଧାର। କହିବା ବାହୁଲ୍ୟ, ବିଶ୍ୱ ଜୈବ ବିବିଧତା ପରି ମୃତ୍ତିକା ମଧ୍ୟ ଏକ ଅଂଶ। ମୃତ୍ତିକା, ପରିଷ୍କାର ଜଳଯୋଗାଣ ତଥା ବନ୍ୟା, ମରୁଡ଼ି ପରି ପ୍ରାକୃତିକ ଦୁର୍ବିପାକରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ। ଆହୁରି ମଧ୍ୟ ପାର୍ଥିବ ଅଙ୍ଗାରର ବୃହତ୍ ଭଣ୍ଡାର ହେଉଛି ମୃତ୍ତିକା। ଏହି ଅଙ୍ଗାରର ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନର ଉପଯୋଗିତା ତଥା ଅଭିଯୋଜନରେ ବିଶେଷ ସହାୟକ ହୋଇଥାଏ। ଅତଏବ ମାନବ ସମାଜର ଖାଦ୍ୟ, ପାଣି ଓ ଶକ୍ତି ନିରାପତ୍ତା ନିମନ୍ତେ ବିଶ୍ୱସ୍ତରରେ ମୃତ୍ତିକା ସମ୍ବଳର ସଂରକ୍ଷଣ କିମ୍ବା ବର୍ଦ୍ଧନ ଜରୁରୀ। ତେବେ ମୃତ୍ତିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଜନସଚେତନତା ସୃଷ୍ଟି ଲାଗି ୨୦୧୫ରୁ ଡିସେମ୍ବର ୫ରେ ପାଳିତ ହୋଇଆସୁଛି ବିଶ୍ୱ ମୃତ୍ତିକା ଦିବସ। ସୂଚନାଯୋଗ୍ୟ, ମୃତ୍ତିକା ବିଷୟରେ ଜନ ସଚେତନତା ଲାଗି ଉଦ୍ୟମ ଆରମ୍ଭ କରିଥିବା ଥାଇଲାଣ୍ଡର ରାଜା ଏଚ୍. ଏମ୍. କିଙ୍ଗ ଭୂମିବୋଲ୍ ଆଦୁଲ୍ୟାଦେଜ୍‌ଙ୍କ ସରକାରୀ ଜନ୍ମଦିବସ ଡିସେମ୍ବର ୫ରେ ପାଳନ ହୋଇଥାଏ। ତେଣୁ ବିଶ୍ୱ ମୃତ୍ତିକା ଦିବସକୁ ଏହିଦିନ ପାଳନ କରାଯାଇଥାଏ।

World Soil Day

## ଏ ବର୍ଷର ବାର୍ତ୍ତା

### ସ୍ୱାସ୍ଥ୍ୟକର ସହର ପାଇଁ ସୁସ୍ଥ ମୃତ୍ତିକା

ଚଳିତବର୍ଷ ବିଶ୍ୱ ମୃତ୍ତିକା ଦିବସ ଲାଗି ବାର୍ତ୍ତା ବା ବିଷୟବସ୍ତୁ ରହିଛି 'ସ୍ୱାସ୍ଥ୍ୟକର ସହର ପାଇଁ ସୁସ୍ଥ ମୃତ୍ତିକା', ଯାହାକି ସହରାଞ୍ଚଳ ପରିବେଶରେ ସୁସ୍ଥ ମୃତ୍ତିକାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଗୁରୁତ୍ୱାରୋପ କରେ। ସୁସ୍ଥ ସହରାଞ୍ଚଳ ମୃତ୍ତିକା ବର୍ଷାଜଳ ଶୋଷଣ, ସ୍ଥାନୀୟ ତାପମାତ୍ରା ନିୟନ୍ତ୍ରଣ, କାର୍ବନ ସଂରକ୍ଷଣ ଏବଂ ବାୟୁ ଗୁଣବତ୍ତାକୁ ଉନ୍ନତ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ସେବା ପ୍ରଦାନ କରେ। ଯେତେବେଳେ ସହରର ମାଟି ସିମେଣ୍ଟ ଏବଂ କୋଠା ଦ୍ୱାରା ଆଚ୍ଛାଦିତ ହୁଏ (ମାଟି ସିଲ୍), ସେତେବେଳେ ମୃତ୍ତିକାର ଏହି କାର୍ଯ୍ୟଗୁଡ଼ିକ ହଜିଯାଏ। ଫଳରେ ସହରଗୁଡ଼ିକୁ ବନ୍ୟା, ଅତ୍ୟଧିକ ଗରମ ଏବଂ ପ୍ରଦୂଷଣ ଅଧିକ ଦୁର୍ବଳ କରିଥାଏ। ତେବେ ଚଳିତବର୍ଷ ବିଷୟବସ୍ତୁର ଲକ୍ଷ୍ୟ ନୀତି ନିର୍ଦ୍ଧାରକଙ୍କଠାରୁ ନାଗରିକ ପର୍ଯ୍ୟନ୍ତ ସମସ୍ତଙ୍କୁ, ମାଟି ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେଇ ସବୁଜ ଏବଂ ସୁସ୍ଥ ସହରାଞ୍ଚଳ ଗଠନ କରିବାରେ ସାହାଯ୍ୟ କରିବା।



## ରାଜ୍ୟ ଖବର

# ତଦନ୍ତକଲେ ଯୁଗ୍ମ କମିଟି

- ସରକାରଙ୍କ ସୁଯୋଗକୁ ନେଇ ବେଆଇନ ଫାଇଦା
- ଭିସିଆଇ ବିରୋଧରେ ଏନ୍‌ଜିଟି ମାମଲା



ଭିସିଆଇ କମ୍ପାନୀ ପରିସରରେ ତଦନ୍ତକାରୀ ଟିମ୍।

ଯାଜପୁର,୪।୧୨(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟର ଆର୍ଥିକ ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି ପାଇଁ ଶିଳ୍ପାୟନ ଲୋଡ଼ା। ତେଣୁ ରାଜ୍ୟର ବୃହତ୍ତର ସ୍ୱାର୍ଥରେ ଶିଳ୍ପାୟନ ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଶିଳ୍ପପତିମାନଙ୍କୁ ସରକାର ଗୁରୁତ୍ୱ ଦେଇ ଜମି, ଜଳ ସହ ଅନେକ ସୁଯୋଗ ଦେଉଛନ୍ତି। ହେଲେ କେତେକ ଶିଳ୍ପପତି ରାଜ୍ୟ ସରକାରଙ୍କ ଏଭଳି ସୁଯୋଗର ବେଆଇନ ଫାଇଦା ନେଉଛନ୍ତି। ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଭିସିଆଇ କେମିକାଲ୍ସ ଇଣ୍ଡିଆ ପ୍ରାଇଭେଟ୍ ଲି କାରଖାନା ପ୍ରତିଷ୍ଠା କ୍ଷେତ୍ରରେ ଏଭଳି କାର୍ଯ୍ୟ ଦେଖିବାକୁ ମିଳିଛି। ଇଡ଼କୋଠାରୁ ୨୨ ଏକର ଜମି ନେଇ ଶିଳ୍ପ କାରଖାନା ପ୍ରତିଷ୍ଠା କରିବାରେ ବିଳମ୍ବ କରି ଜଙ୍ଗଲ ଜମିରୁ ମୋରମ ଲୁଟ କରିଥିବା ପ୍ରମାଣିତ ହୋଇଛି। ଏନେଇ ଲଘୁ ଖଣି ଉପନିର୍ଦ୍ଦେଶକଙ୍କ ମାପଜୁପ ପରେ ମୋରମ ଲୁଟ୍ ବାବଦକୁ ୩୭ ଲକ୍ଷ ୯୮ ହଜାର ୧୧୩ ଟଙ୍କା କମ୍ପାନୀ ପକ୍ଷରୁ ପଇଠ କରାଯାଇଛି। ଏହି ମର୍ମରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ୧୯୪/୨୦୨୫/ଇଜେଡ୍ ନମ୍ବରରେ ମାମଲା ରୁଜୁ ହେବା ପରେ ଗୁରୁତର ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଯୁଗ୍ମ କମିଟି ତଦନ୍ତ କରିଛନ୍ତି। ଜିଲ୍ଲାପାଳ ଅମର କୁମାର କରଙ୍କ ନେତୃତ୍ୱରେ କେନ୍ଦ୍ରିୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି), ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି), ଇଡ଼କୋ, ଲଘୁ ଖଣି ଉପନିର୍ଦ୍ଦେଶକ(ଡିଏମ୍), ଦାନଗଡ଼ି ତହସିଲଦାର, ଜଙ୍ଗଲ ବିଭାଗ, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ପ୍ରମୁଖ ଅଭିଯୋଗ ଅନୁସାରେ ସଂପୃକ୍ତ କାଗଜପତ୍ର ଯାଞ୍ଚ ସହ ବିଭିନ୍ନ ବିଗ ଉପରେ ତଦନ୍ତ କରି ଫେରିଛନ୍ତି। ତେବେ ତଦନ୍ତ ସମୟରେ ଜିଲ୍ଲାପାଳ କମ୍ପାନୀ କର୍ତ୍ତୃପକ୍ଷଙ୍କ ଉପରେ ଉତ୍ତେଜିତ ହେବା ସହ କାରଣ ଦର୍ଶାଇବା ପାଇଁ ସୂଚନା ମିଳିଛି। ଏନ୍‌ଜିଟିରେ ହୋଇଥିବା ଅଭିଯୋଗ ଅନୁସାରେ, କମ୍ପାନୀ ଇଡ଼କୋଠାରୁ ନେଇଥିବା ଜମି ମଧ୍ୟରୁ ୧୧ ଏକର ଜଙ୍ଗଲ କିସମ ରହିଛି। କାରଖାନା ପ୍ରତିଷ୍ଠା ପାଇଁ ବିନା ଅନୁମତିରେ ଜଙ୍ଗଲ ଜମିରୁ ପ୍ରାୟ ୪୦ ହଜାର ଗଛ କଟାଯାଇଛି ଏବଂ ଗଛ କଟା ଏବେ ମଧ୍ୟ ଜାରି ରହିଛି। ଏହାବାଦ କାରଖାନା ପ୍ରତିଷ୍ଠା ନାମରେ ଜଙ୍ଗଲ ଜମିରୁ ଗଛକାଟି ବିପୁଳ ମୋରମ ଲୁଟ ହୋଇଛି। ପରିବେଶଗତ ପ୍ରଭାବ ମୂଲ୍ୟାଙ୍କନ ନିୟମ-୩୪ ଅନୁଯାୟୀ ବ୍ୟାପକ ଜୈବ ବିବିଧତା ଏବଂ ପରିବେଶଗତ କ୍ଷତି ମୂଲ୍ୟାଙ୍କନ, ପରିବେଶ ସୁରକ୍ଷା ଆଇନ-୧୯୮୬ ଏବଂ ଆପରାଧିକ ଆଇନ ଅନୁଯାୟୀ ଭିସିଆଇ ବିରୋଧରେ ଫୌଜଦାରୀ ମାମଲା ରୁଜୁ ଆଦି ଦାବି କରି ଅଞ୍ଚଳବାସୀଙ୍କ ପକ୍ଷରୁ ସୁବ୍ରତ କୁମାର ସାହୁ ଏନ୍‌ଜିଟିରେ ଅଭିଯୋଗ କରିଥିଲେ। ଏହି ମାମଲା ଉପରେ ଏନ୍‌ଜିଟି ପକ୍ଷରୁ ଜଷ୍ଟିସ୍ ଅରୁଣ କୁମାର ତ୍ୟାଗୀ ଏବଂ ଏକ୍ସପର୍ଟ ମେମ୍ବର ଈଶ୍ୱର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଯୁଗ୍ମ ତଦନ୍ତକାରୀ ଦଳ ଗଠନ କରି ୧୨।୧୨।୨୦୨୫ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ଯାଜପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ତଦନ୍ତକାରୀ ଦଳ ଭିସିଆଇ କାରଖାନା ପରିସରରେ ପହଞ୍ଚି ବିଭିନ୍ନ ଦିଗ ଉପରେ ସମୀକ୍ଷା କରିଛନ୍ତି। ସ୍ଥାନ ସମ୍ପୃକ୍ତ କରିବାକୁ ମୋରମ ଖୋଳାଯାଇଥିଲା ବୋଲି କମ୍ପାନୀ କର୍ତ୍ତୃପକ୍ଷ ସଫେଇ ଦେଉଥିବାବେଳେ କାହିଁକି ଜରିମାନା ଦେଇଥିଲ ବୋଲି ତଦନ୍ତକାରୀ ଦଳ ପ୍ରଶ୍ନ କରିଥିଲେ। ଏହାସହ ଜଙ୍ଗଲ ଜମିରେ ବହୁ ଗଛ ଥିଲା ବୋଲି ଜଙ୍ଗଲ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି ଜଙ୍ଗଲ ଜମିରୁ ପ୍ରାୟ ୨୦ କୋଟି ଟଙ୍କାର ମୋରମ ଲୁଟ ହୋଇଛି ଏବଂ ଜରିମାନା ନିର୍ଦ୍ଧାରଣରେ ଠକାମି କରାଯାଇଛି ବୋଲି ଅଭିଯୋଗକାରୀ ପ୍ରକାଶ କରିଥିଲେ।

## କୀଟନାଶକ ପିଇ ମହିଳାଙ୍କ ଆତ୍ମହତ୍ୟା

ଡେଙ୍କିକୋଟ,୪।୧୨(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲ୍ଲା ଡେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ବଡ଼ମସିଣାବିଲା ଗ୍ରାମପଞ୍ଚାୟତ ସାନମସିଣାବିଲା ଗ୍ରାମ ମୁଣ୍ଡା ସାହିରେ କୀଟନାଶକ ପିଇ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ମୃତା ଗ୍ରାମର ଚକ୍ରଧର ମୁଣ୍ଡାଙ୍କ ସ୍ତ୍ରୀ ସୀତା ମୁଣ୍ଡା(୪୮)। ସେ କିଛି ବର୍ଷ ହେଲା ଚିର ରୋଗରେ ଆକ୍ରାନ୍ତ ଥିବା ବେଳେ ଘରେ ସର୍ବଦା ଅଶାନ୍ତ ଲାଗି ରହୁଥିଲେ। ଏ ନେଇ ବ୍ୟତିବ୍ୟସ୍ତ ହୋଇ ବୁଧବାର କୀଟନାଶକ ପିଇଦେଇଥିଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଘଟଗାଁ ପୋଲିସ କେନ୍ଦୁଝର ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଘଟଗାଁ ଥାନାରେ ଏକ ମାମଲା(ନଂ.୮୯/୨୫) ରୁଜୁ ହୋଇଛି।

## 'ପ୍ରତ୍ୟେକ ଅବଦାନ ଗୁରୁତ୍ୱପୂର୍ଣ୍ଣ'

### ଆଜି ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ

ସାମାଜିକ ବିକାଶ, ଅର୍ଥନୈତିକ ବ୍ୟବସ୍ଥା ଏବଂ ପରିବେଶ ସୁରକ୍ଷାରେ ସ୍ୱେଚ୍ଛାସେବୀଙ୍କ ଭୂମିକାକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଡିସେମ୍ବର ୫ରେ ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ପାଳନ କରାଯାଉଛି। ଲୋକଙ୍କୁ ସ୍ୱଇଚ୍ଛାରେ ସମାଜସେବା କରିବା ପାଇଁ ପ୍ରେରିତ କରିବା ଏହି ଦିବସର ଅନ୍ୟତମ ଲକ୍ଷ୍ୟ। ୧୯୮୫ରେ ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା ଏହି ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସ୍ୱେଚ୍ଛାସେବୀ ସଂଗଠନ ଏବଂ ବ୍ୟକ୍ତିଗତ ସ୍ୱେଚ୍ଛାସେବୀମାନଙ୍କ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏହା ଏକ ସୁଯୋଗ ପ୍ରଦାନ କରିଥାଏ। ପ୍ରତିବର୍ଷ ଏହି ଦିବସ ଏକ ସ୍ୱତନ୍ତ୍ର ବାର୍ତ୍ତା ବହନ କରିଥାଏ। ଚଳିତବର୍ଷ ଏହିଦିବସର ବାର୍ତ୍ତା ହେଉଛି 'ପ୍ରତ୍ୟେକ ଅବଦାନ ଗୁରୁତ୍ୱପୂର୍ଣ୍ଣ'। ମିଳିତ ଜାତିସଂଘର ସ୍ୱେଚ୍ଛାସେବୀ (ୟୁଏନ୍‌ଭି) କାର୍ଯ୍ୟକ୍ରମ ଦ୍ୱାରା ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ପାଳନ ପାଇଁ ସାଧାରଣ ସଭା ଦ୍ୱାରା ୧୯୮୫ ଡିସେମ୍ବର ୧୭ରେ ରିଜୋଲ୍ୟୁସନ ପାସ୍ କରାଯାଇଥିଲା। ୨୦୧୨ରେ ବିକାଶଶୀଳ ଅଞ୍ଚଳ ଏବଂ ସୁପାରିଶକ୍ରମେ ମିଳିତ ଜାତିସଂଘ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଏକ ୫ବର୍ଷର ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ରଣନୀତିର ନେତୃତ୍ୱ ନେଇଥିଲା। ଏହାକୁ ବିଶ୍ୱସ୍ତରରେ ଉନ୍ମୁକ୍ତସ୍ତରରେ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଥିଲା।

**– ବନ୍ଦନା ସେଠୀ**

# ପଣ୍ଡୁନୃସିଂହଙ୍କ ୪ ଆଶ୍ରମ ବିଜେ

ପୁରୀ,୪।୧୨(ଅଜିତ କୁମାର ମହାନ୍ତି)



ଶ୍ରୀକ୍ଷେତ୍ରରେ ପଣ୍ଡୁନୃସିଂହ ଶ୍ରୀମନ୍ଦିରରୁ ବାହାରି ଚାରି ଆଶ୍ରମ ବିଜେ କରୁଛନ୍ତି।

ମାର୍ଗଶିର ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥି ଅବସରରେ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ପଣ୍ଡୁନୃସିଂହ ୪ ଆଶ୍ରମ ବିଜେ ନୀତି ସମ୍ପନ୍ନ ହୋଇଛି। ଗୁରୁବାର ଶ୍ରୀମନ୍ଦିର ଦ୍ୱାର ଖୋଲାଯାଇ ଭିତର ଶୋଧ, ମଙ୍ଗଳ ଆଳତି ଓ ମଇଲମ ସହ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇ ସକାଳ ଧୂପ ଶେଷ ହୋଇଥିଲା। ପରେ ଅନ୍ୟାନ୍ୟ ନୀତି ବଢ଼ି ଶ୍ରୀବିଗ୍ରହଙ୍କ ମଧ୍ୟାହ୍ନ ବେଶ ଶେଷ ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ମହାଜନ ସେବକମାନେ ପଣ୍ଡୁନୃସିଂହ ଦେବଙ୍କୁ ଦକ୍ଷିଣ ଘରୁ ଆଣି ସିଂହାସନକୁ ବିଜେ କରାଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ବାଡ଼ରୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଆଜ୍ଞାମାଳ ଆଣି ପଣ୍ଡୁନୃସିଂହଙ୍କୁ ଆଜ୍ଞାମାଳ ଲାଗି କରିଥିଲେ। ମହାଜନ ସେବକମାନେ ପଣ୍ଡୁନୃସିଂହଙ୍କୁ ହସ୍ତରେ ଆଣି ମୁକ୍ତିମଣ୍ଡପ ତଳେ ଥିବା ବିମାନରେ ବିଜେ କରାଇଥିଲେ। ସେଠାରେ ବିଭିନ୍ନ ନୀତି ସମ୍ପନ୍ନ ହେବା ପରେ ବିମାନବଡ଼ୁ ସେବକମାନେ ବିମାନ ନେଇ ଶ୍ରୀମନ୍ଦିରରୁ ୪ ଆଶ୍ରମ ଅଭିମୁଖେ ବିଜେ କରିଥିଲେ। ପଣ୍ଡୁନୃସିଂହ ମାର୍କଣ୍ଡେଶ୍ୱର ସାହିରେ ଥିବା ମାର୍କଣ୍ଡେୟ ଆଶ୍ରମ, ଦୋଳମଣ୍ଡପ ସାହିସ୍ଥିତ ଜଗନ୍ନାଥ ବଲ୍ଲଭ ମଠ ଅଙ୍ଗିରା ଆଶ୍ରମ, ବାଲିସାହିସ୍ଥିତ ଭୃଗୁ ଆଶ୍ରମ ଏବଂ ହରଚଣ୍ଡୀ ସାହି ସ୍ଥିତ ପଣ୍ଡୁ ଆଶ୍ରମକୁ ବିଜେ କରିଥିଲେ। ସେଠାରେ ବନ୍ଦାପନା ଏବଂ ଶୀତଳ ଭୋଗ ମଣୋହି କରାଯାଇ ସହ ବିଭିନ୍ନ ନୀତି ସମ୍ପନ୍ନ ହୋଇଥିଲା। ନୀତି ସମ୍ପନ୍ନ ପରେ ପଣ୍ଡୁନୃସିଂହ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

# ମୃତ ଗୋରୁକଟାକୁ ନେଇ ଉତ୍ତେଜନା

## ବଜରଙ୍ଗ ଦଳର ବିରୋଧ

ଯୋଡ଼ା/ବଡ଼ବିଲ,୪।୧୨(ମାନସ ମହାନ୍ତି)

କେନ୍ଦୁଝର ଜିଲ୍ଲା ବଡ଼ବିଲ ସହରରେ ଗୋରୁ କଟାକୁ କେନ୍ଦ୍ର କରି ଉତ୍ତେଜନା ପରିସ୍ଥିତି ଉପୁଜିଛି। କେତେଜଣଲୋକେ ଏକ ମୃତ ଗାଈ କାଟୁଥିବା ବେଳେ ବଜରଙ୍ଗ ପକ୍ଷରୁ ବିରୋଧ କରାଯାଇଥିଲା। ଖବର ପାଇ ପୋଲିସ ପହଞ୍ଚି ଗୋମାଂସକୁ ପୋତି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ପ୍ରାୟ ଦୁଇ ଦିନ ପୂର୍ବରୁ ବଡ଼ବିଲ ଥାନା ଅନ୍ତର୍ଗତ ଚଟେଇଚିରିପିଟ୍ଟି ଚମ୍ପୁଆ ନାଳ ରେଲପୋଲ ତଳେ ଏକ ଗାଈର ମୃତ୍ୟୁ ହୋଇଥିଲା। ବୁଧବାର ବଲାଣି ସୀମାନ୍ତ ଖଡ଼ଖାଇ ବାରିବା ଅଞ୍ଚଳର କିଛି ଲୋକେ ଉକ୍ତ ମୃତ ଗାଈକୁ ଦେଖି ତାଙ୍କ ସମ୍ପ୍ରଦାୟର ଲୋକଙ୍କୁ ଏ ବିଷୟରେ ଖବର ଦେଇଥିଲେ। ଗୁରୁବାର ବାରିବା ଅଞ୍ଚଳର କେତେଜଣ ଯୁବତୀ, ଯୁବକ, ପିଲା ଗୋ ମାଂସ ଖାଇବା ଉଦ୍ଦେଶ୍ୟରେ ମୃତ ଗାଈଟିକୁ କାଟୁଥିଲେ। ଚମ୍ପୁଆ ନାଳକୁ ସ୍ଥାନୀୟ ଚଟେଇ ହାଟି ଗ୍ରାମର କିଛି ଯୁବକ ଗାଧୋଇବାକୁ ଯାଇଥିଲେ। ଏହା ଦେଖି ସ୍ଥାନୀୟ ବଜରଙ୍ଗ ଦଳର ସଦସ୍ୟଙ୍କୁ ଖବର ଦେଇଥିଲେ। ବଜରଙ୍ଗ ଦଳର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚିବା ପରେ ଗୋରୁ କାଟୁଥିବା ଯୁବତୀ, ଯୁବକମାନେ ଦୌଡ଼ି ପଳାଇଥିଲେ। ସେମାନଙ୍କ ମଧ୍ୟରୁ ୩ ଯୁବକ, ୫ ନାବାଳିକା ବ୍ୟାଗରେ ମାଂସ ନେଇ ଯାଉଥିବା ସମୟରେ ବଲାଣି ଥାନା ଅନ୍ତର୍ଗତ ମୁକ୍ତି ଧାମ ଶ୍ମଶାନ ନିକଟରେ ବଜରଙ୍ଗ ଦଳର ସଦସ୍ୟମାନେ ଅଟକାଇ ବଲାଣି ପୋଲିସକୁ ଖବର ଦେଇଥିଲେ। ବଲାଣି ପୋଲିସ ପହଞ୍ଚି ଏକ ନିଛାଟିଆ ସ୍ଥାନରେ ଉକ୍ତ ଗୋମାଂସକୁ ପୋତି ଦେବା ପାଇଁ କହିଥିଲେ। ବଜରଙ୍ଗ ଦଳ ପକ୍ଷରୁ ଗୋମାଂସ ପୋତି ଦିଆଯାଇଥିବା ବେଳେ ପୋଲିସ ଯୁବକ ଓ ନାବାଳିକାଙ୍କୁ ଥାନାକୁ ନେଇ ଅଟକ ରଖି ତଦନ୍ତ କରୁଛି।

**ଯୋଗୀସର୍ଡ଼ାରେ ଗୀତା ଜୟନ୍ତୀ ପାଳିତ**

ଲୋଇସିଂହା,(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡ଼ାର ପ୍ରସିଦ୍ଧ ଶୈବପୀଠରେ ଗ୍ରାମର ବ୍ରହ୍ମ ସମାଜ ପକ୍ଷରୁ ୧୦ତମ ଗୀତା ଜୟନ୍ତୀ ସମାଜର ସଭାପତି ନନ୍ଦଲାଲ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ରାଜକିଶୋର ମିଶ୍ର ଗୀତା ପଠନ କରିଥିଲେ। ନୀଳାଞ୍ଚଳ ତ୍ରିପାଠୀ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରି ଆହୁତି ପ୍ରଦାନ କରିଥିଲେ। ଗ୍ରାମର ବ୍ରହ୍ମ ସମାଜ ପରିବାର ସଦସ୍ୟ ଓ ହରିଭକ୍ତି ବ୍ୟକ୍ତି ବିଶେଷ ସାମିଲ ହୋଇଥିଲେ। ୨୦୧୬ ମସିହାରୁ ପ୍ରତିବର୍ଷ ଗୀତାଯଜ୍ଞ ଅନୁଷ୍ଠିତ ହୋଇଆସୁଛି।

# ମରୁଡ଼ି ଘୋଷଣା ଦାବିରେ ଜିଲାପାଳଙ୍କୁ ଦାବିପତ୍ର

## ଭାରତୀୟ କିଷାନ ୟୁନିୟନ ପକ୍ଷରୁ ରାଲିରେ ଆସିଲେ ଚାଷୀ

ବଲାଙ୍ଗୀର,୪।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ରାମଚନ୍ଦ୍ରପୁର, ସିଂହାମୁଣ୍ଡା ଏବଂ ବନ୍ଧପଡା ଗ୍ରାମ ପଞ୍ଚାୟତକୁ ମରୁଡି ଘୋଷଣା ଦାବି ନେଇ ଗୁରୁବାର ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଭାରତୀୟ କିଷାନ ୟୁନିୟନ ରାଜ୍ୟ ସଭାପତି ସୌରୀ କୁମାର ସାହୁଙ୍କ ନେତୃତ୍ୱରେ ଦେଓଗାଁ ବ୍ଲକର ବିଭିନ୍ନ ଗାଁର ଚାଷୀମାନେ କୋଶଳ କଳା ମଣ୍ଡଳ ପଡିଆରୁ ଶୋଭାଯାତ୍ରାରେ ବାହାରି ଜିଲାପାଳ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରି ମରୁଡି ଘୋଷଣା କରିବାକୁ ଦାବି କରିଥିଲେ। ଚାଷୀମାନେ କହିଥିଲେ ଯେ, ଚଳିତବର୍ଷ ଚାଷପୋଯୋଗୀ ବର୍ଷା ଅଭାବରୁ ରାମଚନ୍ଦ୍ରପୁର, ସିଂହାମୁଣ୍ଡା ,ବନ୍ଧପଡା ତଥା ଆଖପାଖ ପଞ୍ଚାୟତର କିଛି ଗାଁର ପ୍ରାୟ ୮୦୦ରୁ ଊର୍ଦ୍ଧ୍ୱ ପରିବାର ମରୁଡି ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ଚାଷଜମିରେ ପାଣି ଅଭାବରୁ ଠିକଣା ସମୟରେ ଚାଷ କାର୍ଯ୍ୟ କରିପାରି ନ ଥିଲେ। ପହ୍ଲା ପକାଇଥିଲେ ମଧ ପାଣି ଅଭାବରୁ ପହ୍ଲା ଶୁଖି ଯାଇଥିଲା। ଏଣୁ ଶୁଖିଲା ପହ୍ଲା ଓ ଧାନଗଛ ଧରି ଚାଷୀମାନେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଚାଷୀନେତା ସାହୁ କହିଥିଲେ, ମରୁଡି ହୋଇଥିଲେ ମଧ ପ୍ରଶାସନ ଏ ଦିଗରେ ଧ୍ୟାନ ଦେଉନାହିଁ। ଗତ କିଛିଦିନ ତଳେ ଭାରତୀୟ କିଷାନ ୟୁନିୟନର ଏକ ପ୍ରତିନିଧି ମଣ୍ଡଳୀ ଜିଲାର ବିଭିନ୍ନ ଗାଁର ଚାଷ ଜମି ପରିଦର୍ଶନ କରିଥିଲେ । ଏହି ସମୟରେ ସେମାନେ ଦେଓଗାଁ ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର ଲୁହାଖାନ, ଗୋଇଲପିଟା, ରାମଚନ୍ଦ୍ରପୁର ଓ ସିଂହାମୁଣ୍ଡା ଗ୍ରାମପଞ୍ଚାୟତର ଖଲିଆପାଲି, ଲଖନପୁର, ସିଂହାମୁଣ୍ଡା ଗାଁ ଏବଂ ବନ୍ଧପଡା ଗ୍ରାମପଞ୍ଚାୟତର ଗାଁଗୁଡିକରେ ମରୁଡି ପରିସ୍ଥିତି ଥିବା ଦେଖିବାକୁ ପାଇଥିଲେ। ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ। ସହକାରୀ ଜିଲାପାଳ ଦାବିପତ୍ର ଗ୍ରହଣ କରି ଏ ଦିଗରେ ଯଥାଶୀଘ୍ର ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ।



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ



ସଙ୍ଗୀତ ସାଧନା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ।

ଲୋଇସିଂହା,୪।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଦୁର୍ଗାମଣ୍ଡପରେ ୱାନ ଷ୍ଟେପ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବୁଧବାର ସନ୍ଧ୍ୟାରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଶିବଲୁ କଦମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ନିହାର ରଞ୍ଜନ ବେହେରା, ସମ୍ମାନିତ ଅତିଥି ଭାବେ ଲୋଇସିଂହା ଜମିଦାର ସୁଶ୍ରୀ ଅର୍ଚ୍ଚନା ଦେବୀ ସିଂରାଏ , ମୁଖ୍ୟବକ୍ତା ଭାବେ ଅଶୋକ ମେହେର ଯୋଗ ଦେଇଥିଲେ। ମୁଖ୍ୟଅତିଥି ବେହେରା ଟ୍ରଷ୍ଟ ଗଠନର ଉଦ୍ଦେଶ୍ୟ ଓ ଲୋକଲୋଚନକୁ ଆସିପାରୁ ନ ଥିବା କଳାକାରଙ୍କ ପାଇଁ ମଞ୍ଚ ସୃଷ୍ଟି କରିବା ଏହି ଅନୁଷ୍ଠାନର ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ମେହେର କହିଥିଲେ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ହେଲା ମନୋରଞ୍ଜନ ହେବା ସହିତ ପୁରୁଣା ସଂସ୍କୃତି ଓ ପରମ୍ପରା ଜାଣିପରିବା। କାର୍ଯ୍ୟକ୍ରମକୁ ବୀରେନ୍ଦ୍ର ପାଣ୍ଡେ ସଂଯୋଜନା କରିଥିଲେ। ଏହି ଅବସରରେ ବହୁ ଯୁବ ଏବଂ ଦକ୍ଷ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗୀତ ସାଧନା ଲୋଇସିଂହା ଓ ସରଗମଲି ସରଧାପାଲିର କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଟିବିଲୁ କଦମ, କହ୍ନେଆ ବେହେରା, ମନୋଜ ପୋଢ ସହଯୋଗ କରିଥିଲେ।

# ଦାଦନ ଶ୍ରମିକ ଉଦ୍ଧାର: ସର୍ଦ୍ଦାର ଚମ୍ପଟ

ଲାଠୋର,୪।୧୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଲାଠୋର ଥାନା ସଦର ଗ୍ରାମ ବସଷ୍ଟାଣ୍ଡରେ ଗୁରୁବାର ପୋଲିସ ଚଢାଉ କରି ୨ ଜଣ ଦାଦନ ଶ୍ରମିକ ଓ ସେମାନଙ୍କ ସହ ଥିବା ୩ ଜଣ ବାଳିକାଙ୍କୁ ଉଦ୍ଧାର କରିଛି । ଏଥିରେ ସଂପୃକ୍ତ ମୁଖ୍ୟ ସର୍ଦ୍ଦାର ଚମ୍ପଟ ମାରିଥିବା ବେଳେ ଅନ୍ୟ ଜଣଙ୍କୁ ଗିରଫ କରାଯାଇଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ, ସକାଳେ ଲାଠୋର ଥାନା ଅଧୀନ ଭରୁଆମୁଣ୍ଡା ଗ୍ରାମର ୨ ପୁରୁଷ ଶ୍ରମିକଙ୍କ ସହ ବାଳିକାମାନଙ୍କୁ ଲାଠୋର ତଳିପଡ଼ାର ଜଣେ ସର୍ଦ୍ଦାର ଏବଂ ଜଲପାଙ୍କେଲ ଗ୍ରାମର ଭଜ ବାଗ ବେଆଇନ ଭାବେ ଆନ୍ଧ୍ରପ୍ରଦେଶ ଚାଲାଣ ପାଇଁ ଆଣିଥିଲେ । ସେମାନେ ବସଷ୍ଟାଣ୍ଡରୁ ରେଳ ଷ୍ଟେଶନକୁ ଆସୁଥିବା ବେଳେ ପୋଲିସ କୌଣସି ସୂତ୍ରରୁ ଖବର ପାଇ ଚଢାଉ କରି ସେମାନଙ୍କୁ ଉଦ୍ଧାର କରିଥିଲା । ମୁଖ୍ୟ ସର୍ଦ୍ଦାର ପୋଲିସ ଆଖିରେ ଧୂଳି ଦେଇ ଫେରାର ହୋଇଯାଇଛି। ଏନେଇ ଲାଠୋର ଥାନାରେ ନଂ ୨୮୫/୨୦୨୫ରେ ଏକ ମାମଲା ରୁଜୁ ହୋଇଛି। ଗିରଫ ଭଜଙ୍କୁ ପାଟଣାଗଡ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି। ଉଦ୍ଧାର ଶ୍ରମିକଙ୍କୁ ସେମାନଙ୍କ ଘରକୁ ପଠାଇ ଦିଆଯାଇଛି । ବାଳିକାମାନଙ୍କୁ ଇଟା ବୋହିବା କାର୍ଯ୍ୟରେ ନିୟୋଜିତ କରିବା ଲାଗି ଚାଲାଣ ଉଦ୍ୟମ କରାଯାଉଥିଲା ବୋଲି ଜାଣିବାକୁ ମିଳିଛି ।



ଲାଠୋର ପୋଲିସ ଦ୍ୱାରା ଉଦ୍ଧାର ଶ୍ରମିକ ।



ନୃସିଂହ ମନ୍ଦିରରେ ଗୀତା ଜୟନ୍ତୀ ପାଳନ ଅବସରରେ ମହିଳାମାନେ।

# ଜିଲା ବ୍ରାହ୍ମଣ ମହାସଭା ପକ୍ଷରୁ ଗୀତା ଜୟନ୍ତୀ

ବଲାଙ୍ଗୀର,୪।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ବ୍ରାହ୍ମଣ ମହାସଭା ପକ୍ଷରୁ ସ୍ଥାନୀୟ ଶ୍ରୀନୃସିଂହ ମନ୍ଦିରରେ ଗୀତା ଜୟନ୍ତୀ ପାଳନ କରାଯାଇଥିଲା । ଏଥିରେ ଶତାଧିକ ବ୍ରାହ୍ମଣ ଏବଂ ମହିଳା ଶକ୍ତି ସଦସ୍ୟା ଉପସ୍ଥିତ ଥିଲେ। ଧନଞ୍ଜୟ ମିଶ୍ରଙ୍କ ସମେତ ଶ୍ୟାମ ସୁନ୍ଦର ଦାଶ, ସତ୍ୟବନ୍ତ ବେଦବାକ, ଜଗନ୍ନାଥ ଷଡଙ୍ଗୀ, ଷଡାନନ ହୋତା, ଶଙ୍କର୍ଷଣ ପାଣିଗ୍ରାହୀ, କାଳୀପ୍ରସାଦ ମିଶ୍ର, ସ୍ୱାଧୀନ କୁମାର ମିଶ୍ର, ବାଳକୃଷ୍ଣ ଷଡଙ୍ଗୀ, ଗୋପବନ୍ଧୁ ପୁରୋହିତ ଗୀତା ଶ୍ଳୋକ ଉଚ୍ଚାରଣ କରିଥିଲେ। ଆଚାର୍ଯ୍ୟ ବ୍ରହ୍ମଶ୍ରୀ ଗିରିଧାରୀ ଶତପଥୀ ଏବଂ ପଣ୍ଡିତ ଲକ୍ଷ୍ମୀ ପ୍ରସାଦ ଚାନ୍ଦଙ୍କ ତତ୍ତ୍ୱାବଧାନରେ ଗୀତା ଯଜ୍ଞ ହବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ହବନ କାର୍ଯ୍ୟକ୍ରମରେ ବିଶ୍ୱନାଥ ମିଶ୍ର , ତୁଳସୀ ମଞ୍ଜରୀ ମିଶ୍ର, କବିରାଜ ହୋତା , ମୀନା ମିଶ୍ର, ଡ. ଗୋଦାବରୀଶ ରଥ, ଡ. ସନ୍ଧ୍ୟାରାଣୀ ପଣ୍ଡା, ଧର୍ମସିଂ ମିଶ୍ର , ଜେମାଦେଇ ମିଶ୍ର, କେଶବ ଚରଣ ମିଶ୍ର ଏବଂ ମମତା ମିଶ୍ର ତଥା ସସ୍ତ୍ରୀକ ବଳରାମ ମିଶ୍ର ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଭୁଦତ୍ତ ଶତପଥୀ, ଗୋପୀନାଥ ନାୟକ, ରାଜ କିଶୋର ଦାଶ, ସଞ୍ଜୟ କୁମାର ପୁରୋହିତ, ଅଶୋକ ମିଶ୍ର, ପୁରୁଷୋତ୍ତମ ପଣ୍ଡା, ପଞ୍ଚାନନ ବେଦବାକ, ଜୟବିହାରୀ ବେଦବାକ, ସୁଶାନ୍ତ ପଣ୍ଡା, ଶୁଭେନ୍ଦ୍ର ନେପାକ, ଶାନ୍ତନୁ ମିଶ୍ର ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା

## କୃତୀ ପ୍ରତିଯୋଗୀ ସମ୍ବର୍ଦ୍ଧିତ

ଖପ୍ରାଖୋଲ,୪।୧୨(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ ବୁଢିବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ତରଫରୁ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୃନ୍ଦାବନ ଧରୁଆ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ଏବିଇଓ ରୁଦ୍ରଦେବ ଷଡଙ୍ଗୀ, କଳକାହ୍ନୁ ସାହୁ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ସତ୍ୟବ୍ରତ ବେହେରା ଓ ସବିତା ମହରା ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।



ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଜଗନ୍ନାଥ ସଂସ୍କୃତି, ପରମ୍ପରା ଓ ଇତିହାସ ଉପରେ ଜ୍ଞାନ ଅର୍ଜନ କଲେ ଛାତ୍ରୀଛାତ୍ର

ଲାଠୋର,୪।୧୨(ଭୁବନେଶ୍ୱର ବାରିକ)

ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ନିକଟରେ ବିଦ୍ୟାଳୟ ତରଫରୁ ଶୈକ୍ଷିକ ଭ୍ରମଣରେ ବାହାରି ସୁବର୍ଣ୍ଣପୁର ଜିଲାର କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ର ଗସ୍ତ କରିଥିଲେ । ଅଧ୍ୟକ୍ଷ ବଳଭଦ୍ର ଦାଶଙ୍କ ନେତୃତ୍ୱରେ ୬୪ ଜଣ ଛାତ୍ରୀଛାତ୍ର ଏହି ଶୈକ୍ଷିକ ଭ୍ରମଣରେ ସାମିଲ ହୋଇଥିଲେ । ପ୍ରଥମେ ମନ୍ଦିରକୁ ଯାଇ ଦାରୁ ବିଗ୍ରହଙ୍କୁ ପୂଜାର୍ଚ୍ଚନା କରିଥିଲେ । ପରେ ତ୍ରିକୂଟ ପାହାଡ଼ ଚଢ଼ି ଦାରୁକୋଣ ଗୁମ୍ଫା ପରିଦର୍ଶନ କରିଥିଲେ । ଗୁମ୍ଫା ମଧ୍ୟରେ ଶ୍ରୀବିଗ୍ରହଙ୍କୁ ଦେଖି ଛାତ୍ରୀଛାତ୍ର ଅଭିଭୂତ ହୋଇ ପଡ଼ିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନେ ଜଗନ୍ନାଥ ସଂସ୍କୃତି, ପରମ୍ପରା ଓ ଇତିହାସ ଉପରେ ଭ୍ରମଣ କାଳରେ ଜାଣିବାକୁ ପାଇ ଖୁସି ବ୍ୟକ୍ତ କରିବା ସହ ଜ୍ଞାନ ଅର୍ଜନ କରି ତଥ୍ୟ ସଂଗ୍ରହ କରିଥିଲେ । ଶେଷରେ ମହାନଦୀ, ତେଲନଦୀର ମିଳନ ସ୍ଥଳ ତଥା ଶ୍ରୀରାମେଶ୍ୱର ତ୍ରିବେଣୀ ସଙ୍ଗମ ପରିଦର୍ଶନ କରିବା ସହିତ ସୁରେଶରୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ । ଏଥିସହିତ ଉଲୁଣ୍ଡା ନିକଟସ୍ଥ ମେଟାକାନି ମନ୍ଦିର ପରିଦର୍ଶନ କରିଥିଲେ । ଏହି ଅବସରରେ ବରିଷ୍ଠ ଅଧ୍ୟାପକ ହାରେଶ କୁମାର ସାହୁ, ପ୍ରଦୀପ କୁମାର ଠାକୁର, ସତ୍ୟସରଣ ସାହୁ, ସହକାରୀ ଗ୍ରନ୍ଥାଗାରିକ ଗଙ୍ଗାଧର ଭାଇଁଷାଲ, ରାଜକିଶୋର ବାଗ, ଉମାକାନ୍ତ ଦେହୁରୀ ପ୍ରମୁଖ ସାମିଲ ହୋଇ ସହଯୋଗ କରିଥିଲେ ।



ପାତାଳୀ ଶ୍ରୀକ୍ଷେତ୍ରରେ ଲାଠୋର ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର

# ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

ଲୋଇସିଂହା,୪।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହାରେ ଉଦ୍‌ବେଗଜନକ ଭାବେ ଏଚଆଇଭି ପଜିଟିଭ ସଂକ୍ରମଣ ହେବାରେ ଲାଗିଛି। ଗତ ୧୦ ମାସରେ ୧୨ଜଣ ପଜିଟିଭ ଚିହ୍ନଟ ଚିନ୍ତାର କାରଣ ହୋଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଡ଼ାକ୍ତରଖାନା ଆଇସିଟିସି କେନ୍ଦ୍ର ଓ ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟର ଛାତ୍ରୀମାନଙ୍କ ପକ୍ଷରୁ ଲୋଇସିଂହାରେଏକପ୍ରଥପ୍ରାନ୍ତସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇସିଟିସି କେନ୍ଦ୍ର ପରାମର୍ଶଦାତା ଖଗେଶ୍ୱର ଗଡତ୍ୟାଙ୍କ ନେତୃତ୍ୱରେ ବିଦ୍ୟାଳୟର କମ୍ପ୍ୟୁଟର ଶିକ୍ଷକ ବାମଦେବ ଭୋଇ, ପିଜିଟି କମ୍ପ୍ୟୁଟର ସାଇନ୍ସ ସମ୍ପିତା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ଲୋଇସିଂହା ସହର ପରିକ୍ରମା କରିଥିଲେ । ଏଥିସହ ୨୬ ନଂ ଜାତୀୟ ରାଜପଥ କଡ ଷ୍ଟାଡିୟମ ଆଗରେ ଛାତ୍ରୀମାନେ ରୋଗର କାରଣ, ଲକ୍ଷଣ, ସଂଯମତା ଓ ସତର୍କତା ଉପରେ ଲୋକଙ୍କୁ ସଚେତନ କରିଥିଲେ।




ପଥପ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ ଅବସରରେ ଛାତ୍ରୀମାନେ।

# ବୈଶାଖୀ ନାଟ୍ୟ ମହୋତ୍ସବ-୨୫ ଉଦ୍‌ଘାଟିତ

ଲୋଇସିଂହା,୪।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ଗ୍ରାମର ରାଧାକୃଷ୍ଣ ମନ୍ଦିର କଲ୍ୟାଣ ମଣ୍ଡପରେ ବୈଶାଖି ନାଟ୍ୟ ମହୋତ୍ସବ--୨୦୨୫ ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ବୁର୍ଡା ନିର୍ମାଣ ଶ୍ରମିକ ସଂଘ ଆନୁକୂଲ୍ୟରେ ଓ ଓଡ଼ିଆ ଭାଷା ,ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତା ରେ ତ୍ରିଦିବସୀୟ ବୈଶାଖି ନାଟ୍ୟ ମହୋତ୍ସବ ଅନୁଷ୍ଠିତ ହେଉଛି। ଉଦ୍‌ଘାଟନୀ ସମାରୋହରେ ଓମ ପ୍ରକାଶ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବରେ ଲୋଇସିଂହା ତହସିଲଦାର ଟିଙ୍କୁନୁ ପୁଟା, ସମ୍ମାନିତ ଅତିଥି ଭାବରେ ଅକ୍ଷୟ ପାଣି ଟୁଡୁ ଓ ମୁଖ୍ୟବକ୍ତା ଭାବେ ସମାଜସେବୀ ଅଶୋକ ମେହେର ଯୋଗଦେଇ ସମାଜରେ ନାଟକର ଭୂମିକା ସମ୍ପର୍କରେ କହିଥିଲେ। ପ୍ରଥମ ରଜନୀରେ ବୁର୍ଡା ମଧ୍ୟମପଡାର ପ୍ରସ୍ତୁତ ଲୋକ ନାଟକ ଲକ୍ଷ୍ମୀ ପୁରାଣ ଓ କଟକର ମା' ବାସେଳି ସଂସ୍ଥା ତରଫରୁ ଘୋଡ଼ା ନାଚ ପ୍ରଦର୍ଶିତ ହୋଇଥିଲା ।




ନାଟକର ଏକ ଦୃଶ୍ୟ ।

# ସଇଁତଲା ସହରରେ ବାଂଲାଦେଶୀଙ୍କ ଅନୁପ୍ରବେଶ ରୋକାଯାଉ

## ଭଡ଼ା ଆଶାରେ ବିନା କାଗଜପତ୍ରରେ ଘରଭଡ଼ା ଦେଉଛନ୍ତି ଘର ମାଲିକ

ସଇଁତଲା,୪।୧୨(ରାଖାଲ ପ୍ରସାଦ ଶତପଥି)

ଓଡିଶାର ବିଭିନ୍ନ ସ୍ଥାନରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ନେଇ ଖୋଳତାଡ ଚାଲିଛି । ତେବେ ବଲାଙ୍ଗୀର ଜିଲା ସଇଁତଲା ସହରରେ କେତେଜଣ ବାଂଲାଦେଶୀ ରହୁଥିବା ବେଳେ ଏହାର ଯାଞ୍ଚ କରାଯାଉନାହିଁ । ବାଂଲାଦେଶୀ ସଇଁତଲା ଅଞ୍ଚଳକୁ ଆସି ଏଠାରେ ରହି ଫେରିବାଲା, ଟାଇଲ୍ସ ମିସ୍ତ୍ରୀ, ରଙ୍ଗ ମିସ୍ତ୍ରୀ ତଥା କାଠ ମିସ୍ତ୍ରୀ ଭାବରେ କାମ କରିବା ସହ ପ୍ରତିଦିନ ବିଭିନ୍ନ ଅଞ୍ଚଳକୁ ଗସ୍ତ କରୁଛନ୍ତି । ବାଂଲାଦେଶୀଙ୍କ ବିରୋଧରେ ପୋଲିସ କିମ୍ବା ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଅଦ୍ୟାବଧି ଗ୍ରହଣ କରାଯାଇନାହିଁ । ଏହାଛଡା ଅଞ୍ଚଳରେ କେତେଜଣ ବାଂଲାଦେଶୀ ରହୁଛନ୍ତି ଏବଂ ସେମାନଙ୍କ ପ୍ରକୃତ ପରିଚୟ କ'ଣ ସେ ବିଷୟରେ ମଧ୍ୟ ତଦନ୍ତ କରାଯାଇନାହିଁ ।

ଅନ୍ୟପକ୍ଷରେ ବଲାଙ୍ଗୀର ଜିଲାର ସୀମାବର୍ତ୍ତୀ ଜିଲାରେ ପୋଲିସ ପ୍ରଶାସନ ତରଫରୁ ନିକଟରେ ବାଂଲାଦେଶୀଙ୍କ ଯାଞ୍ଚ ଆରମ୍ଭ ହୋଇଥିବା ବେଳେ ଉକ୍ତ ଅଞ୍ଚଳରେ ବସବାସ କରୁଥିବା ବାଂଲାଦେଶୀମାନେ ଯାଞ୍ଚରୁ ବର୍ତ୍ତିବା ପାଇଁ ବର୍ତ୍ତମାନ ବଲାଙ୍ଗୀର ଜିଲା ମୁହାଁ ହୋଇଛନ୍ତି । ସେମାନେ ଜିଲାର ବିଭିନ୍ନ ଅଞ୍ଚଳରେ ରହୁଥିବା ଅନ୍ୟ ବାଂଲାଦେଶୀଙ୍କ ନିକଟରେ ଆଶ୍ରୟ ନେଉଛନ୍ତି। ସେହିପରି ସଇଁତଲା ଅଞ୍ଚଳରେ ରହୁଥିବା ଘରମାଲିକମାନେ ବିନା କୌଣସି ବୈଧ କାଗଜପତ୍ରରେ ତଥା ବାଂଲାଦେଶୀଙ୍କ ବିଷୟରେ କୌଣସି ତଥ୍ୟ ଅନୁସନ୍ଧାନ ନ କରି ଘର ଭଡ଼ା ପାଇବା ଆଶାରେ ନିଜ ଘରକୁ ଭଡ଼ା ସୂତ୍ରରେ ପ୍ରଦାନ କରୁଥିବା ଦେଖିବାକୁ ମିଳୁଛି। ଫଳରେ ସେମାନେ ନିଜର ବ୍ୟବସାୟ ଚଳାଇଛନ୍ତି। ଏହାସହ ବହୁ ବାଂଲାଦେଶୀ ଆଧାର କାର୍ଡ଼ ମଧ ହାତେଇ ସାରିଲେଣି। କିଛି ବର୍ଷ ତଳେ ବେଲଗାଁ ଅଞ୍ଚଳରେ ରହୁଥିବା କେତେଜଣ ବାଂଲାଦେଶୀ ନିଜର ଭୋଟର କାର୍ଡ଼, ଆଧାର କାର୍ଡ଼ କରିବା ସହ ରାଜ୍ୟ ସରକାରଙ୍କ ତରଫରୁ ଭୂମିହୀନମାନେ ପାଉଥିବା ୪ ଡ଼ିସିମିଲ ଜମି ପାଇଁ ମଧ ଆବେଦନ କରିଥିବା ଜଣାଯାଏ। ଏହି ଅଞ୍ଚଳରେ ବାଂଲାଦେଶୀଙ୍କ ଅନୁପ୍ରବେଶ ଯୋଗୁ ଚୋରି, ଡ଼କାୟତି ବୃଦ୍ଧି ପାଇଛି। ପୋଲିସ ଓ ପ୍ରଶାସନ ତରଫରୁ ବାଂଲାଦେଶୀଙ୍କ ପ୍ରକୃତ ପରିଚୟ ତଥା ସେମାନେ ରହୁଥିବା ଘର ଯାଞ୍ଚ କରି ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି । ବର୍ତ୍ତମାନ ରାଜ୍ୟରେ ବେଆଇନ ଭାବରେ ବାଂଲାଦେଶୀମାନେ ଅନୁପ୍ରବେଶ କରିବା ସହ ବିଭିନ୍ନ ଆତଙ୍କବାଦୀ ଗୋଷ୍ଠୀଙ୍କ ସହ ସମ୍ପର୍କରେ ରହି ଆସୁଥିବା ରାଜ୍ୟର ଜଗତସିଂହପୁର ଅଞ୍ଚଳରୁ ସ୍ପଷ୍ଟ ହୋଇସାରିଛି। ବଲାଙ୍ଗୀର ଜିଲାର ସଇଁତଲା ନିକଟରେ ଗୋଳାବାରୁଦ କାରଖାନା ଅବସ୍ଥିତ। ଗୋଳାବାରୁଦ କାରଖାନା ଏକ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବା ବେଳେ କାରଖାନା ନିକଟରେ ଅବସ୍ଥିତ ସଇଁତଲା ସହରରେ ରହୁଥିବା ବାଂଲାଦେଶୀଙ୍କ ସମ୍ପର୍କୀୟମାନଙ୍କ ଅନୁପ୍ରବେଶ ଉଦ୍‌ବେଗର କାରଣ ହୋଇଛି।

## ସଂକ୍ଷେପରେ

### ଗାଁକୁ ଫେରିଲା ଦାଦନଙ୍କ ମୃତଦେହ

ଘଣ୍ଟାପଡା,୪।୧୨(ପ୍ରଭାତ କୁମାର ସାହୁ)

କର୍ଣ୍ଣାଟକରେ ଦାଦନ ଖଟୁଥିବା ବୌଦ୍ଧ ଜିଲା କନ୍ଧମାଳ ବ୍ଲକ୍ ନାରାୟଣପ୍ରସାଦ ଗ୍ରାମପଞ୍ଚାୟତ ଲୁଣ୍ଡୁରୁ ଗ୍ରାମର ଦଶରଥ ସୁନାଙ୍କ ମୃତଦେହ ଜିଲା ପ୍ରଶାସନ ସହଯୋଗରେ ଗାଁକୁ ଆସିଛି। ଦଶରଥ ୨/୩ ବର୍ଷ ହେବ ସ୍ତ୍ରୀ ଏବଂ ଦୁଇ ପିଲାଙ୍କ ସହିତ କର୍ଣ୍ଣାଟକ ରାଜ୍ୟ ଉର୍ବନ୍ ଜିଲା ଜିଗିନି ଥାନା ଅଧୀନ ଗୋହଳହଲି ଗ୍ରାମରେ ଥିବା ଏକ ବ୍ରଏଲର୍ ଫାର୍ମରେ କାମ କରିବାକୁ ଯାଇଥିଲେ। ଗତ ସୋମବାର କୌଣସି କାରଣରୁ ଦଶରଥଙ୍କ ମୃତ୍ୟୁ ହୋଇଥିଲା। ମୃତଦେହ ଗାଁକୁ ଆଣିବା ପାଇଁ ସମ୍ବଳ ନ ଥିବାରୁ ମୃତକଙ୍କ ସ୍ତ୍ରୀଙ୍କଠାରୁ ପରିବାର ଲୋକେ ଖବର ପାଇ ଜିଲା ପ୍ରଶଶସନକୁ ଜଣାଇଥିଲେ। ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ ସୁଶ୍ରୀ କନ୍ୟା କୁମାରୀ ସାହୁ ତଦନ୍ତ କରି ମୃତଦେହ ଗାଁକୁ ଆଣିବା ପାଇଁ ଉଦ୍ୟମ କରିଥିଲେ। ଜିଲା ପ୍ରଶାସନ ଏବଂ ଜିଲା ଶ୍ରମ ବିଭାଗର ମିଳିତ ସହଯୋଗରେ ଆମ୍ବୁଲାନ୍ସ ଯୋଗେ ଦଶରଥଙ୍କ ମୃତଦେହକୁ ବାଙ୍ଗାଲୋରରୁ ପୈତୃକ ଗ୍ରାମ ଲୁଣ୍ଡୁରକୁ ଅଣାଯାଇ ଗୁରୁବାର ଶେଷକୃତ୍ୟ ଶେଷ କରାଯାଇଛି।

# ଭାରତୀୟ ସମ୍ବିଧାନ ଆମର ରାଷ୍ଟ୍ରୀୟ ଅସ୍ମିତା

ସୋନପୁର,୪।୧୨(ମୃତ୍ୟୁଞ୍ଜୟ ଶତପଥୀ)

ଅଖିଳ ଭାରତୀୟ ଅଧିଭକ୍ତା ପରିଷଦ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ସମ୍ବିଧାନ ଦିବସ ଗୁରୁବାର ପାଳିତ ହୋଇଯାଇଛି। ସୁବର୍ଣ୍ଣପୁର କୃଷି ବିଜ୍ଞାନ କେନ୍ଦ୍ର ସଭାଗୃହରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରିଷଦ ଜିଲା ସଭାପତି ବଳଦେବ ପଧାନ ଏଥିରେ ଅଧକ୍ଷତା କରି ସମ୍ବିଧାନ ସମ୍ପର୍କରେ ଅଧିକରୁ ଅଧିକ ଆଲୋଚନା ପର୍ଯ୍ୟାଲୋଚନା ସମ୍ପର୍କରେ ନିଜର ମତ ରଖିଥିଲେ। ଜିଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଆମ ଦେଶ ହେଉଛି ଏକ ଗଣତାନ୍ତ୍ରିକ ରାଷ୍ଟ୍ର। ଆମ ଦେଶର ସମ୍ବିଧାନ ବିଶ୍ୱର ସର୍ବବୃହତ ଲିଖିତ ସମ୍ବିଧାନ। ଏହା ହେଉଛି ବିଶ୍ୱର ସର୍ବଶ୍ରେଷ୍ଠ। ଭାରତୀୟ ସମ୍ବିଧାନ ଆମର ରାଷ୍ଟ୍ରୀୟ ଅସ୍ମିତା ବୋଲି ଜିଲାପାଳ ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ପି ନାରାୟଣ ନାୟକ ଯୋଗଦାନ କରି ଦେଶର ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ନାଗରିକଙ୍କ ମୌଳିକ ଅଧିକାର ଅକ୍ଷୁର୍ଣ୍ଣ ରହିବା ଉଚିତ। ଏ କ୍ଷେତ୍ରରେ ଆଇନଜୀବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଏସ୍‌ପି କହିଥିଲେ।



ସମ୍ବିଧାନ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ଓ ପରିଷଦ କର୍ମକର୍ତ୍ତା।

**ଅଧିବକ୍ତା ପରିଷଦ ପକ୍ଷରୁ ସମ୍ବିଧାନ ଦିବସ ପାଳିତ**

ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ଡ. କମ୍ବୁପାଣି ପାଢୀ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ସମ୍ବିଧାନ ଭାରତର ଗଣତନ୍ତ୍ର ପାଇଁ ସର୍ବୋଚ୍ଚ ଶାସନ ଦଲିଲ ଭାବରେ କାର୍ଯ୍ୟକରେ। ଏଥିରେ ଦେଶର ନାଗରିକଙ୍କ ପାଇଁ ରହିଥିବା ବିଧି ବ୍ୟବସ୍ଥା ଉପରେ ସେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଆଇନଜୀବୀ ପରିଷଦ ଉପସଭାପତି ରବୀନ୍ଦ୍ର କୁମାର ପଣ୍ଡା, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଜୟଶ୍ରୀ ମହାପାତ୍ର, ବିଭାଗ ସଂଘ ଚାଳକ ଯତୀନ୍ଦ୍ର ମୋହନ ପାଠୀ, ସହ ପ୍ରାନ୍ତ ପ୍ରଚାର ପ୍ରମୁଖ ପ୍ରଣବ କୁମାର ନାୟକ ଓ ଜିଲା ସଂଘ ଚାଳକ ଦିଲ୍ଲିପ କୁମାର ତ୍ରିପାଠୀ ଯୋଗଦେଇ ଆମ ଦେଶର ପବିତ୍ର ସମ୍ବିଧାନର ଆତ୍ମାକୁ ଚିହ୍ନିବା ଓ ଏହାକୁ ସାଧାରଣ ନାଗରିକଙ୍କୁ ପରିଚିତ କରେଇବା ଅଧିବକ୍ତାଙ୍କ ପରମ କର୍ତ୍ତବ୍ୟ ବୋଲି ମତପ୍ରକାଶ କରିଥିଲେ। ଆଇନଜୀବୀ ପ୍ରଦୀପ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା ସମ୍ପାଦକ ଦଶରଥ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନନ୍ଦ କିଶୋର ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ। ଆଇନଜୀବୀ ପ୍ରଫୁଲ୍ଲ ସାହୁ, ବିପିନ ବିହାରୀ ବିଦ୍ୟାଧର, ସାନନ୍ଦ ବିହାରୀ ମହାପାତ୍ର, ରାଜେନ୍ଦ୍ର କୁମାର ନାୟକ, ସୁରେଶ ମହଲା, ଶ୍ରୀକାନ୍ତ ଦାସ, ଅଜିତ ନାରାୟଣ ହୋତା, ସୁଧାଂଶୁ ସାହୁ, ପ୍ରତିପ୍ରଜ୍ଞା ପୁରୋହିତ, ଶମ୍ଭୁପ୍ରସାଦ ବିଶି, ନବକୃଷ୍ଣ ଦନ୍ତା, ରାଜକିଶୋର ନନ୍ଦ, ତପନ ଜୁଆଡି, ହିମାଂଶୁ ଭୋଇ, ରଶ୍ମି ଦାସ, ପ୍ରଫୁଲ୍ଲ ମେହେର ଓ ନବ ତ୍ରିପାଠୀଙ୍କ ସମେତ ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ଶତାଧିକ ଆଇନଜୀବୀ ଉପସ୍ଥିତ ଥିଲେ।

## ମନ୍ଦିର ପ୍ରାଙ୍ଗଣରେ ପୁଷ୍ପ ଉଦ୍ୟାନର ଶୁଭାରମ୍ଭ

ସୋନପୁର,୪।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶରୀଙ୍କ ମନ୍ଦିର ପ୍ରାଙ୍ଗଣରେ ଔଷଧୀୟ ବୃକ୍ଷ ରୋପଣ ଓ ଏକ ସୁନ୍ଦର ପୁଷ୍ପ ଉଦ୍ୟାନ ନିର୍ମାଣ ପାଇଁ ଗୁରୁବାର ଶୁଭାରମ୍ଭ ହୋଇଛି। ସୁବର୍ଣ୍ଣପୁର ଜିଲାପାଳ ଡ଼. ନୃପରାଜ ସାହୁ ଓ ଏସ୍‌ପି ନାରାୟଣ ନାୟକ ଅତିଥିଭାବେ ଯୋଗଦେଇ ବୃକ୍ଷରୋପଣ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ମା'ଙ୍କ ପୀଠକୁ ସବୁଜ ଓ ସୁନ୍ଦର କରିବା ପାଇଁ ଏହି ଅବସରରେ ସଙ୍କଳ୍ପ ନିଆଯିବା ସହ ଭକ୍ତ ଓ ଜନ ସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହା ସହିତ ମା'ଙ୍କ ପୀଠରେ ଆରମ୍ଭ ହୋଇଥିବା କଲ୍ୟାଣ ମଣ୍ଡପ କାର୍ଯ୍ୟର ତଦାରଖ କରାଯାଇଥିଲା। କାମର ଗୁଣାତ୍ମକ ମାନ ଠିକ୍ ହେବା ଜରୁରୀ ବୋଲି ସମ୍ପୃକ୍ତ ଠିକାଦାରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେବା ସହ ମନ୍ଦିର କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ । ମନ୍ଦିର ପୂଜକ କାଳୀପ୍ରସାଦ ମିଶ୍ର, ଯଜ୍ଞ କମିଟି ଉପଦେଷ୍ଟା ଶ୍ରୀବତ୍ସ ମଲ୍ଲିକ, ବୈକୁଣ୍ଠ ଶତପଥୀ, ପ୍ରଦୀପ ପୁରୋହିତ, ପ୍ରକାଶ ସାହୁ, ଜିତେନ୍ଦ୍ର ପଟ୍ଟନାୟକ, ପଠାଣ କୁମାର ପଣ୍ଡା, ସତ୍ୟ ନାରାୟଣ ତ୍ରିପାଠୀ, କମିଟି ସଦସ୍ୟ ମନୋରଞ୍ଜନ ତ୍ରିପାଠୀ, ଶେଷଦେବ ମେହେର , ଲଡୁ କିଶୋର ମଲ୍ଲିକ, ଗୋପାଳ ନେଗୀ ଓ ବନପାଳ ଭକ୍ତବନ୍ଧୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।


ମା' ସୁରେଶରୀଙ୍କ ମନ୍ଦିର ପ୍ରାଙ୍ଗଣରେ ଜିଲାପାଳ ଓ ଏସ୍‌ପି ଚାରାରୋପଣ କରୁଛନ୍ତି।

### ବାଉଁଶୁଣୀ କଲେଜର ବାର୍ଷିକ କ୍ରୀଡ଼ା

ବିନିକା, ୪।୧୨ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଉଁଶୁଣୀ ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ସ୍ଥାନୀୟ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ଉତ୍ସବକୁ କଲେଜ ଅଧକ୍ଷ ପଞ୍ଚାନନ ସାହୁ ଉଦ୍‌ଘାଟନ କରିଥିଲେ। ଖେଳ ଶିକ୍ଷକ ଶାନ୍ତନୁ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗୀତାରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଦୌଡ଼, ଲମ୍ଫଡିଆଁ, ଉଚ୍ଚଡିଆଁ, ସଟପୁଟ, ଡିସକସ ଥ୍ରୋ, ସାଇକଲ ସ୍ଲୋ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ଶେଷରେ ଅଧ୍ୟାପକ ରଞ୍ଜନ ମହଲା ଧନ୍ୟ ବାଦ ଦେଇଥିଲେ। ଏଥିରେ କଲେଜ ର ସମସ୍ତ ଅଧାପିକା ଅଧାପକ ଓ କର୍ମଚାରୀ ସହଯୋଗ କରିଥିଲେ।



ବୀରମହାରାଜପୁର ବ୍ଲକ ରଥପୁର ଓଏଭିର ଛାତ୍ରୀମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି।

### ଗୀତା ମହୋତ୍ସବ ଉଦ୍‌ଯାପିତ

ଡୁଙ୍ଗୁରିପାଲି, ୪।୧୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିସ୍ଥିତ ଦିଗଶିରା ଗଡତିଆପଡା ଦୁର୍ଗା ମନ୍ଦିର ମଣ୍ଡପରେ ଚାଲିଥିବା ୭୨ତମ ବାର୍ଷିକ ଗୀତା ମହୋତ୍ସବ ଗୁରୁବାର ଉଦଯାପିତ ହୋଇଯାଇଛି। ଦୁଇଦିନିଆ ଗୀତା ମହୋତ୍ସବ ମେଣ୍ଢାର ମହନ୍ତ ନିମାଇଚରଣ ଦାସଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ପ୍ରଥମ ଦିନ ବୁଧବାର କୃପାସିନ୍ଧୁ ନାଏକ ମୁଖ୍ୟ ଗୀତା ପଠନ କରିଥିଲେ। ଦିଗଶିରା ବ୍ରହ୍ମସମାଜ ଓ ଗୀତା ଜୟନ୍ତୀ କମିଟି ପକ୍ଷରୁ ଏହା ଆୟୋଜନ କରାଯାଇଥିଲା। ଏଥିରେ ଗୀତା ପଠନ ଓ ଅନନ୍ତମୁଖୀ ପାରାୟଣ ପଠନ କରାଯାଇଥିଲା। ଆଖପାଖ ଗ୍ରାମର ୨୦୦ରୁ ଊର୍ଦ୍ଧ୍ୱ ବ୍ରାହ୍ମଣ ଗୀତା ପଠନ କରିଥିଲେ। ରାତିରେ ପ୍ରକାଶ ସାହୁଙ୍କ ଭାଗବତ ପାରାୟଣ ପ୍ରବଚନ ହୋଇଥିଲ।

# ଯୁବଶକ୍ତି ପ୍ରଗତି ଆଣିପାରିବେ

ସୋନପୁର,୪।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରସ୍ଥିତ ସଂସ୍କୃତି ଭବନ ଠାରେ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ -୨୦୨୬ ଜିଲାସ୍ତରୀୟ ଯୁବୋତ୍ସବ ଗୁରୁବାର ପାଳିତ ହୋଇଥିଲା। ଏହି ଜିଲାସ୍ତରୀୟ ଉତ୍ସବରେ ଜିଲାର ଡୁଙ୍ଗୁରିପାଲି ଓ ଉଲୁଣ୍ଡା ବ୍ଲକରୁ କୌଣସି ଯୁବତୀ ଯୁବକ ଭାଗ ନେଇ ନ ଥିଲେ। ସରକାର ଏହି ଉତ୍ସବ ଆୟୋଜନ ପାଇଁ ଲକ୍ଷାଧିକ ଟଙ୍କାର ଅନୁଦାନ ଯୋଗାଇ ଦେଇଥିଲା ବେଳେ ସବୁ ବ୍ଲକ ଓ ପୌରାଞ୍ଚଳରୁ ପ୍ରତିଯୋଗୀ ନ ରହିବା ପ୍ରଶାସନର ପରିବା ପଣିଆକୁ ପଦାରେ ପକାଇଛି। ଏହି ଯୁବୋତ୍ସବକୁ ସୁବର୍ଣ୍ଣପୁର ଜିଲାପାଳ ଡ଼ ନୃପରାଜ ସାହୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ ତାଙ୍କ ବକ୍ତବ୍ୟରେ ଯୁବତୀଯୁବକମାନଙ୍କ ପାଇଁ ଏହି ଉତ୍ସବ ପ୍ରତିଭା ପ୍ରଦର୍ଶନ ପାଇଁ ସୁଯୋଗ ସୃଷ୍ଟି କରିଛି। ସେମାନେ ନିଜର ଦକ୍ଷତା ଅନୁଯାୟୀ ଆଗକୁ ବଢ଼ି ପାରିବେ। କାରଣ ଯୁବଶକ୍ତି ହିଁ ପ୍ରଗତି ଆଣିପାରିବେ ବୋଲି ଜିଲାପାଳ କହିଥିଲେ। ଅତିରିକ୍ତ ଜିଲାପାଳ(ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲାପାଳ(ସାଧାରଣ) ଅଞ୍ଜଳିନା ପ୍ରଧାନ, ସୁବର୍ଣ୍ଣପୁର ପୌରପରିଷଦ ଅଧକ୍ଷା ତାମସି ତମସ୍ୱିତା ନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ।

**ସୁବର୍ଣ୍ଣପୁରରେ ଯୁବୋତ୍ସବ ଅୟୋଜିତ**

**ଡୁଙ୍ଗୁରିପାଲି, ଉଲୁଣ୍ଡା ବ୍ଲକରୁ କେହି ଭାଗ ନେଲେନି**

ଯୁବୋତ୍ସବ ପାଳନ ଉପଲକ୍ଷେ ପ୍ରଥମ ପର୍ଯ୍ୟାୟରେ ଡି.ଡି.ଆର୍.ସି. ସ୍ଥିତ ସମ୍ମିଳନୀ କକ୍ଷରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ ପୂର୍ବକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା । ସଂସ୍କୃତି ଭବନସ୍ଥିତ ସମ୍ମିଳନୀ କକ୍ଷରେ ଯୁବତୀଯୁବକମାନଙ୍କ ମଧ୍ୟରେ ଲୋକ ସଙ୍ଗୀତ ଓ ଲୋକ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ବିଚାରକମାନେ ଶ୍ରେଷ୍ଠ ଲୋକନୃତ୍ୟ ଦଳ, ଲୋକସଙ୍ଗୀତ, ଗାୟକ ଚୟନ କରିଥିଲେ। ପାଠାଗାରଠାରେ ଯୁବତୀଯୁବକମାନଙ୍କ ମଧ୍ୟରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶାଖା କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଯୁବତୀଯୁବକ ମାନଙ୍କ ମଧ୍ୟରେ ଗଳ୍ପ ଓ ପଦ୍ୟ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୭ଗୋଟି ବର୍ଗର ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଗ୍ରହଣ କରିଥିବା ଯୁବତୀଯୁବକମାନେ ରାଜ୍ୟସ୍ତରୀୟ ଯୁବୋତ୍ସବରେ ଅଂଶ ଗ୍ରହଣ କରିବେ। ଦ୍ୱିତୀୟ ପର୍ଯ୍ୟାୟରେ ଜିଲା ସଂସ୍କୃତି ଭବନସ୍ଥିତ ସମ୍ମିଳନୀ କକ୍ଷରେ କୃତୀ ଯୁବତୀଯୁବକମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଦଳଗତ ନୃତ୍ୟରେ ବିନିକା ମା' ମାହେଶ୍ୱରୀ ସାଂସ୍କୃତିକ ସଂସଦ ପ୍ରଥମ ହୋଇଥିଲେ, ଲୋକ ସଙ୍ଗୀତରେ ସୋନପୁର ସରକାରୀ ପଲିଟେକନିକ, ବକ୍ତୃତାରେ ସୋନପୁର ମହାନଦୀ ଧାରାର ସଂସ୍ଥିନା ପାଣିଗ୍ରାହୀ, କବିତା ଲିଖନରେ ଓଏଭି ପିପିଲିପାଲିର ଋତୁପର୍ଣ୍ଣା ପଟ୍ଟନାୟକ, ଚିତ୍ରାଙ୍କନରେ ସୋନପୁରର ଚାନ୍ଦିନୀ ବରିହା ଓ ଗଳ୍ପ ଲିଖନରେ ସୋନପୁର କଲେଜର ରେବତୀ ଗଡ୍ଡିଆ ପ୍ରଥମ ହୋଇଥିଲେ। ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ପ୍ରମୁଖ ଉପସ୍ଥିତ ରହି କୃତିତ୍ୱ ହାସଲ କରିଥିବା ଯୁବତୀଯୁବକ ମାନଙ୍କୁ ପୁରସ୍କୃତ କରିଥିଲେ।

## ପୋଖରୀରେ ବିଷ ପକାଇଲେ ଦୁର୍ବୃତ୍ତ, ମରିଗଲେ ମାଛ

ବିନିକା, ୪।୧୨ (ରାମ ଗୋପାଳ ବାଘ)

**ବିନିକା ଥାନାରେ ଅଭିଯୋଗ**

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଖଇରମାଲ ଗାଁରେ ଗୁରୁବାର ସକାଳେ ଏକ ଦୁଃଖଦ ଘଟଣା ଘଟିଛି। ସକାଳେ ଗାଁରେ ଥିବା ଏକ ପୋଖରୀରେ ଶହଶହ ସଂଖ୍ୟାରେ ମଲାମାଛ ଭାସୁଥିବା ଦେଖିବାକୁ ମିଳିଥିଲା। ବୁଧବାର ରାତିରେ ଦୁର୍ବୃତ୍ତମାନେ କୌଣସି ପ୍ରକାର ବିଷ ପକାଇ ଦେବାରେ ଏପରି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ପୋଖରୀରୁ ୧୬ଲକ୍ଷ ଟଙ୍କାର ପ୍ରାୟ ୬ଟନ ଓଜନର ମାଛ ମରି ଯାଇଥିବା ସିଂଘିଯୁବା ପଞ୍ଚାୟତରୁ ଲିଜ୍ ନେଇ ଚାଷ କରିଥିବା ଦୟାଳ ପଧାନ, ଷଷ୍ଠୀ ପାତ୍ର, କୁନା ପାତ୍ର, ଦେବାଶିଷ ପାତ୍ର ଓ ବିଷ୍ଣୁ ପାତ୍ର କହିଛନ୍ତି। ଧାର କରଜ କରି ସେମାନେ ପ୍ରାୟ ୮ମାସ ତଳେ ଦଶ ହଜାର ଜାଆଁଳା ମାଛ ପୋଖରୀରେ ଛାଡିଥିଲେ। ମାଛ ୧ କେଜିରୁ ୨ କେଜି ହୋଇଯାଇଥିଲେ। ଭଲ ଅମଳ ଆଶା ଥିବା ବେଳେ ଏବେ ସବୁ ସରିଗଲା ବୋଲି ସେମାନେ କହିଛନ୍ତି। ଏନେଇ ବିନିକା ଥାନାରେ କ୍ଷତିଗ୍ରସ୍ତ ମାଛଚାଷୀମାନେ ଗୁରୁବାର ଲିଖିତ ଅଭିଯୋଗ କରିଛନ୍ତି। ଏକ ମାମଲା(ନଂ.୨୫୫/୨୫)ରୁଜୁ କରି ତଦନ୍ତ କରାଯାଉଥିବା ସବ ଇନ୍ସପେକ୍ଟର ପ୍ରଶଂଜିତ ବେହେରା ସୂଚନା ଦେଇଛନ୍ତି ।


ପୋଖରୀ ହିଡରେ ମଲାମାଛ।

## ଖେଳକୁଦ ଶୃଙ୍ଖଳିତ ଜୀବନଯାପନରେ ସହାୟତା କରିଥାଏ

ବୀରମହାରାଜପୁର,୪।୧୨(ଯୁଗଳ କିଶୋର ମିଶ୍ର)

**କୁମାରକେଳି ଭୀମ ଭୋଇ ଜନ୍ମ ଗ୍ରାମ ହାଇସ୍କୁଲ ବାର୍ଷିକ କ୍ରୀଡା**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୁମାରକେଳି ଭୀମ ଭୋଇ ଜନ୍ମଗ୍ରାମ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏକଦିବସୀୟ କ୍ରୀଡା ପ୍ରତିଯୋଗିତାକୁ ସ୍କୁଲର ପ୍ରାକ୍ତନ ଛାତ୍ର ତଥା ଭାରତୀୟ ସେନା ବାହିନୀର ଅବସରପ୍ରାପ୍ତ ସେନା ଅଧିକାରୀ ପ୍ରମୋଦ କୁମାର ଶତପଥୀ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସ୍କୁଲ ପରିଚାଳନା କମିଟି ସଭାପତି କ୍ଷମାନିଧି ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ଉଭୟ ସଭାରେ ସ୍କୁଲ ପ୍ରଧାନଶିକ୍ଷକ ଜୟରାମ ତ୍ରିପାଠୀ ସଭାପତିତ୍ୱ କରି ଛାତ୍ରୀଛାତ୍ରଙ୍କୁ କଠିନ ପରିଶ୍ରମ କରି ସଫଳତା ପାଇବା ସହ ଶୃଙ୍ଖଳିତ ଜୀବନଯାପନ କରିବା ପାଇଁ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ ଖେଳ ଶିକ୍ଷକ ଇନ୍ଦ୍ରମଣି ପ୍ରଧାନ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନରୁଚି ଭୋଇଙ୍କ ନେତୃତ୍ୱରେ ସମସ୍ତ କ୍ରୀଡା ପ୍ରତିଯୋଗିତାକୁ ବରିଷ୍ଠ ଶିକ୍ଷକ ଜୟକିଶାନ ଶର୍ମା, ରଞ୍ଜନ ପ୍ରଧାନ, ପ୍ରାକ୍ତନ ଛାତ୍ର ଫିରୋଜ ବେହେରା, ଅଜିତ ବେହେରା ପରିଚାଳନା କରିଥିଲେ। ଶେଷରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୁଲର ବରିଷ୍ଠ ସହାୟକ ବରୁଣ ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ସହାୟତା କରିଥିଲେ। ବରିଷ୍ଠ ବିଜ୍ଞାନଶିକ୍ଷକ ବାଚସ୍ପତି ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା।


ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ଅମରପାଲି କ୍ରିକେଟ କପ: ତେଲିପାଲି ସେମିରେ

ଅମରପାଲି,୪।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲିସ୍ଥିତ ଭଗବାନ ସାହୁ ଗ୍ରାଉଣ୍ଡରେ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୨ ତମ ଅମରପାଲି କ୍ରିକେଟ କପର ଗୁରୁବାର ଥିଲା ଦ୍ୱିତୀୟ ଦିବସ। ଗୁରୁବାର ପ୍ରଥମ ମ୍ୟାଚ ତେଲିପାଲି ଓ କେନ୍ଦୁପାଲି ମଧ୍ୟରେ ହୋଇଥିଲା। ଦ୍‌କେନ୍ଦୁପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୩ ଉଇକେଟ ହରାଇ ୮୮ ରନ କରିଥିଲା। ଜବାବରେ ତେଲିପାଲି ଦଳ ଆବଶ୍ୟକ ୮୯ ରନକୁ ୭.୪ ଓଭରରେ ୫ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ମ୍ୟାଚରେ ତେଲିପାଲିର ଆକାଶ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇଥିଲା। ଦ୍ୱିତୀୟ ମ୍ୟାଚ ହଳଦୀନାଲି (ରେଢାଖୋଲ) ଓ ଗରଗଡବାହାଲ (ସୋନପୁର) ମଧ୍ୟରେ ହୋଇଥିଲା। ହଳଦୀନାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ହରାଇ ୯୭ ରନ କରିଥିଲା। ଜବାବରେ ଗରଗଡବାହାଲ ଦଳ ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ହରାଇ ୭୫ ରନ କରି ପରାସ୍ତ ହୋଇଥିଲା। ଏହି ମ୍ୟାଚ ପାଇଁ ହଳଦୀନାଲିର ଆଇଏସପିଏଲ ଅଣ୍ଡର -୧୯ ରେ ଚୟନ ହୋଇଥିବା ଆୟୁଷ ଛେତ୍ରୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇଥିଲା। ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚ ବିଜେତା ତେଲିପାଲି ଓ ଦ୍ୱିତୀୟ ମ୍ୟାଚ ବିଜେତା ହଳଦୀନାଲି ମଧ୍ୟରେ ହୋଇଥିଲା। ଏଥିରେ ହଳଦୀନାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭର ରେ ୬ ଉଇକେଟ ହରାଇ ୧୦୦ ରନ କରିଥିଲା। ଜବାବରେ ତେଲିପାଲି ଦଳ ଆବଶ୍ୟକ ୧୦୧ ରନକୁ ୭.୫ଓଭରରେ ୪ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତାରଣ ଉତ୍ସବରେ ଭାଜପା ସୁବଳୟା ମଣ୍ଡଳ ସଭାପତି ଅଶୋକ କୁମାର ସାହୁ, ଆୟୋଜକ କମିଟି ସଭାପତି ବିମ୍ବାଧର ସାହୁ ଓ ବ୍ୟବସାୟୀ ପ୍ରହ୍ଲାଦ ସାହୁ ଅତିଥିଭାବେ ଯୋଗଦେଇ ତେଲିପାଲିର ବିଷ୍ଣୁ ନାଏକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚଗୁଡିକରେ ରଘୁବୀର ମିଶ୍ର, ସୁରେଶ ବିଶି, ତଥାଗତ ସାହୁ ଓ ସମ୍ମିତ ମାଝୀ ଅମ୍ପେୟାର, ଶୁଭେନ୍ଦୁ ଶେଖର ସାହୁ ,ବନମାଳୀ ଗୌନ୍ତିଆ ସ୍କୋରିଂ, ସବ୍ୟସାଚୀ ବଘାର ଅନଲାଇନ ସ୍କୋରିଂ ଏବଂ ନିହାର ରଞ୍ଜନ ସାହୁ ଓ ପୀତାମ୍ବର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।



ତେଲିପାଲିର ବିଷ୍ଣୁ ନାଏକଙ୍କୁ ମ୍ୟାନ ଅଫ ମ୍ୟାଚଭାବେ ପୁରସ୍କୃତ କରାଯାଉଛି ।

# ପୁନଃ ବ୍ୟବହାରକ୍ଷମ ହେବ ପ୍ରଦୂଷିତ ଜଳ

## ରାଉରକେଲା ଏନ୍‌ଆଇଟିର ନୂତନ ଗବେଷଣା

ରାଉରକେଲା,୪।୧୨(ସଙ୍ଗୀତା ଜେନା)

ରାଉରକେଲାସ୍ଥିତ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଏନ୍‌ଆଇଟି)ର ଗବେଷକମାନେ ପ୍ରକୃତି ଆଧାରିତ ପ୍ରଦୂଷିତ ଜଳର ଉପଚାର ପ୍ରକ୍ରିୟା ବିକଶିତ କରିଛନ୍ତି। ଯାହାର ଲକ୍ଷ୍ୟ ଭାରତର ଧୋବାଘାଟଗୁଡ଼ିକୁ ପୁନର୍ଜୀବିତ କରିବା ଏବଂ ସହରାଞ୍ଚଳ ଜଳାଶୟଗୁଡ଼ିକୁ ସୁରକ୍ଷା ଦେବା। ଶିକ୍ଷାନୁଷ୍ଠାନର ବାୟୋଟେକ୍ନୋଲୋଜି ଆଣ୍ଡ୍ ମେଡିକାଲ ଇଞ୍ଜିନିୟରିଂ ବିଭାଗର ସହକାରୀ ପ୍ରାଧ୍ୟାପିକା ପ୍ରଫେସର କସ୍ତୁରୀ ଦତ୍ତଙ୍କ ନେତୃତ୍ୱରେ ଗବେଷକ ଦିବ୍ୟାନୀ କୁମାରୀ ଓ କାର୍ତ୍ତିକା ଶନ୍ମୁଗମ ଧୋବାଘାଟରୁ ଅତ୍ୟଧିକ ପ୍ରଦୂଷିତ ଜଳର ଉପଚାର ପାଇଁ କନ୍‌ଷ୍ଟ୍ରକ୍ଟେଡ୍ ୱେଟଲ୍ୟାଣ୍ଡ ମାଇକ୍ରୋବିୟଲ୍ ଫ୍ୟୁଏଲ୍ ସେଲ୍ ପ୍ରଣାଳୀ ବିକଶିତ କରିଛନ୍ତି।

ଧୋବାଘାଟ ତଥା ପାରମ୍ପରିକ କପଡ଼ା ଧୁଆଯାଉଥିବା ସ୍ଥାନଗୁଡ଼ିକ ଭାରତୀୟ ସହରର ସାମାଜିକ ଓ ଆର୍ଥିକ ମେରୁଦଣ୍ଡ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। ଦ୍ରୁତଭାବରେ ବଢୁଥିବା ଜଳାଭାବ ଏବଂ ନଳକୂପ ଶୁଖିଯିବା ଯୋଗୁ ଖୋଲା ପାଣିର ଉପଲବ୍ଧତା ସୀମିତ ହେବାରେ ଲାଗିଛି। ଏହାବ୍ୟତୀତ କପଡ଼ା ଧୂଆରୁ ବାହାରୁଥିବା ଅଶୋଧିତ ବର୍ଜ୍ୟଜଳ ନଦୀ ଓ ହ୍ରଦକୁ ପ୍ରଦୂଷିତ କରୁଛି। ପରେ ଜଳାଭାବ ବୃଦ୍ଧି ଏବଂ ଜଳସ୍ରୋତକୁ ପ୍ରଭାବିତ କରୁଛି। ଏହି ସମସ୍ୟାର ମୁକାବିଲା ପାଇଁ ଏନ୍‌ଆଇଟିର ଗବେଷକ ଦଳ ଏକ ବିଶେଷ ଡିଜାଇନ କରାଯାଇଥିବା ବର୍ଜ୍ୟଜଳ ଉପଚାର ସମାଧାନ ବିକଶିତ କରିଛନ୍ତି। ଏହାକୁ ୱେଟଲ୍ୟାର୍ଡ ପ୍ଲାଣ୍ଟ, ଏକ ଇଞ୍ଜିନିୟର୍ଡ ଫିଲ୍‌ଟରେଶନ ଲେୟାର ଓ ବିଦ୍ୟୁତ୍ ଉତ୍ପାଦନକାରୀ ଅଣୁଜୀବମାନଙ୍କୁ ମିଶ୍ରଣ କରି ତିଆରି କରାଯାଇଛି। ଏକ ପାଇଏଟ୍ ପ୍ରକଳ୍ପ ଭାବେ ଗବେଷକ ଦଳ ରାଉରକେଲା ଏନ୍‌ଆଇଟିର ଧୋବାଘାଟରେ ଏହି ବିକଶିତ ପ୍ରଣାଳୀକୁ ପରୀକ୍ଷଣ କରିଥିଲେ। ଏଥିରେ ପ୍ରତିଦିନ ପ୍ରାୟ ୧୪ଶହ ଲିଟର ଡିଟରଜେଣ୍ଟ ମିଶ୍ରିତ ଜଳ ନିଷ୍କାସନ କରାଯାଏ। ଏହି ପ୍ରଣାଳୀ ଭାରତୀୟ ମାନକ ବ୍ୟୁରୋର ଅନୁମୋଦିତ ସୀମା (୧ପିପିଏମ୍) ଯାଏ କେମିକାଲ୍ସ ଅକ୍ସିଜେନ୍ ଡିମାଣ୍ଡ (ସିଓଡ଼ି) ସଫଳତାର ସହ ବାହାର କରିଥିଲା। ଧୋବାଘାଟରୁ ସଂଗୃହୀତ ପ୍ରଦୂଷିତ ଜଳକୁ ଏକ ଟାଙ୍କିରେ ସଂଗ୍ରହ କରି ସେଥିରେ ବିକଶିତ ପ୍ରଣାଳୀ ସହିତ ସଂଯୁକ୍ତ ଓଭରହେଡ୍ ଟାଙ୍କିକୁ ପମ୍ପ କରାଯାଏ। ସେଥିରୁ ବିଶୋଧିତ ଜଳ ବାହାରେ, ଯାହାକୁ ପୁନଃ ବ୍ୟବହାର କରାଯାଇପାରିବ।

ଏହି ପ୍ରଣାଳୀର ଉପଯୋଗିତା ବିଷୟରେ ଗବେଷକ ପ୍ରଫେସର ଦତ୍ତ ସୂଚନା ଦେଇ କହିଛନ୍ତି, ପ୍ରାକୃତିକ ସାମଗ୍ରୀ ଦ୍ୱାରା ପ୍ରଦୂଷିତ ଜଳକୁ ବିଶୋଧନ କରାଯାଇଛି। ଦୂଷିତ ଜଳକୁ ସଫା କରିବା ପାଇଁ ପଥର, ବାଲି, ମାଟି, ଗଛ ତଥା ଅଣୁଜୀବ ବ୍ୟବହାର କରାଯାଇଥିଲା। ଏହାକୁ ସଫଳ କରିବା ପାଇଁ ଏକ ସଂସ୍ଥାଠାରୁ କର୍ପୋରେଟ୍ ସାମାଜିକ ଦାୟିତ୍ୱ ଅଧୀନରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏହି ଗବେଷଣାର ପରିଚାଳନା ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ମଧ୍ୟ କମ୍। ପ୍ରଦୂଷିତ ଜଳକୁ ବିଶୋଧିତ କରି ଏହା ପୁନଃ ବ୍ୟବହାରକ୍ଷମ କରାଯାଇପାରିବ। ଯାହାଦ୍ୱାରା ମଧୁର ଜଳ ବ୍ୟବହାର ହ୍ରାସ ପାଇବ। ଏହି ପ୍ରଣାଳୀ ମୁମ୍ବାଇର ମହାଲକ୍ଷ୍ମୀ ଏବଂ ବାଙ୍ଗାଲୋରର ହଲାସୁରୁ ପରି ବୃହତ୍ ଧୋବାଘାଟ ପାଇଁ ପ୍ରଯୁଜ୍ୟ। ଏହି ପ୍ରଣାଳୀ ସ୍ଥାନୀୟ ଜଳାଶୟ ତଥା ନାଳଗୁଡ଼ିକୁ ରାସାୟନିକ ପ୍ରଦୂଷଣରୁ ସୁରକ୍ଷା ଦେବାର ଏକ ସ୍ଥାୟୀ ଉପାୟ ଭାବେ ପ୍ରମାଣିତ ହେବ। ମହାନଗର ନିଗମ ଓ ସାମାଜିକ ସଙ୍ଗଠନ ଦ୍ୱାରା ଦେଶବ୍ୟାପୀ ଏହାକୁ ବିସ୍ତାର କରାଯାଇପାରିବ, ଯାହା ପରିବେଶ ଅନୁକୂଳ ବୋଲି ପ୍ରଫେସର ଦତ୍ତ କହିଛନ୍ତି।



ଏନ୍‌ଆଇଟି ଗବେଷକ ଦଳ।

# ସଦ୍‌ଗତି, ଚନ୍ଦ୍ରାଦିତ୍ୟ ନାଟକ ମଞ୍ଚସ୍ଥ



ପରିବେଷିତ ନାଟକର ଏକ ଦୃଶ୍ୟ।

## ଇସ୍ପାତ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟା

ରାଉରକେଲା,୪।୧୨(ବିପ୍ଳବ ରଞ୍ଜନ ଦାଶ)

ଏକତ୍ର ଆୟୋଜିତ ତୃତୀୟ ଇସ୍ପାତ ନାଟ୍ୟ ମହୋତ୍ସବର ଗୁରୁବାର ତୃତୀୟ ସନ୍ଧ୍ୟାରେ ଦୁଇଟି ନାଟକ ମଞ୍ଚସ୍ଥ ହୋଇଥିଲା। ପ୍ରଥମ ସଂକଳ୍ପ ପ୍ରାୟୋଜିତ ନାଟକ 'ସଦ୍‌ଗତି' ଏବଂ ଦ୍ୱିତୀୟଟି ହେଉଛି ସରନା ନବଯୁବକ ସଂଘର 'ଚନ୍ଦ୍ରାଦିତ୍ୟ'। ଏଥିରେ ଆର୍‌ଏସ୍‌ପିର ପ୍ରାକ୍ତନ ମହାପ୍ରବନ୍ଧକ ଅଜିତ ମୋହନ ପୂଝାରୀ ଉଦ୍‌ଘାଟକ, ଟାଉନ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ମହାପ୍ରବନ୍ଧକ ବିଜୟ କୁମାର ଯୋଜୋ ମୁଖ୍ୟଅତିଥି, ଚ୍ୟାମ୍ବର ଅଫ୍ କମର୍ସର ପ୍ରାକ୍ତନ ଅଧ୍ୟକ୍ଷ ସୁନୀଲ କୟାଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଶିକ୍ଷାବିତ୍ ଶଙ୍କର ପ୍ରସାଦ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ, ଝିଲିମା ମହାନ୍ତି ମଞ୍ଚ ପରିଚାଳନା ଏବଂ ପ୍ରଫୁଲ୍ଲ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଉପଦେଷ୍ଟା ଭାସ୍କର ଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। 'ସଦ୍‌ଗତି' ନାଟକର କାହାଣୀ ପ୍ରେମଚାନ୍ଦଙ୍କ ମୂଳ ରଚନା ଗଳ୍ପ ହୋଇଥିବା ବେଳେ ରବି କୁମାର ନାଟ୍ୟ ରୂପାନ୍ତର କରିଛନ୍ତି। ଏହାକୁ ଓଡ଼ିଆ ଅନୁବାଦ କରିଛନ୍ତି ପ୍ରଶାନ୍ତ କୁମାର ପାତ୍ର। ଜଣେ ନୀଚ ଶ୍ରେଣୀର ଗରିବ ଚମାରଙ୍କୁ ଭକ୍ତି, ନିଷ୍ଠା ଓ ସେବାର ପରିଣାମ ସ୍ୱରୂପ ତାକୁ କଣ ମିଳିଛି, ଏଭଳି ଏକ କାହାଣୀକୁ ନେଇ ଗତିଶୀଳ ହୋଇଛି ନାଟକ 'ସଦ୍‌ଗତି'। ନାଟକର ନିର୍ଦ୍ଦେଶନା ଦେଇଛନ୍ତି ସରୋଜ କବି। ବିଭିନ୍ନ ଭୂମିକାରେ ସରୋଜ ଚନ୍ଦ୍ର କବି, ରମେଶ ଚନ୍ଦ୍ର ସେଠୀ, ପ୍ରବୀର କୁମାର ମିଶ୍ର, ଭାଗିରଥି କବି, ରିପ୍ତି, ପାଏଲ, ସୁସ୍ମିତା ଓ ପୁଅ ଅଭିନୟ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ପର୍ଶୁରାମ ପଟ୍ଟନାୟକ। ଗୋଲାପ ଓ ପ୍ରମୋଦ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ।

ସେହିପରି ଦ୍ୱିତୀୟ ନାଟକ 'ଚନ୍ଦ୍ରାଦିତ୍ୟ'କୁ ପରିବେଷଣ କରିଥିଲେ ସରନା ନବଯୁବକ ସଂଘର କଳାକାର। ଚନ୍ଦ୍ରାଦିତ୍ୟ କାହାଣୀରେ ଆଦିତ୍ୟ ନିଜ ପ୍ରେମରେ ଅସଫଳ ହୋଇ ବାପାମା'ଙ୍କ ଇଚ୍ଛା ଅନୁସାରେ ବିବାହ କରିଛି। ହେଲେ ପୁଅଟିଏ ଜନ୍ମ ହେବା ପରେ ସ୍ତ୍ରୀର ବିୟୋଗ ଘଟିଛି। ଉପଯୁକ୍ତ ଲାଳନ ପାଳନ କରି ପୁଅକୁ ଭଲ ମଣିଷ କରିଛି ଆଦିତ୍ୟ। ତେବେ ପୁଅ ନିଜ ଇଚ୍ଛାରେ ବିବାହ କରିଛି ବିଦେଶରେ। ଆଦିତ୍ୟ ନିଃସଙ୍ଗତା ଅନୁଭବ କଲାବେଳେ ପୁଣି ଭେଟିଛି ନିଜର ପୁରୁଣା ପ୍ରେମିକା ଚନ୍ଦ୍ରାଣୀଙ୍କୁ। ପରେ ସେ ପୁଅକୁ ଭେଟିବା ପାଇଁ ଆୟୋଜନ କରିଛି ମିଶନ ଚନ୍ଦ୍ରାଦିତ୍ୟ। ପୁଅ ମିତ୍ରଭାନୁ ବାପାଙ୍କୁ କରିଛି ଭର୍ତ୍ସନା। କିନ୍ତୁ ଶେଷରେ ଆଦିତ୍ୟଙ୍କ ତ୍ୟାଗ, ନିଷ୍ଠା ଆଗରେ ମିତ୍ରଭାନୁ କିପରି ହାର ମାନିଛି, ଏହାହିଁ ନାଟକର ବିଷୟବସ୍ତୁ। ପ୍ରତାପ କୁମାର ନାୟକ, ପ୍ରତ୍ୟୁଷା ସେଠୀ, ସୌମ୍ୟରଞ୍ଜନ ସାହୁ ଅଭିନୟ କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ପ୍ରଦୀପ କୁମାର ପଣ୍ଡା ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ସାଲୁଖା ମାଣ୍ଡି।

## ସଂକ୍ଷେପରେ

### ଶୀତଳପଡ଼ାରୁ ନିଖୋଜ ନାବାଳିକା ରାୟଗଡ଼ରୁ ଉଦ୍ଧାର

ରାଉରକେଲା,୪।୧୨(ଦିନେଶ ମିଶ୍ର): ଉଦିତନଗର ଥାନା ଅଧୀନ ଶୀତଳପଡା ବସ୍ତିର ଜଣେ ନାବାଳିକା ଗତ ୩୦ ତାରିଖ ରାତି ସାଢେ ୮ଟାରେ ନିଖୋଜ ହୋଇଯାଇଥିଲେ। ଏ ନେଇ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୪୧୫/୨୫) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ୪ ଦିନ ପରେ ଉକ୍ତ ନାବାଳିକାଙ୍କୁ ରାୟଗଡରୁ ଉଦ୍ଧାର କରାଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ନାବାଳିକା ଜଣକ ଟ୍ରେନ ଯୋଗେ ରାୟଗଡ ପଳାଇ ଯାଇଥିଲେ। ସେ ରେଳ ଷ୍ଟେଶନ ପରିସରରେ ବୁଲୁଥିବାବେଳେ ଜିଆର୍‌ପି ପୋଲିସ ସନ୍ଦେହ କରି ତାଙ୍କୁ ପଚାରାଉଚୁରା କରି ପରିଚୟ ଜାଣିଥିଲା। ଜିଆର୍‌ପି ପୋଲିସ ନାବାଳିକାଙ୍କୁ ସୁନ୍ଦରଗଡ ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରିଛି।

### ଅନ୍ତେବାସୀଙ୍କୁ ଖାଦ୍ୟ, ବସ୍ତ୍ର ବିତରଣ

ରାଉରକେଲା,୪।୧୨(ଦିନେଶ ମିଶ୍ର): ସେକ୍ଟର-୮ସ୍ଥିତ ଆଶାର ଆଲୋକ ପରିସରରେ ଗୁରୁବାର ଅନ୍ତେବାସୀମାନଙ୍କୁ ସହାୟତା ପ୍ରଦାନ କରାଯାଇଛି। ସାମାଜିକ କର୍ମୀ ମହେଶ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ୬୦ ଜଣ ଅନ୍ତେବାସୀଙ୍କୁ ଖାଦ୍ୟ ସାଙ୍ଗକୁ ବସ୍ତ୍ର ବିତରଣ କରାଯାଇଥିଲା। ଆଗାମୀ ଦିନରେ ଏହି ଅନ୍ତେବାସୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନେଇ ମଧ୍ୟ ଆଲୋଚନା ହୋଇଥିଲା। ଅନୁଷ୍ଠାନର ସଦସ୍ୟ ବିଶ୍ୱଜିତ ରାଉତ, ସୌମ୍ୟରଞ୍ଜନ କର, ପ୍ରିୟଙ୍କା ପାଣି, ଶ୍ରୀକାନ୍ତ ପାଣିଗ୍ରାହୀ, ଅମିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଇସ୍ପାତ ସାହିତ୍ୟ ସଂସଦର ପ୍ରତିଷ୍ଠା ଦିବସ ପାଳିତ



ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ରାଉରକେଲା,୪।୧୨(ଦିନେଶ ମିଶ୍ର)

ରାଉରକେଲା ଇସ୍ପାତ ସାହିତ୍ୟ ସଂସଦର ୫୬ତମ ପ୍ରତିଷ୍ଠା ଦିବସ ସେକ୍ଟର-୭ସ୍ଥିତ କାର୍ଯ୍ୟାଳୟ ପରିସରରେ ବୁଧବାର ସଭାପତି ନୃସିଂହ ଚରଣ ବିଶାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ସଭାପତି କବି ହରମୋହନ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ପ୍ରାକ୍ତନ ସଭାପତି ସାହିତ୍ୟିକ ତ୍ରିଲୋଚନ ମଥାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଦସ୍ୟ ଜ୍ୟୋତିର୍ମୟ ଆଚାର୍ଯ୍ୟ ବେଦମନ୍ତ୍ର ଉଚ୍ଚାରଣ କରିଥଲେ। ସାଧାରଣ ସମ୍ପାଦକ ମାନୋଜ କୁମାର ନନ୍ଦଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ 'ଇସ୍ପାତ ସାହିତ୍ୟ ସଂସଦର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ହୋଇଥିଲା। କାର୍ଯ୍ୟକାରୀ ସଭାପତି ପ୍ରତାପ କୁମାର ପଣ୍ଡା, ସହ ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ନାୟକ, ରଘୁବର ଧଳ, ପ୍ରଶାନ୍ତ କୁମାର ପତି, ବିଜୟିନୀ ଜେନା, ରଶ୍ମି କୁମାର ସାହାଣୀ, ସତ୍ୟବ୍ରତ ଦାସ ପ୍ରମୁଖ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରତିଷ୍ଠାତା ସଦସ୍ୟ ରଘୁବର ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତାପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ କବି, ଲେଖକ ଯୋଗଦାନ କରିଥିଲେ।

# ଗଛରେ ବାଇକ୍ ପିଟିହୋଇ ଯୁବକ ମୃତ

ରାଉରକେଲା,୪।୧୨(ସଙ୍ଗୀତା ଜେନା)

ଲାଠିକଟା ଥାନା ଅନ୍ତର୍ଗତ ଅସୁଛପଲ ଅଞ୍ଚଳରେ ବୁଧବାର ସନ୍ଧ୍ୟା ୮ଟାରେ ବାଇକ୍‌ରେ ଯାଉଥିବା ବେଳେ ଅସାବଧାନତା ଯୋଗୁ ଗଛରେ ପିଟିହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସୋନା ପର୍ବତ ଅଞ୍ଚଳର ବିଶାଳ ସମାସୀ(୨୨)। ସୂଚନା ଅନୁଯାୟୀ, ବିଶାଳ ବାଇକରେ ଘରକୁ ଫେରୁଥିଲେ। ଅସାବଧାନତା ଯୋଗୁ ଗାଡି ଗଛରେ ପିଟି ହୋଇଯାଇଥିଲା। ତାଙ୍କୁ ତୁରନ୍ତ ଆର୍‌ଜିଏଚ୍ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ମୃତକ ସ୍ଥାନୀୟ ଏକ ଟେଣ୍ଟ ହାଉସରେ କାମ କରୁଥିଲେ।

# ବେଦବ୍ୟାସରେ ୪୧ତମ ଗୀତା ଜୟନ୍ତୀ



ଗୀତା ଜୟନ୍ତୀରେ ହୋମଯଜ୍ଞ କରାଯାଉଛି।

ରାଉରକେଲା,୪।୧୨(ଦିନେଶ ମିଶ୍ର)

ବେଦବ୍ୟାସ ପୀଠରେ ଗୁରୁବାର ୪୧ତମ ଗୀତା ଜୟନ୍ତୀ ଶ୍ରୀମଦ୍ ଭଗବତ ଗୀତା ଜୟନ୍ତୀ ସାଂସ୍କୃତିକ ସମାଜ ବେଦବ୍ୟାସ ପକ୍ଷରୁ ପାଳିତ ହୋଇଯାଇଛି। ଏଥିରେ ବିଭିନ୍ନ ଅଞ୍ଚଳର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ବେଦବ୍ୟାସ କେବଳ ଯେ ଧର୍ମାନୁଷ୍ଠାନ ତାହା ନୁହଁ ବରଂ ସମାଜକୁ ଦିଗ୍‌ଦର୍ଶନ ଦେବାର ଏକ ଐତିହାସିକ ପୀଠ ବୋଲି ସାଂସ୍କୃତିକ ସମାଜ ସଭାପତି ଇଂ. ଭରତ ଚନ୍ଦ୍ର ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ। ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ଉମାକାନ୍ତ ପଣ୍ଡା ଉପସ୍ଥିତ ଥିଲେ। ହୋମଯଜ୍ଞରେ ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟର ବର୍ତ୍ତମାନ ଅଧ୍ୟକ୍ଷ ଡ. ପରମେଶ୍ୱର ଶତପଥୀ ସମୁଦାୟ ୭ଶହ ମନ୍ତ୍ରର ଘୃତାହୁତି ସହିତ ପାରାୟଣ କରିଥିଲେ। ଉମାଚରଣ ପତି, ଗୋପବନ୍ଧୁ ବାରିକ, ଭାଗ୍ୟଲକ୍ଷ୍ମୀ ବେହୁରା, ଜ୍ୟୋତିର୍ମୟୀ ଦାସ, କେଦାର ନାଥ ରାୟ, ପ୍ରଣବ କୁମାର ଦାସ, ସୁବ୍ରତ ଦାସ ପ୍ରମୁଖ ସହଯୋଗ କରିଥିଲେ। ଜ୍ଞାନରଞ୍ଜନ ମିଶ୍ର ସୂଚନା ପ୍ରଦାନ ଏବଂ ସଙ୍ଗଠନ ସମ୍ପାଦକ ରୁଦ୍ରାଶିଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ହୋମ୍ ଆଣ୍ଡ ହୋପ୍‌ରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

ରାଉରକେଲା, ୪।୧୨(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ପୃଷ୍ଠପୋଷକତାରେ ପରିଚାଳିତ ଭିନ୍ନକ୍ଷମ ଶିକ୍ଷାନୁଷ୍ଠାନ 'ହୋମ୍ ଆଣ୍ଡ୍ ହୋପ୍'ରେ ବୁଧବାର ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏଥିରେ ରାଉରକେଲା ଇସ୍ପାତ କାରଖାନା ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଖଣି ଉନ୍ନୟନ ସିଏମ୍‌ଏଲ୍‌ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି. କେ. ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ଖଣି ଓ ଜିଓଏମ୍ ସିଏମ୍‌ଏଲ୍‌ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି. ସିଂହ, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲଚୌଧୁରୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ସିଏମ୍‌ଓ ଡାକ୍ତର ପ୍ରତିଭା ଷଡଙ୍ଗୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଆଭ୍ୟନ୍ତରୀଣ ଅଡିଟ୍ ବିଭାଗର ସିଜିଏମ୍ ତଥା ହୋମ୍ ଆଣ୍ଡ୍ ହୋପ୍‌ର ସମ୍ପାଦକ ଡ. ଜି. ଏସ. ଦାସଙ୍କ ସମେତ ଆର୍‌ଏସ୍‌ପିର ଅନ୍ୟ ବହୁ ବରିଷ୍ଠ ଅଧିକାରୀ, ଅଭିଭାବକ ସଂଘ ସଦସ୍ୟ, ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ ଶିକ୍ଷକ ଓ ଅଭିଭାବକ ଉପସ୍ଥିତ ଥିଲେ। ଚଳିତ ବର୍ଷ ଉତ୍ସବର ବିଷୟବସ୍ତୁ ହେଉଛି 'ସାମାଜିକ ପ୍ରଗତି ଆଗକୁ ବଢ଼ାଇବା ପାଇଁ ଭିନ୍ନକ୍ଷମ-ସମାବେଶୀ ସମାଜକୁ ପ୍ରୋତ୍ସାହିତ କରିବା'। ଏହି ଅବସରରେ ମୁଖ୍ୟ ଅତିଥି ବର୍ମା କହିଥିଲେ, ଯଦି ଜୀବନ ଆପଣଙ୍କ ପାଇଁ ଏକ ସୀମାରେଖା ଅଟେ, ତେବେ ମଧ୍ୟ ଆପଣ ଏହାଠାରୁ ଆଗକୁ ଯାଇ ସର୍ବଦା ଏକ ସୁନ୍ଦର ଚିତ୍ର ସୃଷ୍ଟି କରିପାରିବେ। ହୋମ୍ ଆଣ୍ଡ୍ ହୋପ୍‌ରେ ମୁଁ ଏହାକୁ ହୃଦୟଙ୍ଗମ କରିଛି। ଏଠାରେ ଥିବା ପ୍ରତ୍ୟେକ ପିଲା ସେମାନଙ୍କ ସାହସ, ଧୈର୍ଯ୍ୟ ସହ ପ୍ରତ୍ୟେକ ଆହ୍ୱାନକୁ ଅତିକ୍ରମ କରି ଉପରକୁ ଉଠିବା ପାଇଁ ଦୃଢ଼ ସଂକଳ୍ପ ସହ ଅଗ୍ରସର ହେଉଛନ୍ତି ବୋଲି ବର୍ମା କହିଥିଲେ। ପରେ ଅତିଥିମାନେ ହୋମ୍ ଆଣ୍ଡ୍ ହୋପ୍‌ର ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ହୋମ୍ ଆଣ୍ଡ୍ ହୋପ୍ ଏବଂ ଆଶା ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶନୀ କାର୍ଯ୍ୟକ୍ରମ ହୋଇଥିଲା। ଜି. ଏସ୍ ଦାସ ସ୍ୱାଗତ ଭାଷଣ ଏବଂ ହୋମ୍ ଆଣ୍ଡ୍ ହୋପ୍‌ର ଅଧ୍ୟକ୍ଷା ପଦ୍ମିନୀ ଦାସ ବିଦ୍ୟାଳୟର ବିବରଣୀ ପ୍ରଦାନ କରିଥିଲେ। ଅର୍ଥ ବିଭାଗର ଏଜିଏମ୍ ତଥା ହୋମ୍ ଆଣ୍ଡ୍ ହୋପ୍‌ର କୋଷାଧ୍ୟକ୍ଷ ନିର୍ମଳ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଅଭିଭାବକ ସଂଘ ସମ୍ପାଦକ ରଞ୍ଜନ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହାପୂର୍ବରୁ ସକାଳେ ଭଞ୍ଜ ଭବନରେ ଆର୍‌ଏସ୍‌ପି ସହର ଇଞ୍ଜିନିୟରିଂ ଓ ଉଦ୍ୟାନ କୃଷି ବିଭାଗର ସିଜିଏମ୍ ବି. କେ. ଯୋଜୋ ଏକ ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।




କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବକ୍ତବ୍ୟ ପ୍ରଦାନ କରୁଛନ୍ତି।

# କୃତ୍ରିମ ଅଙ୍ଗ, ସହାୟକ ଉପକରଣ ବଣ୍ଟନ

ରାଉରକେଲା, ୪।୧୨।(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ସିଏସ୍‌ଆର ପଦକ୍ଷେପ ଅଧୀନରେ ସୁନ୍ଦରଗଡ଼ ସଦର ବିଡିଓଙ୍କ କାର୍ଯ୍ୟାଳୟରେ ବୁଧବାର ଏକ ସ୍ୱତନ୍ତ୍ର ସହାୟକ କୃତ୍ରିମ ଅଙ୍ଗ ଓ ଉପକରଣ ବଣ୍ଟନ ଶିବିର ଆୟୋଜିତ ହୋଇଯାଇଛି। ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଏସ୍‌ଆର ବିଭାଗର ଜିଏମ୍ ବିଭାବସୁ ମଲିକ, ଡିଜିଏମ୍ ଆର୍. ଏସ୍. ବାରା, ସୁନ୍ଦରଗଡ଼ ସଦର ବିଡିଓ ମୋତିଲାଲ ସୁଲିଆ, ଏବିଡିଓ ସଞ୍ଜୀବ କୁମାର ଏକ୍କା, ଉପାଧ୍ୟକ୍ଷା ଚନ୍ଦ୍ରମା ମେହେର, ଉଲା ଗ୍ରାମପଞ୍ଚାୟତ ସମିତି ସଭ୍ୟା ହରିପ୍ରିୟା ପଟେଲ ଏବଂ ଆଲିମକୋର ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଏହି ପଦକ୍ଷେପକୁ ପ୍ରଶଂସା କରିବା ସହିତ ଅର୍ଥପୂର୍ଣ୍ଣ ହସ୍ତକ୍ଷେପ ମାଧ୍ୟମରେ ସମାଜର ଅବହେଳିତ ବର୍ଗକୁ ସହଯୋଗ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କୁ ୧୯୪ଟି ସହାୟକ ଉପକରଣ ବଣ୍ଟନ କରାଯାଇଥିଲା।



ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଉଛି।

# ରାଉରକେଲା ଜିଲା ଦାବି ତେଜିଲା

ରାଉରକେଲା, ୪।୧୨(ସଙ୍ଗୀତା ଜେନା)

ରାଜ୍ୟର ଦ୍ୱିତୀୟ ବୃହତ୍ତମ ଜିଲା ଭାବେ ପରିଚିତ ସୁନ୍ଦରଗଡ଼ ଜିଲାରେ ରାଉରକେଲା ଏକ ପ୍ରମୁଖ ଅଞ୍ଚଳ ଅଟେ। ଏଠାରେ ସମସ୍ତ ସାଧନ ଥିଲେ ମଧ୍ୟ ଏହା ଜିଲା ମାନ୍ୟତାରୁ ବଞ୍ଚିତ ରହିଆସିଛି। ପୋଲିସ ସମେତ ଅନ୍ୟ କିଛି ବିଭାଗ ପକ୍ଷରୁ ରାଉରକେଲାକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦିଆଯାଉଥିବା ବେଳେ ଅଧିକାଂଶ କ୍ଷେତ୍ରରେ ଅବହେଳା କରାଯାଉଥିବା ଅଭିଯୋଗ ହେଉଛି। ସୁନ୍ଦରଗଡ଼ ଜିଲାର କିଛି ବ୍ଲକ୍‌କୁ ମିଶାଇ ରାଉରକେଲାକୁ ସ୍ୱତନ୍ତ୍ର ଜିଲା କରାଯିବାକୁ ଦାବି ଜୋର୍ ଧରିଛି। ପ୍ରାୟ ୯୦ ଦଶକରେ ରାଉରକେଲାକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦାବି ହୋଇଥିଲା। ବର୍ତ୍ତମାନ ସେହି ଦାବି ପୁଣି ମୁଣ୍ଡ ଟେକିଛି।

## ଏମାନେ କୁହନ୍ତି



"ରାଉରକେଲା ସହରକୁ ଜିଲାର ପ୍ରମୁଖ ଶିଳ୍ପଗୁଡ଼ିକ ଘେରିରହିଛି। ଏନ୍‌ଆଇଟି ଓ ଅନ୍ୟ ସଂସ୍ଥାନ ରହିଛି। ରାଉରକେଲାରୁ ଜିଲା ମୁଖ୍ୟାଳୟକୁ ଯିବା ପାଇଁ ବହୁ ସମୟ ଲାଗୁଛି। ବିଧାୟକ ଥିବାବେଳେ ସପ୍ତାହର ୨ଦିନ ଜିଲାପାଳ କାର୍ଯ୍ୟାଳୟ ଏଠାରେ ଚାଲୁଥିଲା। ପ୍ରାୟ ୨ ବର୍ଷ ଏପରି ହେବା ପରେ ତାହା ବନ୍ଦ କରିଦିଆଗଲା। ଏଠାରେ ବୃହତ୍ ରେଳ ଡିଭିଜନ, ନୂତନ ହାଉସିଂ ପ୍ରକଳ୍ପ ପ୍ରତିଷ୍ଠା ସହ ୨୪ ଘଣ୍ଟିଆ ବିମାନ ସେବା ଦାବି ରହିଛି। ଏହା ଜିଲା ମାନ୍ୟତା ନ ପାଇବାରୁ ସେହି ଦାବି ମଧ୍ୟ ପୂରଣ ହେଉନାହିଁ। ଏହାକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ମିଳିଲେ ବିକାଶରଧାରା ତ୍ୱରାନ୍ୱିତ ହୁଅନ୍ତା।

–ପ୍ରଭାତ ମହାପାତ୍ର, ପୂର୍ବତନ ବିଧାୟକ।



"ରାଉରକେଲା ସହରକୁ ଏକ ନମ୍ବର କରିବା ପାଇଁ ଏହାକୁ ସ୍ୱତନ୍ତ୍ର ଅସଂରକ୍ଷିତ ସାଂସଦ ଆସନ ଆବଶ୍ୟକତା ରହିଛି। ଏଠାରେ ବଛାଯାଇଥିବା ଲୋକ ପ୍ରତିନିଧି ରାଉରକେଲାର ବିଭିନ୍ନ ସମସ୍ୟା ସଂସଦର ଦୃଷ୍ଟିଆକର୍ଷଣ କରିପାରନ୍ତେ। ରାଉରକେଲା ଅତୀତରେ ଅନ୍ତର୍ଜାତୀୟ ହକି ଖେଳ ଆୟୋଜନ କରିସାରିଛି। ଜିଲା ମାନ୍ୟତା ନ ମିଳିବାରୁ ସେଭଳି ବିକାଶରେ ଅନ୍ତରାୟ ସୃଷ୍ଟି କରୁଛି। ମିନିଇଣ୍ଡିଆ ଭାବେ ପରିଚିତ ରାଉରକେଲା ଉଚ୍ଚ ସାଂସ୍କୃତିକ ପରମ୍ପରାକୁ ନେଇ ଗତି କରୁଛି। ଯାହାକି ଏକ ଭିନ୍ନ ଜିଲା ଘୋଷଣା ଦିଗରେ ସହଯୋଗ କରିବ। ଏଠାରୁ ରାଜସ୍ୱ ରାଜ୍ୟ ପାଇଁ ବିନିଯୋଗ ହେଉଛି। ଯାହାକି ସହର ଶକ୍ତିଶାଳୀ ଥିବା ଅନୁମେୟ।

–ସୁପ୍ରତୀକ ମିଶ୍ର, ସାମାଜିକ କର୍ମୀ।



"ରାଉରକେଲା ଜିଲା ଦାବି ଯଥାର୍ଥ। ସୁନ୍ଦରଗଡ଼ ଜିଲା ବଡ଼ ଅଟେ। ପ୍ରଶାସନ ଲୋକଙ୍କ ନିକଟରେ ପହଞ୍ଚିପାରୁନାହିଁ। କିଛି ବ୍ଲକ ଏବେ ମଧ୍ୟ ବିକାଶରଧାରାରୁ ଅପହଞ୍ଚ ରହିଛି। ରାଉରକେଲା ଭିନ୍ନ ଜିଲା ହେଲେ ଅଧିକ ଲୋକ ଉତ୍ତମ ସେବା ପାଇପାରିବେ। କ୍ଷେତ୍ରଫଳ ଅନୁସାରେ ସୁନ୍ଦରଗଡ଼ ଜିଲା ୫୦ ପ୍ରତିଶତ ଜଙ୍ଗଲ ପରିବେଷ୍ଟିତ ରହିଛି। ପ୍ରଶାସନିକ ବିକେନ୍ଦ୍ରୀକରଣ ହେଲେ ସମସ୍ତ ସୁବିଧା ଓ ଅନୁଦାନ ମିଳିବ। ସ୍ୱତନ୍ତ୍ର ଜିଲା ଗଠନ ପାଇଁ ଅଧିକ ଆଲୋଚନା ଦରକାର।

–ବୀରେନ ସେନାପତି, ବରିଷ୍ଠ ନେତା।



"ରାଉରକେଲାକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ପ୍ରଦାନ ପାଇଁ ଦାବି ହେଉଛି। ସ୍ୱତନ୍ତ୍ର ଜିଲା ହେବାର ସମସ୍ତ ପୃଷ୍ଠଭୂମି ଏହା ବହନ କରୁଛି। ଏଠାରେ ସର୍ବାଧିକ ରାଜସ୍ୱ ଆଦାୟ ହେଉଛି। ସୁନ୍ଦରଗଡ଼ ଜିଲା ସଦର ମହକୁମା ରାଉରକେଲାରୁ ୧୧୦ କି.ମି ଓ କୋଇଡାରୁ ୧୪୦ କି.ମି ରହିଛି। ରାଉରକେଲାର ଲୋକସଂଖ୍ୟା ୮.୫ ଲକ୍ଷ। ବୃହତ୍ ରାଉରକେଲା ମହାନଗର ନିଗମ ଗଠନକୁ ପ୍ରାଧାନ୍ୟ ଦେବା ସହ ବଣେଇକୁ ମିଶାଇ ରାଉରକେଲା ଜିଲା କଲେ ଲୋକସଂଖ୍ୟା ପାଖାପାଖି ୨୦ ଲକ୍ଷ ହେବ। ସର୍ବାଧିକ ରାଜସ୍ୱ ଦେଉଥିବାରୁ ତୁରନ୍ତ ରାଉରକେଲା ଜିଲା ଘୋଷଣା କରାଯାଉ।

–ଦିଗମ୍ବର ମହାନ୍ତି, ଶ୍ରମିକ ନେତା।

# ମଣ୍ଡିକୁ ନ ଆସି ମିଲ୍‌କୁ ଗଲା ଧାନ

କୁଚିଣ୍ଡା, ୪।୧୨(ବିରଞ୍ଚି ଦର୍ଜ୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡରେ ସରକାରୀ ଧାନକ୍ରୟ ନୀତିର ଖୋଲାଖୋଲି ଉଲ୍ଲଂଘନ ହେଉଥିବା ଅଭିଯୋଗ ଆସିଛି। ଗୁରୁବାର କୁଚିଣ୍ଡା ବ୍ଲକର କୁଟୁରାଚୁଆଁ ମଣ୍ଡିରୁ କୁଚିଣ୍ଡା ଲ୍ୟାମ୍ପ୍ସ ପକ୍ଷରୁ ୨୭ଜଣ ଚାଷୀଙ୍କଠାରୁ ୩ହଜାର ପ୍ୟାକେଟ ଧାନ କିଣାଯାଇଛି। ୬ଟି ବଡ଼ ଟ୍ରକରେ ଆସିଥିବା ଧାନର କୌଣସି ଯାଞ୍ଚ ନହୋଇ କାଗଜ ପତ୍ରରେ କେବଳ ଏଣ୍ଟ୍ରି କରାଯାଇ ସିଧାସଳଖ ମିଲକୁ ଯାଇଥିବା ଦେଖିବାକୁ ମିଳିଛି। ପ୍ରଶାସନର ଜ୍ଞାତସାର ଏବଂ ଖୋଦ ଉପଖଣ୍ଡ ଯୋଗାଣ ଅଧିକାରୀଙ୍କ ଉପସ୍ଥିତିରେ ଏଭଳି ବେଆଇନ ଧାନକ୍ରୟ ଚାଲିଥିବାରୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କୁଟୁରାଚୁଆଁ ମଣ୍ଡି ଖୋଲିବା ପରେ ମଙ୍ଗଳବାର ୨ ଜଣ ଚାଷୀ ଏକ ବଡ ଟ୍ରକରେ ମଣ୍ଡିକୁ ଧାନ ଆଣିଥିଲେ। ତେବେ ଧାନର ମାନ ଯାଞ୍ଚକୁ ନେଇ ସେଠାରେ ଉପସ୍ଥିତ ଥିବା ଦୁଇ ଚାଷୀ ଗୋଷ୍ଠିଙ୍କ ମଧ୍ୟରେ ଯୁକ୍ତିତର୍କ ହେବାରୁ ଉକ୍ତ ଦିନ ଧାନକ୍ରୟ ହୋଇ ପାରି ନ ଥିଲା। ଫଳରେ ଚାଷୀମାନେ ଧାନ ବୋଝେଇ ଟ୍ରକକୁ ଫେରାଇ ନେଇଥିଲେ। ଗୁରୁବାର ୬ଟି ବଡ ଟ୍ରକରେ ୨୭ ଜଣ ଚାଷୀ ୩ହଜାର ପ୍ୟାକେଟ ଧାନ ମଣ୍ଡିକୁ ବିକ୍ରି ପାଇଁ ଆଣିଥିଲେ। ହେଲେ ସରକାରୀ ନିୟମକୁ ବେଖାତିର କରି ଏହି ସମସ୍ତ ଧାନର କୌଣସି ପରୀକ୍ଷା ନକରି(ଧାନର ଆଦ୍ରତା ଯାଞ୍ଚ ଏବଂ ଓଜନ)ମଣ୍ଡିକୁ ପହଞ୍ଚି ଥିବା ସମସ୍ତ ଟ୍ରକର ୩ହଜାର ପ୍ୟାକେଟ ଧାନ କୁଚିଣ୍ଡା ଲ୍ୟାମ୍ପ ପକ୍ଷରୁ କିଣାଯାଇଥିଲା। ଏପରିକି ଟ୍ରକଗୁଡ଼ିକ ଆଦୌ ମଣ୍ଡିକୁ ନଆସି ରାସ୍ତା ଉପରେ ଧାନ ଲୋଡ କରି ଛିଡ଼ା ହୋଇଥିବା ବେଳେ ସେଠାକୁ କୌଣସି କର୍ମଚାରୀ ଆସି ନଥିଲେ। କେବଳ କାଗଜ ପତ୍ରରେ ରାସ୍ତା ଉପରୁ ହିଁ ଧାନ କିଣା ହୋଇଥିଲା। ଏହି ପକ୍ରିୟାରେ ଧାନକ୍ରୟକୁ ଉପସ୍ଥିତ କେତେଜଣ ଚାଷୀ ବିରୋଧ କରିଥିଲେ। ମାତ୍ର ସେବୁକୁ ବେଖାତିର କରି ଧାନକ୍ରୟ ହୋଇଥିବାରୁ ଏହା ପଛରେ ଥିବା ରହସ୍ୟ ଚର୍ଚ୍ଚାର ବିଷୟ ହୋଇଛି। କୁଚିଣ୍ଡା ଲ୍ୟାମ୍ପ୍ସ ଏମଡି କୁମୋଦ ପ୍ରଧାନ ଗୁରୁବାର ସାପ୍ତାହିକ ହାଟ ଥିବାରୁ ମଣ୍ଡିକୁ ଗାଡିଗୁଡିକ ଆସି ନପାରି ରୋଡ଼ ଉପରେ ଛିଡା ହୋଇଥିଲା। ଚାଷୀ ଓ ମିଲର୍ସଙ୍କ ବୁଝାମଣାରେ ଧାନ ସିଧାସଳଖ ମିଲକୁ ଯାଇଥିବା କହିଥିଲେ। ଏ ସମ୍ପର୍କରେ ମଣ୍ଡିରେ ଉପସ୍ଥିତ ଥିବା ଉପଖଣ୍ଡ ଯୋଗାଣ ଅଧିକାରୀ ରାଜକିଶୋର ସ୍ୱାଇଁଙ୍କୁ ପଚାରିବାରେ ସେ ମଧ୍ୟ ଚାଷୀ ଓ ମିଲର୍ସଙ୍କ ମଧ୍ୟରେ ବୁଝାମଣା ହୋଇ ଧାନକ୍ରୟ ହୋଇଥିବା କହିଛନ୍ତି।


ରାସ୍ତା ଉପରେ ଛିଡା ହୋଇଥିବା ଧାନ ବୋଝେଇ ଟ୍ରକ।

**କୁଟୁରାଚୁଆଁ ମଣ୍ଡି**

# ଭାରତୀ କଳା ବିକାଶ କେନ୍ଦ୍ରକୁ ବାଦ୍ୟଯନ୍ତ୍ର ପ୍ରଦାନ


ହୀରାକୁଦ ଜଳ ବିଦ୍ୟୁତ୍ କେନ୍ଦ୍ର ପକ୍ଷରୁ ବୁର୍ଲା ଭାରତୀ କଳା ବିକାଶ କେନ୍ଦ୍ରକୁ ପ୍ରଦାନ କରାଯାଇଥିବା ବାଦ୍ୟଯନ୍ତ୍ର।

ସମ୍ବଲପୁର,୪।୧୨(ବି.ଶଙ୍କର)

ହୀରାକୁଦ ଜଳ ବିଦ୍ୟୁତ୍ କେନ୍ଦ୍ର(ଓଏଚ୍‌ପିସି) ପକ୍ଷରୁ ବୁର୍ଲା ଭାରତୀ କଳା ବିକାଶ କେନ୍ଦ୍ରକୁ ପିଲାଙ୍କର ସଂଗୀତ ଶିକ୍ଷା ନିମନ୍ତେ ବହୁ ମୂଲ୍ୟର ବିଭିନ୍ନ ବାଦ୍ୟ ଯନ୍ତ୍ର ଗୁରୁବାର ପ୍ରଦାନ କରାଯାଇଛି । ଯାହାକି ଆଗାମୀ ଦିନରେ ପିଲାମାନଙ୍କର ସଂଗୀତ କଳାର ବିକାଶରେ ଅତ୍ୟନ୍ତ ସହାୟକ ହେବ । ଏହା କଳାବିକାଶ କେନ୍ଦ୍ର କଳାକାରଙ୍କ ଅଭ୍ୟାସ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଆଶା ରହିଛି। ଓଏଚପିସି ଜେନେରାଲ ମ୍ୟାନେଜର ଇଞ୍ଜିନିୟର ଇନ୍ଦ୍ରମଣି ସେଠି, ଜେନେରାଲ ମ୍ୟାନେଜେର ଫନି ମଙ୍ଗରାଜ, ଇଞ୍ଜିନିୟର ଦୁର୍ଗେସ ମେହେର, ଇଞ୍ଜିନିୟର ସଂଘମିତ୍ରା ସାହୁ, ସୂର୍ଯ୍ୟ ସାରଥୀ ଓଝା(ଏଚଆରଡି), ମୁକ୍ତିକାନ୍ତ ଅଗସ୍ତି(ଅର୍ଥ ), ମନୀଷା ତିରିଆ (ଏଚଆରଡି), ଡ଼ଲଫିନ ଦେହୁରୀ, ଅନିଲ ପ୍ରଧାନଙ୍କ ସହ ଭାରତୀ କଳା ବିକାଶ କେନ୍ଦ୍ର ଉପସଭାପତି ଆଡ଼ଭୋକେଟ ଲକ୍ଷ୍ମୀଧର ମହାନ୍ତି, ସମ୍ପାଦକ ନିରଞ୍ଜନ ପଟନାୟକ, ସାଂସ୍କୃତିକ ସମ୍ପାଦକ ରଶ୍ମୀ ରଞ୍ଜନ ଶତପଥି, ସାଙ୍ଗଠନିକ ସମ୍ପାଦକ ପ୍ରମୋଦ ଦାଶ, ସତ୍ୟବ୍ରତ ସାହୁ, ଫଗୁଣୁ ସେଠ, ଲୋକେଶ ନାୟକ, କୈଳାସ ମିଶ୍ର, ରଜନୀକାନ୍ତ ଚିନାରା, ରାଖି ଦୀପ, ନୀଳମଣି ସାହୁ, ଗଜେନ୍ଦ୍ର ବଘର ପ୍ରମୁଖ ଉପସ୍ଥିତ ଥିଲେ । କଳାବିକାଶ କେନ୍ଦ୍ର ସମ୍ପାଦକ ନିରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସତ୍ୟନାରାୟଣ ବହିଦାର ସାହିତ୍ୟ ପରିଷଦର କବିତା ଆସର

ସମ୍ବଲପୁର,୪।୧୨(ବି.ଶଙ୍କର)

ସତ୍ୟନାରାୟଣ ବହିଦାର ସାହିତ୍ୟ ପରିଷଦ ଆନୁକୂଲ୍ୟରେ କବିତା ଆସର ସମେତ ଅଭିନନ୍ଦନ ଓ ଶୋକସଭା ସମ୍ବଲପୁରସ୍ଥିତ ସାମ୍ବାଦିକ ଭବନରେ ବୁଧବାର ରାତି ୮ଟା ୩୦ରେ ଅନୁଷ୍ଠିତ ହୋଇଯାଇଛି। ପ୍ରଭଞ୍ଜନ ପୁରୋହିତଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସାହିତ୍ୟିକ ସଙ୍ଗଠକ ତଥା କବି ମୁକ୍ତକଣ୍ଠ ପ୍ରଧାନ ମୁଖ୍ୟ ଅତିଥି, କବି ଲକ୍ଷ୍ମୀ ନାରାୟଣ ପଣ୍ଡା, ଡ. ଦୀପେନ କୁମାର ପଟ୍ଟନାୟକ ସମ୍ମାନୀତ ଅତିଥି ଯୋଗଦେଇ ସତ୍ୟନାରାୟଣ ବହିଦାରଙ୍କ ଅବଦାନ ଓ ସମ୍ବଲପୁରୀ ସାହିତ୍ୟର ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିଥିଲେ। ଏହିସହ ସ୍ୱର୍ଗତ କବି ଉଜାଗର ମେହେରଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କବି ଆଭାସ ପଣ୍ଡା ସୂଚନା ପ୍ରଦାନ କରିଥିଲେ। କବି କାଳିନ୍ଦି ସିଂହଙ୍କ ସଂଯୋଜନା ଓ କମଳ ଲୋଚନ ପଣ୍ଡାଙ୍କ ସହାୟତାରେ ଅନୁଷ୍ଠିତ କବିତା ଆସରରେ ୩୦ଜଣ କବିୟତ୍ରୀ ଏବଂ କବି ସ୍ୱରଚିତ କବିତା ପାଠ କରିଥିଲେ। ନାରୀ କବି ସିଦ୍ଧି ସ୍ୱରୂପା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।


ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ବିକାଶ ପାଇଁ ଖର୍ଚ୍ଚ କରିବ ଜିଲା ପ୍ରଶାସନ

**ରାଜ୍ୟସ୍ତରୀୟ ଭିନ୍ନକ୍ଷମ ଖେଳକୁଦରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା**

ସମ୍ବଲପୁର,୪।୧୧(ପ୍ରମୋଦ ବହିଦାର)

ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ-୨୦୨୫ ଉପଲକ୍ଷେ ଅନୁଷ୍ଠିତ ଭିନ୍ନକ୍ଷମ ଖେଳକୁଦ ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଖେଳାଳିଙ୍କ ବିକାଶ ପାଇଁ ଆବଶ୍ୟକ ସମସ୍ତ ଖର୍ଚ୍ଚ ସମ୍ବଲପୁର ଜିଲା ପ୍ରଶାସନ ନିଜସ୍ୱ ପାଣ୍ଠିରୁ ବହନ କରିବ। ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଗୁରୁବାର ଅୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏହା କହିଛନ୍ତି। ସେ ଛାତ୍ରୀଛାତ୍ରଙ୍କ ଦକ୍ଷତାକୁ ପ୍ରଶଂସା କରି କହିଥିଲେ, ଛାତ୍ରୀଛାତ୍ରମାନେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ଉପଲକ୍ଷେ ଭୁବନେଶ୍ୱରଠାରେ ଖେଳକୁଦଠାରୁ ଆରମ୍ଭ କରି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବୁର୍ଲାର ମୂକ ଓ ବଧିର ସ୍କୁଲ ଓ ବୈଜାମୁଣ୍ଡାସ୍ଥିତ ସମନ୍ୱିତ ଭିତ୍ତିଭୂମି କମ୍ପ୍ଲେକ୍ସ(ଅଇଆଇସି)ର ଦିବ୍ୟାଙ୍ଗ ଛାତ୍ରୀଛାତ୍ର ରାଜ୍ୟସ୍ତରରେ ପଥମ ସ୍ଥାନ ଅଧିକାର ୭ଟି ସ୍ୱର୍ଣ୍ଣ ଓ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରି ଜିଲା ପାଇଁ ଗୌରବ ଆଣି ଦେଇଛନ୍ତି। ସେମାନେ ଯେପରି ଆଗକୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସଫଳତା ହାସଲ କରିବେ ସେଥିପାଇଁ ଆବଶ୍ୟକ ସମସ୍ତ ପ୍ରକାର ସହଯୋଗ ଜିଲା ପ୍ରଶାସନ ପକ୍ଷରୁ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ଜିଲାପାଳ। ସୂଚନାଯୋଗ୍ୟ, ଉକ୍ତ ରାଜ୍ୟସ୍ତରୀୟ ଦୌଡ଼ କୁଦ ଉଭେଣ୍ଟରେ ପୂଜା ଓରାମ୍, ଲିଜା ଓରାମ୍. ମହିମା ପାଢ଼ାନ୍ ପଦକ ବିଜୟୀ ହୋଇଥିବା ବେଳେ ଚିତ୍ରାଙ୍କନ ପ୍ରତିଯୋଗିତା ଜୁନିୟର୍ ବାଳିକା ବର୍ଗରେ ପ୍ରିୟା ସାହୁ, ସବଜୁନିୟର୍ ବର୍ଗରେ ସୁବର୍ଣ୍ଣ ସରଙ୍ଗୀ, ଜୁନିୟର୍ ବାଳକ ବର୍ଗରେ ରଜତ ଭୋଇ, ସିନିୟର୍ ବାଳକ ବର୍ଗରେ ସୁଭମ ବାରିକ୍ ପଦକ ବିଜୟୀ ହୋଇଛନ୍ତି। କାର୍ଯ୍ୟକ୍ରମକୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୀରାଚନ୍ଦ୍ର ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ, ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ହତ୍ୟା ଅଭିଯୋଗ ଆଣିଲେ ମୃତାଙ୍କ ମାମୁ

**ନାଳରୁ ନାବାଳିକାଙ୍କ ମୃତଦେହ ଜବତ ଘଟଣା**

**ବ୍ୟବଚ୍ଛେଦ ରିପୋର୍ଟରୁ ମୃତ୍ୟୁର କାରଣ ସ୍ପଷ୍ଟ ହେବ: ଏସ୍‌ପି**

ସମ୍ବଲପୁର,୪।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅନ୍ତର୍ଗତ ଶାନ୍ତିନଗରର ଏକ ନାଳରୁ ବୁଧବାର ସକାଳେ ଜଣେ ନାବାଳିକାଙ୍କ ମୃତଦେହ ଜବତ କରାଯାଇଥିଲା। ମୃତା ହେଲେ ଶାନ୍ତିନଗରର ଅଶୋକ କୁମାର ମିଶ୍ର ଓ ସୁରେଖା ମିଶ୍ରଙ୍କ ନାତୁଣୀ ମାତାପିତା ଛେଉଣ୍ଡ ସାଇଶ୍ରଦ୍ଧା ମିଶ୍ର(୧୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ହେଲେ ଖବର ପାଇ ଗୁରୁବାର ସକାଳେ ଅନୁଗୋଳରେ ରହୁଥିବା ମୃତାଙ୍କ ମାଇଁ ଓ ମାମୁଁ ସମ୍ବଲପୁର ପହଞ୍ଚିବା ପରେ ତାଙ୍କୁ ଭାଣିଜୀଙ୍କୁ ହତ୍ୟା କରି ନାଳରେ ଫିଙ୍ଗି ଦିଆଯାଇଥିବା ଅଭିଯୋଗ ଆଣିଛନ୍ତି। ମାମୁ ଅସୀତ କୁମାର ନନ୍ଦଙ୍କ ଅଭିଯୋଗ ଅନୁସାରେ କିଛି ବର୍ଷ ପୂର୍ବେ ମୃତାଙ୍କ ପିତା ତଥା ତାଙ୍କ ଭିଣୋଇ ଗଙ୍ଗା ପ୍ରସାଦ ମିଶ୍ରଙ୍କର ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ୨୦୧୭ ମସିହାରେ ମଧ୍ୟ ତାଙ୍କ ଭଉଣୀ ତଥା ସାଇଶ୍ରଦ୍ଧାଙ୍କ ମା' ମିତାଲି ପ୍ରିୟଦର୍ଶିନୀ ମିଶ୍ରଙ୍କର ମଧ୍ୟ ଅତ୍ୟନ୍ତ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଥାନାରେ ଏତଲା ଦିଆ ଯାଇଥିଲା। ଯାହାର ତଦନ୍ତ ବର୍ତ୍ତମାନ ମଧ୍ୟ ଜାରି ରହିଛି। ସେ କହିଛନ୍ତି ଭିଣୋଇ ଗଙ୍ଗା ପ୍ରସାଦ ନିଜ ନାମରେ ଥିବା ସମସ୍ତ ସମ୍ପତ୍ତି ତାଙ୍କ ଉଉଣୀଙ୍କ ନାମରେ କରି ଦେଇଥିଲେ। ତେଣୁ ପୁଅର ମୃତ୍ୟୁ ପରେ ବୋହୂ(ତାଙ୍କ ଭଉଣୀ)ଙ୍କୁ ହତ୍ୟା କରି ଆତ୍ମହତ୍ୟା ରୂପ ଦିଆଯାଇଥିବା ଭଳି ସଙ୍ଗୀନ ଅଭିଯୋଗ କରିଛନ୍ତି ଅସୀତ। ସେ ଏନେଇ କେବଳ ମୌଖିକ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି, ପୋଲିସ ପ୍ରାଥମିକସ୍ତରରେ ଅଇଁଠାପାଲି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୯୯/୨୫)ରୁଜୁ କରି ଘଟଣାର ତଦନ୍ତ କରୁଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଦଳ ପହଞ୍ଚି ଯାଞ୍ଚ କରୁଛନ୍ତି। ଜବତ ସ୍କୁଟିରୁ ଏହା ଏକ ଦୁର୍ଘଟଣା ବୋଲି ଅନୁମାନ କରାଯାଉଛି। ଆଞ୍ଚଳିକ ପରିବହନ ଅଧିକାରୀ(ଆର୍‌ଟିଓ) କର୍ମଚାରୀ ମଧ୍ୟ ଆସି ଏହାର ଯାଞ୍ଚ କରିଛନ୍ତି। ତେବେ ଅନ୍ୟାନ୍ୟ ରିପୋର୍ଟ ସହିତ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର ପ୍ରକୃତ କାରଣ ଜଣା ପଡ଼ିବ ବୋଲି ସେ କହିଛନ୍ତି ।


ସାଇଶ୍ରଦ୍ଧା ମିଶ୍ର।

# ବିଦ୍ୟା ବିକାଶରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ସମ୍ବଲପୁର,୪।୧୨(ବି.ଶଙ୍କର)

୧୫ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ସମ୍ବଲପୁର ଜିଲା ଶାସନସ୍ଥିତ ବିଦ୍ୟା ବିକାଶ କ୍ୟାମ୍ପସରେ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟା ବିକାଶ ଗ୍ରୁପର ଚେୟାରମ୍ୟାନ ତଥା ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ଆଗାମୀ ଦିନରେ ବିଦ୍ୟା ବିକାଶ କ୍ୟାମ୍ପସ ପଡ଼ିଆରେ ଅନୁଷ୍ଠିତ ହେବାକୁ ଯାଉଥିବା ଜାତୀୟ ଓ ଆନ୍ତର୍ଜାତିକ କ୍ରୀଡ଼ାଗୁଡ଼ିକ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବ ବୋଲି କହିଥିଲେ । ମଶାଲ ନିର୍ବାପିତ କରି ସେ କ୍ରୀଡ଼ାର ଉଦଯାପନ କରିବା ସହିତ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ । ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଜି.ରାମକ୍ରିଷ୍ଣା କ୍ରୀଡ଼ାର ସଫଳ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ବିଦ୍ୟା ବିକାଶ ଅନୁଷ୍ଠାନ ସମୂହର ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜିବ କୁମାର ବାବୁ ସମସ୍ତ କୃତୀ ପ୍ରତିଯୋଗୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବିକାଶ ଦ କନ୍‌ସେପ୍ଟ ସ୍କୁଲ ଅଧକ୍ଷ ମନୋରଞ୍ଜନ ପତି ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ଛାତ୍ରୀଛାତ୍ର ତଥା କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରଶଂସା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲର ଅଧକ୍ଷା ଡ. ପୁଷ୍ପିତା ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ । ବିଦ୍ୟା ବିକାଶ ନର୍ସିଂ କଲେଜର ଅଧକ୍ଷ ଈଶ୍ୱର ନାଗ, ହାଇୟର ସେକେଣ୍ଡାରୀ ସ୍କୁଲ ଅଧକ୍ଷ ଡ. ଦିବ୍ୟସିଂହ ମହାନ୍ତ, ବିକାଶ କନ୍‌ସେପ୍ଟ ସ୍କୁଲ ଉପାଧକ୍ଷ ଯଶୱନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବଣ୍ଟନ ସହଯୋଗ କରିଥିଲେ । କ୍ରୀଡ଼ାଶିକ୍ଷକ ପ୍ରେମରାଜ ବଘାର, ସୁଥାମ ବିଶ୍ୱାସ, ମିନୁ ନାଏକ, ସୁନିଲ କୁମାର ସିଂହ, ବିଷ୍ଣୁଚନ୍ଦ୍ର ବେହେରା ପ୍ରମୁଖ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।



ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଅତିଥିଙ୍କଠାରୁ କୃତୀମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

# ଅଂଶଗ୍ରହଣ କଲେ ୮ ବିଦ୍ୟାଳୟର ୨ଶହ ଛାତ୍ରୀଛାତ୍ର

**ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଉର୍ଜା ମେଳା**

ସମ୍ବଲପୁର, ୪।୧୨(ବି.ଶଙ୍କର)

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ(ଟିପିଡବ୍ଲ୍ୟୁଓଡିଏଲ)ର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ବିଭାଗ (ସିଏସ୍‌ଆର) ପକ୍ଷରୁ ଉର୍ଜା ମେଳା ଗୁରୁବାର ଅନୁଷ୍ଠିତ ହୋଇଛି। ଶକ୍ତି ସଂରକ୍ଷଣ ଏବଂ ସୁବଜ ଶକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ସମ୍ବଲପୁର ସହରସ୍ଥିତ ଗୁରୁ ନାନକ ପବ୍ଲିକ୍ ସ୍କୁଲରେ ମେଳା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସହରର ୮ ବିଦ୍ୟାଳୟର ୨ଶହରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରମାନେ ଶକ୍ତି ସଂରକ୍ଷଣ, ଦାୟିତ୍ୱପୂର୍ଣ୍ଣ ଭାବେ ଶକ୍ତି ବ୍ୟବହାର ଏବଂ ପରିବେଶ ସୁରକ୍ଷା ପ୍ରତି ସେମାନଙ୍କର ଚିନ୍ତାଧାରା ଓ ସମାଧାନ ପ୍ରଦର୍ଶନ କରିଥିଲେ । କ୍ଲବ ଏନର୍ଜି ହେଉଛି ଟାଟା ପାୱାରର ଏକ ପ୍ରମୁଖ ସିଏସ୍‌ଆର୍ ଅଭିଯାନ, ଯାହା ସ୍ଥାୟୀ ଶକ୍ତି ସଂରକ୍ଷଣ ଉପରେ ଗୁରୁତ୍ୱଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସମ୍ବଳ ସଂରକ୍ଷଣ ଏବଂ ଜଳବାୟୁ ସହନଶୀଳତା ସମ୍ପର୍କରେ ସଚେତନତା ସୃଷ୍ଟି କରିଥାଏ । ଏହି କାର୍ଯ୍ୟକ୍ରମ ଅଧୀନରେ ଉର୍ଜା ସାଥୀଙ୍କ ମାଧ୍ୟମରେ ନିୟମିତ ଭାବେ ପଶ୍ଚିମ ଓଡ଼ିଶାର ବିଭିନ୍ନ ବିଦ୍ୟାଳୟରେ ଶକ୍ତି ସଂରକ୍ଷଣ, ପ୍ରାକୃତିକ ସମ୍ପଦ ପରିଚାଳନା, ଜଳବାୟୁ ପରିବର୍ତ୍ତନ ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ ବିଷୟବସ୍ତୁକୁ ନେଇ ଅନେକ ଅଧିବେଶନ ଆୟୋଜନ କରାଯାଉଛି । କ୍ଲବ୍ ଏନର୍ଜି ପଦକ୍ଷେପ ମାଧ୍ୟମରେ ପଶ୍ଚିମ ଓଡ଼ିଶାର ଏକ ଲକ୍ଷରୁ ଅଧିକ ଛାତ୍ରୀଛାତ୍ରଙ୍କୁ ଶକ୍ତି ଚାମ୍ପିୟନ୍‌ଭାବେ ସଶକ୍ତ କରାଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଡ. ସତ୍ୟନାରାୟଣ ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଓଡ଼ିଶା ନବୀକରଣୀୟ ଶକ୍ତି ବିକାଶ ସଂସ୍ଥା(ଓରେଡା)ର ପ୍ରତିନିଧି କଳ୍ପନା ସେନାପତି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ, ଗୁରୁ ନାନକ ପବ୍ଲିକ ସ୍କୁଲ ଅଧକ୍ଷ ଡ.ରବୀନ୍ଦ୍ର ନାଥ ଦାସ ସମ୍ମାନୀତ ଅତିଥି ଥିଲେ । ଏଥିସହ କମ୍ପାନୀର ଅନେକ ବରିଷ୍ଠ ଅଧିକାରୀ ଓ କର୍ମଚାରୀ, ସାମାଜିକ କର୍ମୀ, ଶିକ୍ଷକ ଏବଂ ଛାତ୍ରଛାତ୍ରୀମାନେ ସାମିଲ ଥିଲେ । ମଡେଲ୍ ପ୍ରଦର୍ଶନ, ପୋଷ୍ଟର ତିଆରି, କ୍ୱିଜ୍ ଏବଂ ଅଭିନବ ପ୍ରଦର୍ଶନ ସମେତ ଶକ୍ତି ସଂରକ୍ଷଣ ଥିମ୍ ଉପରେ ଆଧାରିତ ପ୍ରତିଯୋଗିତା ହୋଇଥିଲା ।


ଉର୍ଜା ମେଳାକୁ ଗୁରୁବାର ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# କଳାହାଣ୍ଡି କୃଷି ମହାବିଦ୍ୟାଳୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲାଯାଉ

ଭବାନୀପାଟଣା, ୪।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡିରେ କୃଷି ମହାବିଦ୍ୟାଳୟ ଜିଲାର କୃଷି ଭିତ୍ତିଭୂମି ଓ ଶିକ୍ଷାଗତ ଆବଶ୍ୟକତାକୁ ପରିପୂରଣ କରୁଥିବାବେଳେ ଜିଲାର କୃଷିଭିତ୍ତିକ ଗବେଷଣା ପାଇଁ ଉଚ୍ଚତର ଶିକ୍ଷା ଓ ପାଠ୍ୟକ୍ରମର ଆବଶ୍ୟକତା ରହିଛି। ଏ ଦିଗରେ କଳାହାଣ୍ଡି କୃଷି ମହାବିଦ୍ୟାଳୟ ଏକ ପ୍ରକୃଷ୍ଟ ସ୍ଥାନ ହୋଇଥିବାବେଳେ ଏଠାରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରାଗଲେ କୃଷି ଓ ଏହା ଉପରେ ନିର୍ଭରଶୀଳ ଜନସମାଜ, ଆର୍ଥିକ ପ୍ରଗତି ସମ୍ପର୍କରେ ଗବେଷଣା ସମ୍ଭବ ହୋଇପାରିବ। ଏହାକୁ ଦୃଷ୍ଟିରେ ରଖି କଳାହାଣ୍ଡି କୃଷି ମହାବିଦ୍ୟାଳୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରିବାକୁ ବିକଶିତ କଳାହାଣ୍ଡି ଓ ନୂଆପଡ଼ ଅଧ୍ୟକ୍ଷ ଭବାନୀଶଙ୍କର ନିଆଲ ଦାବି କରିଛନ୍ତି। ଏ ସମ୍ପର୍କରେ ଡ଼. ନିଆଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଦାବି କରିଛନ୍ତି। ଡ଼. ନିଆଲ କଳାହାଣ୍ଡି ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମାଝୀଙ୍କ ସହିତ


ଅତିରିକ୍ତ ଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଉପମୁଖ୍ୟମନ୍ତ୍ରୀ ତଥା ରାଜ୍ୟ କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, କଳାହାଣ୍ଡି ଲୋକ ସଭା ସାଂସଦ ମାଳବିକା ଦେବୀ, ରାଜ୍ୟ ସଭା ସାଂସଦ ସୁଜିତ କୁମାର, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀ, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ କୁମାର ନାଏକ, ରାଜ୍ୟ ମୁଖ୍ୟ ଶାସନ ସଚିବ, କୃଷି ବିଭାଗ ସଚିବ ତଥା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ପ୍ରେରଣ କରିଛନ୍ତି। ତେବେ ଜିଲାପାଳ ଉପସ୍ଥିତ ନ ଥିବାରୁ ଦାବିପତ୍ରକୁ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଗ୍ରହଣ କରିଥିଲେ।

# କବିତା ସଂକଳନ 'ଲେସନ୍ସ ଫର ଲାଇଫ' ଉନ୍ମୋଚିତ

ଭବାନୀପାଟଣା,୪।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଅତିରିକ୍ତ ଜିଲା ଶିକ୍ଷାଧିକାରୀ ତଥା ଯୁବକବି ହେମସାଗର ମହାନନ୍ଦଙ୍କ ଇଂରାଜୀ କବିତା ସଂକଳନ 'ଲେସନ୍ସ ଫର ଲାଇଫ: ପୋଏମ୍ସ ଫର ଏଭ୍ରି ଷ୍ଟେଜ ଅଫ ଲର୍ଣ୍ଣିଂ' ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଉନ୍ମୋଚିତ ହୋଇଛି। ୬୯ତମ ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ ବାଳିକା ଫୁଟବଲ ପ୍ରତିଯୋଗିତାର ଉଦଘାଟନୀ ଉତ୍ସବରେ ଏହି ପୁସ୍ତକ ଉନ୍ମୋଚନ କରାଯାଇଥିଲା। କଳାହାଣ୍ଡି ଜିଲାପାଳ ସଚିନ ପାୱାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ବାଗ୍ମୀ ଡ. ଶିବପ୍ରସାଦ ବେହେରା, ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରି, ଜିଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଯୁଗଳ ପୋଢ଼, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଜୟଶଙ୍କର ନାଏକ ପ୍ରମୁଖ ଯୋଗଦାନ କରିଥିଲେ। କବି ହେମସାଗର ମହାନନ୍ଦମଞ୍ଚାସୀନ ଥିବା ବେଳେ ରାଜ୍ୟ ଅଧିକାରୀ ନିରଞ୍ଜନ ଶତପଥୀ ଓ ଯୁବ ଲେଖକ ଡିଲେଶ୍ୱର ରଣା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅନ୍ତର୍ଜାତୀୟ ପ୍ରକାଶନ ସଂସ୍ଥା ୟୁରାନିଆ ପବ୍ଲିଶିଂ ହାଉସ ପକ୍ଷରୁ ପ୍ରକାଶିତ ଏହି ସଂକଳନରେ ସମ୍ମାନ, ସାଧୁତା, ଅଧ୍ୟବସାୟ, ପରିବେଶ ସଂରକ୍ଷଣ ଆଦି ମୂଲ୍ୟବୋଧକୁ ନେଇ କବିତା ସ୍ଥାନ ପାଇଛି। ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଶିକ୍ଷା କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରୁଥିବା ମହାନନ୍ଦ ରାଜ୍ୟ ଓ ଜାତୀୟ ସ୍ତରରେ ସମ୍ମାନିତ ହୋଇସାରିଛନ୍ତି। ଶିଶୁ ଓ ଯୁବପିଢ଼ିଙ୍କ ମନରେ ସଦଗୁଣର ଅଙ୍କୁରୋଦଗମ ଏହି ପୁସ୍ତକର ଉଦ୍ଦେଶ୍ୟ ବୋଲି ସେ ପ୍ରକାଶ କରିଛନ୍ତି।

# ୩୪ ଶାଳଗଣ୍ଡି ଜବତ, ୩ ଗିରଫ


ଜବତ ହୋଇଥିବା ଶାଳ ଗଣ୍ଡି।

ବୌଦ୍ଧ,୪।୧୨(ଅଜିତ କୁମାର ବାରିକ)

ବୌଦ୍ଧ ବନଖଣ୍ଡ ଖଜୁରୀପଡା ସେକ୍ସନ ବ୍ରାହ୍ମଣୀପାଲି ବିଟ୍ ଅନ୍ତର୍ଗତ ବଡମାଳ ଗ୍ରାମ ନିକଟରେ ଗୁରୁବାର ବନ ବିଭାଗର ଏକ ଟିମ୍ ବୌଦ୍ଧ ରେଞ୍ଜର ଅର୍ଚ୍ଚନା ଗମାଙ୍ଗଙ୍କ ନେତୃତ୍ୱରେ ଚଢାଉ କରିଥିଲା। ଏହି ସମୟରେ ୩୪ ଖଣ୍ଡ ଶାଳ ଗଣ୍ଡି ଜବତ ହୋଇଥିବାବେଳେ ୩ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ମୁତାବକ, ବଡମାଳ ଗ୍ରାମରେ ବିପୁଳ ପରିମାଣର କାଠ ଗଚ୍ଛିତ ଥିବା ନେଇ ବୌଦ୍ଧ ବନ ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ସକାଳେ ଚଢାଉ କରିଥିଲା। ସେଠାରୁ ୩୪ ଖଣ୍ଡ ଶାଳ ଗଣ୍ଡି ସମେତ ଗୋଟିଏ ଟାଙ୍ଗିଆ, କରତ ଜବତ କରାଯାଇଥିଲା। ଏଥିରେ ଆଉ କିଛି ଅଭିଯୁକ୍ତ ସମ୍ପୃକ୍ତ ଥିବା ବନ ବିଭାଗ ସନ୍ଦେହ କରୁଛି। ତେଣୁ ଅଭିଯୁକ୍ତମାନଙ୍କ ନାମ ଗୋପନ ରଖାଯାଇଥିବା ଏସିଏଫ୍ ଆଶିଷ କୁମାର କହଁର ପ୍ରକାଶ କରିଛନ୍ତି। ଚଢାଉରେ ଫରେଷ୍ଟର ପ୍ରସନ୍ନ କୁମାର ପ୍ରଧାନ, ଦୀପକ ନାୟକ, ମାଳତୀ ମାଝୀ, ପ୍ରଦୀପ ସାହୁ, ରମାକାନ୍ତ ପାଣିଗ୍ରାହୀ, ମହେଶ ମାଝି, ସୁବ୍ରତ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ପଥରକ୍ୱାରୀ ବ୍ୟବସାୟୀଙ୍କ ସମସ୍ୟା ସମାଧାନ ଦାବି

ନୂଆପଡ଼ା,୪।୧୨ (ମକାରୁ ବେମାଲ)

ନୂଆପଡ଼ା ଜିଲାର ଷ୍ଟୋନ କ୍ରଶର ଓ ପଥର କ୍ୱାରୀ ବ୍ୟବସାୟୀଙ୍କ ବିଭିନ୍ନ ସମସ୍ୟା ଉପରେ ଭାଜପା ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ଯଦୁମଣି ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। କ୍ୱାରୀ ନିଲାମ ସମୟରେ ଲିଜ୍‌ଧାରୀ କ୍ରଶର ମାଲିକଙ୍କୁ ଅଗ୍ରାଧିକାର ପ୍ରଦାନ, ଆବଶ୍ୟକ ସମସ୍ତ ଅନୁମତି ଓ ମଞ୍ଜୁରୀ ସଂଗ୍ରହ କଲା ପରେ କ୍ୱାରୀ ନିଲାମ କରିବା, କ୍ରଶର ଚାଲୁହେବା ପରେ ୩ ମାସିଆ ଅଗ୍ରିମ ରୟାଲ୍ଟି ଜମା ପାଇଁ ବ୍ୟବସ୍ଥା,ଏଗ୍ରିମେଣ୍ଟ ପାଇଁ ଆବଶ୍ୟକ ଫି ଓ ଷ୍ଟାମ୍ପ ଡ୍ୟୁଟି ଛାଡ କରିବା, ସ୍ଥାନୀୟ ବେରୋଜଗାର ଲୋକଙ୍କୁ ଅଗ୍ରାଧିକାର ଦେବା ସହ ରାଜ୍ୟ ବାହାର ବ୍ୟକ୍ତିଙ୍କୁ କ୍ୱାରୀ ଲିଜ ନ ଦେବା ପାଇଁ ବିଧିବଦ୍ଧ ନିଷ୍ପତ୍ତି ନେବା ଭଳି ୬ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପାଣିଗ୍ରାହୀ ପ୍ରଦାନ କରିଥିଲେ। ବିଭାଗୀୟ ଉଚ୍ଚ ଅଧିକାରୀ ଅନୁଧ୍ୟାନ କରିବା ପରେ ସରକାର ଉଚିତ ପଦକ୍ଷେପ ନେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ପ୍ରକାଶ।

# ପୁରୁଣାକଟକରେ ସ୍ୱାବଲମ୍ବୀ କର୍ମଶାଳା



କାର୍ଯ୍ୟକ୍ରମରେ ସାମିଲ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକ।

ହରଭଙ୍ଗା,୪।୧୨(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ୍ ପୁରୁଣାକଟକସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ସ୍ୱାବଲମ୍ବୀ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ଧନ୍ଦାମୂଳକ ଶିକ୍ଷା ଉପରେ ତାଲିମ ଦିଆଯାଇଥିଲା। ସେହିପରି ସ୍ୱାସ୍ଥ୍ୟ ସଖୀ କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ମାସିକ ରଜସ୍ରାବ ଏବଂ ସ୍ୱାସ୍ଥ୍ୟର ଯତ୍ନ କିପରି ରଖାଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା। ଅନୁଗୋଳ ଜିଲାରୁ ଆସିଥିବା ଏକ ଡାକ୍ତରୀ ଟିମ୍ ଛାତ୍ରୀମାନଙ୍କୁ ସ୍ୱାସ୍ଥ୍ୟର ଯତ୍ନ ଉପରେ ବୁଝାଇଥିଲେ। ସୂଚନାଯୋଗ୍ୟ, ଅବସରପ୍ରାପ୍ତ ସିଡିଏମ୍‌ଓ ତଥା ପୁରୁଣାକଟକ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଛାତ୍ର ଡା. ବିଚ୍ଛନ୍ଦ ପ୍ରଧାନ ଏକ ଡାକ୍ତରୀ ଟିମ୍‌କୁ ନେଇ ପ୍ରତିବର୍ଷ ଏହି ବିଦ୍ୟାଳୟରେ ଏଭଳି କର୍ମଶାଳା ଆୟୋଜନ କରିଆସୁଛନ୍ତି। କର୍ମଶାଳାରେ ଛାତ୍ରୀମାନଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ମର୍ଜାକୁଦ ଚୂଡାଖାଇ ଯାତ୍ରା ପାଳିତ

ବୌଦ୍ଧ,୪।୧୨(ଅଜିତ କୁମାର ବାରିକ)

ବୌଦ୍ଧ ସହରର ମର୍ଜାକୁଦଠାରେ ଗୁରୁବାର ଚୂଡାଖାଇ ଯାତ୍ରା ପାଳିତ ହୋଇଛି। ପୂର୍ଣ୍ଣିମା ତିଥିରେ ଏହି ଯାତ୍ରା ପାଳନ ହେଉଥିବା ବେଳେ ସମଗ୍ର ମର୍ଜାକୁଦ ଉତ୍ସବ ମୁଖର ହୋଇପଡିଥିଲା। ଏହି ଅବସରରେ ମାଁ ସତୀକନ୍ୟାଙ୍କ ପୂଜା ରୀତିନୀତି ଅନୁସାରେ କରାଯାଇଥିଲା। ମାଁ ଜଣେ କୁମାରୀ କନ୍ୟା ହୋଇଥିବାରୁ ଏଠାରେ ନଡିଆ, ଉଖୁଡା, ଖିରି, ପିଠା, ସିନ୍ଦୁର, କଜ୍ଜ୍ୱଳ ସହିତ ମାଈ କୁକୁଡା ଏବଂ ଛେଳି ଭୋଗ ଲାଗି କରାଯାଇଥିଲା। ଗ୍ରାମର ଛୋଟ ପିଲାଠାରୁ ଆରମ୍ଭ କରି ଯୁବତୀଯୁବକ ଓ ବୃଦ୍ଧାବୃଦ୍ଧ ଏକ ବିରାଟ ପଟୁଆରରେ ଗାଁ ପରିକ୍ରମା କରିଥିଲେ। ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଯାତ୍ରା ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।


ଚୂଡାଖାଇ ଯାତ୍ରାରେ ଉପସ୍ଥିତ ଶ୍ରଦ୍ଧାଳୁଗଣ।

# ଜଳିଗଲା ସାଢ଼େ ତିନି ଏକର ଜମିର ଧାନ ଖରି


ଜଳି ପୋଡ଼ି ଯାଇଥିବା ଧାନ ଖରି।

**ବୌଦ୍ଧ, ୪।୧୨(ଅଜିତ କୁମାର ବାରିକ):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ସରସରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ମହୁଲପାଲି ଗାଁ ମୁଣ୍ଡ ରାସ୍ତା କଡ଼ରେ ଗଦା ହୋଇଥିବା ସାଢ଼େ ତିନି ଏକର ଜମିର ଧାନ ଖରିରେ ଗୁରୁବାର ନିଆଁ ଲାଗି ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ବୌଦ୍ଧ ଦମକଳ ବାହିନୀ ଘଟଣାସ୍ଥଳକୁ ଆସି ନିଆଁକୁ ଆୟତ୍ତ କରିଥିଲେ। ସରସରା ରାଜସ୍ୱ ନିରୀକ୍ଷକ କ୍ଷୟକ୍ଷତିର ତଦନ୍ତ କରିଛନ୍ତି। ସୂଚନାଯୋଗ୍ୟ, ମହୁଲପାଲି ଗ୍ରାମର ନରେନ୍ଦ୍ର ପ୍ରଧାନଙ୍କ ଅଢେଇ ଏକର ଓ ଅଶ୍ୱିନୀ ପ୍ରଧାନଙ୍କ ଏକ ଏକର ଜମିରୁ ଧାନ କାଟି ରାସ୍ତା କଡ଼ରେ ଗଦା କରି ଅମଳ ପାଇଁ ହାର୍ଭେଷ୍ଟର ଅପେକ୍ଷାରେ ଥିଲେ। ତେବେ କେହି ଦୁର୍ବୃତ୍ତ ଧାନ ଖରିରେ ନିଆଁ ଲଗାଇଦେବା ଯୋଗୁ ତାହା ଜଳି ପୋଡି ନଷ୍ଟ ହୋଇଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ତୁରନ୍ତ ଦୁଇ ପରିବାରଙ୍କୁ କ୍ଷତିପୂରଣ ଦେବା ପାଇଁ ଦାବି ହେଉଛି।


**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଏମ୍‌ଇସିଏଚ୍‌ସିକେପି-୨୫-୨୬-୨୦, ତାରିଖ: ୦୩।୧୨।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ), ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଟ୍ରାକ୍ ନବୀକରଣ କାର୍ଯ୍ୟ ପାଇଁ ବିଆର୍‌ଏନ୍ (ଭାରିଆଣ୍ଟ) ୱାଗନ୍‌ଗୁଡ଼ିକୁ ସ୍ପେଶାଲ ଟିଆର୍‌ଟି ୱାଗନରେ ରୂପାନ୍ତରିତ କରିବା । **ଟେଣ୍ଡର ମୂଲ୍ୟ:** ₹୧,୮୪,୦୩,୯୨୪.୧୧ । **ବିଡ୍ ଅମାନତ:** ₹୨,୪୨,୦୦୦ । **ଟେଣ୍ଡର ଫର୍ମ ମୂଲ୍ୟ:** ଶୂନ । **ଟେଣ୍ଡର ଖୋଲାଯିବାର ସ୍ଥାନ:** ବରିଷ୍ଠ ଡିଏମ୍‌ଇ/ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୯।୧୨।୨୦୨୫ରିଖ ୧୫.୦୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ ସମୟରେ ସମସ୍ତ ସମ୍ବନ୍ଧିତ ଦସ୍ତାବିଜ ଅପ୍‌ଲୋଡ୍ କରାଯିବା ଜରୁରୀ । (PR-917)

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIG-ZONAL-BAM-520, ତା.27.11.2025ରିଖ

**କାର୍ଯ୍ୟର ନାମ :** 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ସିଗ୍ନାଲ/ବ୍ରହ୍ମପୁର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍ନାଲିଙ୍ଗ୍ ଜୋନାଲ(Zonal) କାର୍ଯ୍ୟ ।

**ଟେଣ୍ଡର ମୂଲ୍ୟ (₹):** 64,56,109.20, EMD (₹): 1,29,100.00 ।

ବିଡ୍ ଆରମ୍ଭ ହେବା ତାରିଖ : ତା.05.12.2025 ରିଖ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.19.12.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼

PR-866/Q/25-26

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A NO. 202 / 2025**

**Punjab National Bank** ....Applicant
Versus
**M/s. Baba Filling Station** ...Defendant(s)

To,
**M/s. Baba Filling Station,** At: Gopalmal, Po.: Kahtkhatia, PS.: Manamunda, Dist.: Boudh-D-1.
**Sujit Khatua,** aged about: 50 years, S/o: Chitrasen Khatua, At: Gopalmal, PO.: Khatkhatia, Dist.: Boudh, PIN-762016 D-2.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No.: 202/ 2025** in the court of the Debts of Recovery Tribunal, Cuttack for recovery of **Rs.66,12,516/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **13.02.2026 at 10:30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **27th** day of **November, 2025.**

**Sd/- Nikhila Ranjan Pati**
**REGISTRAR**

ଫର୍ମ ନଂ. ୧୩
ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍
ସି-୭୧, ସେକ୍ଟର-୭, ସିଡିଏ, କଟକ, ଓଡ଼ିଶା
ମୂଳ ଦରଖାସ୍ତ ନଂ.: ୨୦୨୫ ର ୩୫୬

କାନାରା ବ୍ୟାଙ୍କ, ଏସ୍‌ଏମ୍‌ଇ ରାଉରକେଲା, ସୁନ୍ଦରଗଡ .....ଆବେଦନକାରୀ
ବନାମ
ଶ୍ରୀ ଲଳିତ ନାରାୟଣ ପ୍ରସାଦ ......ପ୍ରତିବାଦୀ(ମାନେ)

ପ୍ରାପ୍ତେଷୁ,
**ଶ୍ରୀ ଲଳିତ ନାରାୟଣ ପ୍ରସାଦ,** ବୟସ ୪୦ ବର୍ଷ, ପିତା: ଶ୍ରୀ ଉମେଶ ପ୍ରସାଦ, ସା: କ୍ୱାଟର ନଂ.: ୨ଆର୍‌ଏ, ୧୧୪ ଓଏସ୍‌ଏପି ୪ର୍ଥ ବାଟାଲିୟନ, ସେକ୍ଟର-୨୧, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୬୯୦୧୦

**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ **ଓ.ଏ. ନଂ.: ୩୫୬/୨୦୨୫** ଦ୍ୱାରା **ଟ.୨୯,୫୨,୫୦୨.୨୬** ମାତ୍ର ଋଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଠାରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି । ତେଣୁ ଏତଦ୍‌ଦ୍ୱାରା ଉପରଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଏହି ନୋଟିସ୍ ପ୍ରକାଶନର **୩୦ଦିନ** ମଧ୍ୟରେ କିମ୍ବା **ତା.୧୧.୦୨.୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ଦ୍ୱାରା ଅବଗତ କରାଇଦିଆଯାଉଅଛି ଯେ ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ଋଣ ଅସୁଲି ପ୍ରାଧିକରଣଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ **୨୭ ନଭେମ୍ବର ୨୦୨୫**ରେ ଆଦିଷ୍ଟ।

ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର, ଋଣ ଅସୁଲି ପ୍ରାଧିକରଣ, କଟକ

**DISTRICT PROJECT OFFICE**
**SAMAGRA SHIKSHA, NUAPADA-766105**

No.3472/_/2025 Dated.03.12.2025
I-12/25-I.E

**Notice Inviting Tender**

Sealed tender under two bid systems are invited from reputed agency/suppliers/manufacturer having valid PAN, GST & IT clearance along with Udyam registration of firm etc. for supply of equipment for Saksham Resource Centre for PMSHRI Schools of Nuapada district. The detailed bid documents can be downloaded from district website i.e. www.nuapada.odisha.gov.in and OSEPA website i.e. www.osepa.odisha.gov.in. The interested and eligible agency/ suppliers/ manufacturer may download bid document from the above website and apply accordingly on or before dt. 22/12/2025 by 5:00 P.M. through regd/speed post only. The tender will be opened on the next day dt. 23/12/2025 at 11.00 A.M. at O/o the District Project Coordinator, Samagra Shiksha, Nuapada. Corrigendum/addendum, if any, will be uploaded in the above website. Hence, the potential bidders are requested go through the above websites for any updates. The authority reserves all rights to reject/modify or cancel part or whole tender without assigning any reason thereof.

Sd./- DEO-cum-DPC
Samagra Shiksha, Nuapada

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OPTCL Lifeline of Odisha
ଉପ ମହାପ୍ରବନ୍ଧକ(ବିଦ୍ୟୁତ)ଙ୍କ କାର୍ଯ୍ୟାଳୟ, ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ, ବାଲେଶ୍ୱର

**ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଓଡ଼ିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ ଦ୍ୱାରା ୧୩୨ କେ.ଭି. ଲାଇନ୍, ୧୩୨/୩୩ କେ.ଭି. ଗ୍ରୀଡ୍ ସବଷ୍ଟେସନ ଆନନ୍ଦପୁର ଠାରୁ ୨୨୦/୧୩୨/୩୩ କେ.ଭି. ଗ୍ରୀଡ୍ ସବଷ୍ଟେସନ, ଭଦ୍ରକ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଅଛି । ଏହି ଲାଇନ୍‌ଟି ସୁଦସୁଦିଆ, ଟୁକୁନା ଶାସନ, ବଣିକା, ହାତୀବନ୍ଧ, ଗୁହାଳିଆ, ପଞ୍ଚୁପଲ୍ଲୀ, ଫକୀରପୁର, ସଙ୍ଗିଦୋଭା, ବଂଛୋ, ଶିବନାରାୟଣପୁର, ଶାସଙ୍ଗ, ଅଦାଘୁରିଆ, ଶିଳଣା, ଢାଙ୍କୁରୀ, ବଡରମ୍ପାସ, ନନ୍ଦୀପଦା, ଖେତୁଆଳି, ଓରାଳି, ଅଁର, କୁମ୍ଭକରାଳ, ଖଜୁରୀଗଡିଆ, ପଧାନପଡା, ଘରପଡା, ଟିଲୋ, ପରିଆବଡା, ତୀରକଣା, ଗୋହିରାପଦି, ପଳସା, ଆଲମଙ୍ଗା, କନ୍ତିଆ, ହାସିନପୁର, ରାମକୃଷ୍ଣପୁର, ବାଲୋ, କୁଣ୍ଡଳା, ବରପଦା, ଅମରଗଡିଆ, ବିରିପଡା, ଗେଲପୁର, ବରଡାଡିହି, ସାମରାଇପୁର ଇତ୍ୟାଦି ଗ୍ରାମ ପାର୍ଶ୍ୱ ଦେଇ ଅତିକ୍ରମ କରୁଅଛି । ଉକ୍ତ ଲାଇନ୍‌ରେ ଆସନ୍ତା ତା. ୦୫.୧୨.୨୦୨୫ ରିଖ ଠାରୁ ଯେକୌଣସି ସମୟରେ ବିଦ୍ୟୁତ୍ ସଂଯୋଗ କରାଯାଇ ବିଦ୍ୟୁତ ପ୍ରବାହ କରାଯିବ ।

ନୂଆପଡ଼ା ଜିଲା ଖଡ଼ିଆଳ ଆର୍‌ଡବ୍ଲ୍ୟୁଏସ୍‌ଏସ୍ କାର୍ଯ୍ୟାଳୟ ପଛପଟେ ଖଡ଼ିଆଳ ବରିଷ୍ଠ ନାଗରିକ ସଂଘର ନବନିର୍ମିତ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି, ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ, ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଖଡ଼ିଆଳ ଏନ୍‌ଏସି ଅଧକ୍ଷ ଉଜ୍ଜ୍ୱଳ ଗୁପ୍ତା, ବିଡିଓ ମିଳନ କୁମାର ଝାଙ୍କର, ତହସିଲଦାର ନରସିଂହ ଗଡ଼ବା, ଏନ୍‌ଏସି ଇଓ ସ୍ୱାଧୀନ କେତନ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସୂଚନାଯୋଗ୍ୟ, ପୂର୍ବ ସରକାର ସମୟରେ ମୁଖ୍ୟମନ୍ତ୍ରୀ ପାଣ୍ଠିରୁ ପ୍ରଦାନ କରାଯାଇଥିବା ୫ ଲକ୍ଷ ଟଙ୍କା ବ୍ୟୟରେ ଏହି ଗୃହ ନିର୍ମାଣ ହୋଇଛି। ବରିଷ୍ଠ ନାଗରିକ ସଂଘ ସଭାପତି ରାମେଶ୍ୱର ଅଗ୍ରୱାଲ, କୋଷାଧକ୍ଷ ପ୍ରମୋଦ କୁମାର ଦଣ୍ଡସେନା, ବରିଷ୍ଠ ସଦସ୍ୟ ମେଜର ଡ. ରାମ ଚନ୍ଦ୍ର ମିଶ୍ର, ଡ. ଫଣିନ୍ଦମ ସିଂଦେଓ, ପୂର୍ବତନ ଖଡ଼ିଆଳ ଏନ୍‌ଏସି ଚେୟାରମ୍ୟାନ ନିମାଇଁ ଚରଣ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟ ପରିସରରୁ ସୋଲାର ଲାଇଟ ଚୋରି

**ପଲମ, ୪।୧୨ (ଭିକାରି ଗଉଡ଼):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ଗାଡ଼େବନ୍ଧ ପଞ୍ଚାୟତର ଗୁଣପୁର ପ୍ରାଥମିକ ବିଦ୍ୟାଳୟ ଓ ରାଣିପଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରୁ ବୁଧବାର ରାତିରେ ସୋଲାର ଲାଇଟ ଚୋରି ହୋଇଥିବା ନେଇ ପ୍ରଧାନ ଶିକ୍ଷକ ନର୍ଲା ଥାନାରେ ଅଭିଯୋଗ କରିଛନ୍ତି। ଦୁଇ ବିଦ୍ୟାଳୟ ଗେଟ୍‌ରେ ତାଲା ପଡିଥିବାବେଳେ ଦୁର୍ବୃତ୍ତମାନେ ପାଚେରି ଡେଇଁ ଗୁଣପୁର ପ୍ରାଥମିକ ବିଦ୍ୟାଳୟରୁ ଗୋଟିଏ ଓ ରାଣିପଟା ବିଦ୍ୟାଳୟରୁ ଦୁଇଗୋଟି ସୋଲାର ଲାଇଟ ଚୋରିକରି ନେଇଛନ୍ତି। ଅଞ୍ଚଳରେ ଅସାମାଜିକ ବ୍ୟକ୍ତିଙ୍କ ପ୍ରାଦୁର୍ଭାବ ବଢୁଥିବାରୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହେଉଛି। ଏଣୁ ରାତିରେ ପୋଲିସ ପାଟ୍ରୋଲିଂ କରିବା ପାଇଁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

## ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ

**କର୍ଲାମୁଣ୍ଡା,୪।୧୨(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ବୁଧବାର ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାକୁ ଖେଳ ଶିକ୍ଷକ ପଦ୍ମନାଭ ବନଛୋର, ଥବିର ଭୋଇ, ସହ ଶିକ୍ଷକ ପପୁ କୁମାର, ପ୍ରଜ୍ଞା ପାରମିତା ପାସା, ହେମକାନ୍ତ ନାଏକ ଓ ସୁନୀତା ପାତ୍ର ପରିଚାଳନା କରିଥିଲେ। ପୁରସ୍କାର ବିତରଣ ସଭାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋପାମଣି ସାହୁ, କର୍ଲାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ମିଶ୍ର, ରତନ ଭୋଇ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ ଓ ନୋଡାଲ ସିଆର୍‌ସିସି ପ୍ରସନ୍ନ କୁମାର ସାହୁ ଉପସ୍ଥିତ ରହି ଦିବ୍ୟାଙ୍ଗ ଛାତ୍ରୀଛାତ୍ର କିଭଳି ମୁଖ୍ୟସ୍ରୋତରେ ସାମିଲ ହେବେ ସେ ଉପରେ ଦିଗ୍‌ଦର୍ଶନ ଦେଇଥିଲେ।

# ପଥପ୍ରାନ୍ତ ସୁବିଧାକେନ୍ଦ୍ର ପୁନରୁଦ୍ଧାର ଦାବି

**ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର**

**ଭବାନୀପାଟଣା, ୪।୧୨(ଉତ୍ତମ କୁମାର ଦାଶ)**

ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଦ୍ୱାରା ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିଲା ପଥପ୍ରାନ୍ତ ସୁବିଧା କେନ୍ଦ୍ର। କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକର ଚଞ୍ଚରାଭା, କୋକସରା ବ୍ଲକର ଆମପାଣି, ଏମ୍ ରାମପୁର ବ୍ଲକ ଉର୍ଲାଦାନୀ ନିକଟ ରଙ୍ଗାପଦର ଓ ଭବାନୀପାଟଣା ସଦର ବ୍ଲକ ବୋର୍ଡାଠାରେ ୬ ବର୍ଷ ତଳେ ଏସବୁ ଉଦ୍‌ଘାଟିତ ହୋଇଥିଲା। ଜିଲା ବାହାର ତଥା ରାଜ୍ୟ ବାହାରୁ ଆସୁଥିବା ଯାତ୍ରୀ ଓ ପର୍ଯ୍ୟଟକଙ୍କ ପାଇଁ ଏହି ସୁବିଧା କେନ୍ଦ୍ର ଏକପ୍ରକାର ଆଶ୍ରୟସ୍ଥଳୀ ଥିଲା। ଏଠାରେ ଶୌଚାଳୟ, ପିଇବା ପାଣି, ପାର୍କିଂ ବ୍ୟବସ୍ଥା ଭଳି ସୁବିଧା ଥିଲା। ପୂର୍ତ୍ତ ବିଭାଗ ଦ୍ୱାରା ପ୍ରଟର୍ଟି ସଲ୍ୟୁଶନ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ଼ ଏହାର ପରିଚାଳନା ଦାୟିତ୍ୱ ନେଇଥିଲା। ଏହି କେନ୍ଦ୍ରଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ପ୍ରଥମେ ୧୩ ଜଣ ଓ ପରେ ଏହାକୁ କମାଇ ୬ ଜଣ ଲେଖାଏ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଥିଲା। ସେମାନେ ଯାତ୍ରୀ ଓ ପର୍ଯ୍ୟଟକଙ୍କୁ ବିଭିନ୍ନ ସେବା ପ୍ରଦାନ କରୁଥିଲେ। କିନ୍ତୁ ୨୦୨୪ ଜୁନ ୩୧ରୁ ଏହି ସଂସ୍ଥାର ଟେଣ୍ଡର ଅବଧି ଶେଷ ହେବା ପରେ ସେଦିନଠାରୁ ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ରଗୁଡ଼ିକରେ ତାଲା ଝୁଲୁଛି। ଏବେ ପ୍ରାୟ ଦେଢ଼ବର୍ଷ ପରେ ଏହି ଚାରୋଟି ପଥପ୍ରାନ୍ତ ସୁବିଧା କେନ୍ଦ୍ର ଲଟାବୁଦାରେ ଭର୍ତ୍ତି ହୋଇ ଭୁତକୋଠି ପାଲଟିଛି। ଏହିସବୁ ପଥପ୍ରାନ୍ତ ସୁବିଧା କେନ୍ଦ୍ରର ପୁନଃରୁଦ୍ଧାର ସହିତ ପୂର୍ବପରି ଯାତ୍ରୀ ଓ ପର୍ଯ୍ୟଟକଙ୍କୁ ଉପଲବ୍ଧ ସୁବିଧା ପ୍ରଦାନ ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି ସାମାଜିକ କର୍ମୀ ସୁଶୀଲ କୁମାର ବାଗ। ସେ ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କୁ ଚିଠି ଲେଖି ଏ ସମ୍ପର୍କରେ ଦାବି କରିଛନ୍ତି। ଗୁରୁବାର କଳାହାଣ୍ଡି ଜିଲାପାଳ ସଚିନ ପାୱାର ପ୍ରକାଶଙ୍କ ଜରିଆରେ ସେ ଏହି ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି।

## କୁଲିଆବନ୍ଧା ବିଦ୍ୟାଳୟରେ ବିଜ୍ଞାନ ମେଳା

**ନୂଆପଡ଼ା,୪।୧୨ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁଲିଆବନ୍ଧାଠାରେ ଗୁରୁବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମୀର କୁମାର ବେହେରାଙ୍କ ଅଧକ୍ଷତାରେ ସାମାଜିକ କର୍ମୀ ତଥା ପୂର୍ବତନ ସରପଞ୍ଚ ହିରାଲାଲ ପଟେଲ, ସାମାଜିକ କର୍ମୀ ଲୋହିତ ଶବର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସେବକ ରାମ ପଟେଲ ପ୍ରମୁଖ ଅତିଥି ଭାବରେ ଯୋଗଦେଇ କୁନି ବୈଜ୍ଞାନିକମାନେ ହିଁ ଆସନ୍ତାକାଲିର ଭବିଷ୍ୟତ ବୋଲି କହିଥିଲେ। ଧନୋରା ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବ୍ୟାସଦେବ ସାହୁ ବିଚାରକ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ନାନ୍ତା ମାଝୀ, ପଦନ କୁମାର ସିଂହ, ହୃଷୀକେଶ ସାହୁ, ମନୋଜ କୁମାର ବରିହା, ପବିତ୍ର କୁମାର ଦେଓ ପ୍ରକଳ୍ପ ପ୍ରସ୍ତୁତ କରିବାରେ ଛାତ୍ରୀଛାତ୍ରଙ୍କୁ ସାହାଯ୍ୟ କରିଥିଲେ । ଶେଷରେ ରବି ଶଙ୍କର ଭୋଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଫୁଟ୍‌ବଲ ମହାକୁମ୍ଭ ଉଦ୍‌ଯାପିତ: ଖଡ଼ିଆଳ ୨-୦ରେ ବିଜୟୀ

**ଖଡ଼ିଆଳ,୪।୧୨ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ଫୁଟ୍‌ବଲ ମହାକୁମ୍ଭ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଖଡ଼ିଆଳ ଓ ଭୋଜପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଖଡ଼ିଆଳ ୨-୦ରେ ବିଜୟୀ ହୋଇ ଟ୍ରଫି ଗ୍ରହଣ କରିଛି। ବିଜୟୀ ଦଳକୁ ୫୦ ହଜାର ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ରନର୍ସ ଅପ ଭୋଜପୁର୍‌କୁ ୩୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ଖେଳରେ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ, ନୂଆପଡ଼ା ଏସ୍‌ପି ଆମ୍ରିତପାଲ ସିଂ, ଟେରିଟୋରିଆଲ ଡିଏଫ୍‌ଓ ଅଜିଜ ଖାନ, ଖଡ଼ିଆଳ ପଞ୍ଚାୟତ ସମିତି ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଖଡ଼ିଆଳ ଏନ୍‌ଏସି ଚେୟାରମ୍ୟାନ ଉଜ୍ଜ୍ୱଳ ଗୁପ୍ତା, ଫୁଟ୍‌ବଲ ଆସୋସିଏଶନ ନୂଆପଡା ଜିଲା ସଭାପତି ପ୍ରକାଶ ସାହୁ, ଜିଲା ସମ୍ପାଦକ ସରୋଜ କୁମାର ସାହୁ, ସିନାପାଲି ପଞ୍ଚାୟତ ସମିତି ଅଧକ୍ଷା ମାଧୁରୀ ମାଝୀ ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରେଫରି ଭାବେ ସଞ୍ଜନ କୁଡେଇ, ଛବି ନାଏକ, ମନୋରଞ୍ଜନ ମାଝୀ, ସୁବାସ କୁଲୁ, ବଳରାମ ସରାଫ, ସୌରଭ ପଣ୍ଡା, ତାପସ ପତି, ଅମୂଲ୍ୟ ବାରିକ, ପୁରନ୍ଦର କରୁଆଁ, ଅନନ୍ତ ବେମାଲ, ଦେବାନ୍ତ ପ୍ରଧାନ ଖେଳ ପରିଚାଳନା କରିଥିଲେ। ପ୍ରକାଶଚନ୍ଦ୍ର ପାତ୍ର, ଧନଞ୍ଜୟ ମଲ୍ଲିକ, ଭୀମରାଜ ତାଣ୍ଡି, ଜଗଦୀଶ ନାଗ, ବିପିନ ବିଶି ଧାରା ବିବରଣୀ ପ୍ରଦାନ କରିଥିଲେ।

# ହସ୍ତଶିଳ୍ପର ଚାହିଦା ବିଶ୍ୱ ଦରବାରରେ ପହଞ୍ଚାଇବା ଆବଶ୍ୟକ

**ଦେଶୀ ବସ୍ତ୍ରର ପୁନରୁଦ୍ଧାର ଉପରେ ଆଲୋଚନା ଚକ୍ର**




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିଗଣ।

**ଭବାନୀପାଟଣା, ୪।୧୨ (ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟରେ ଗୁରୁବାର ଆତ୍ମନିର୍ଭର ଭାରତ କାର୍ଯ୍ୟରେ ସ୍ୱଦେଶୀ ପଣ୍ୟର ପ୍ରଚାର ଓ ହାବସପୁରୀ ହସ୍ତତନ୍ତକୁ ଗୁରୁତ୍ୱ ଦେଇ ଦେଶୀ ବସ୍ତ୍ରର ପୁନରୁଦ୍ଧାର ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ଡ. ତ୍ରିଲୋଚନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଆନ୍ତର୍ଜାତୀୟ ଫ୍ୟାଶନ ଡିଜାଇନର ସୁଜିତ କୁମାର ମେହେର ଯୋଗଦେଇ ହସ୍ତତନ୍ତର ଗୁରୁତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ହାବସପୁରୀ ହସ୍ତତନ୍ତର ନାମକରଣ, ଚାହିଦା ଓ ହସ୍ତତନ୍ତ ପ୍ରତି ପ୍ରତିଟି ମନୁଷ୍ୟର ଭାବପ୍ରବଣତା ଉପରେ ଶିକ୍ଷଣୀୟ ମତାମତ ଦେଇଥିଲେ। ସେହିପରି ଅନ୍ତର୍ଜାତୀୟ ସ୍ତରରେ ହସ୍ତଶିଳ୍ପର ଚାହିଦା ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ପ୍ରତିଟି ହସ୍ତଶିଳ୍ପୀ ଜୀବନର ମୁଖ୍ୟ ବ୍ରତ ହେବା ଆବଶ୍ୟକ ବୋଲି କହିଥିଲେ। ଆତ୍ମନିର୍ଭର ଭାରତ ନୋଡାଲ ଅଫିସର ଡ. ରାଧାରାଣୀ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଶାସନିକ ଅଧିକାରୀ ଧିରେଶ ଚନ୍ଦ୍ର ନନ୍ଦ ହସ୍ତତନ୍ତର ପ୍ରଶଂସା କରିବା ସହିତ ଏହାର ବ୍ୟବହାରକୁ ସର୍ବଜନ ବିଦିତ କରିବାକୁ ମତବ୍ୟକ୍ତ କରିଥିଲେ। ଅଧକ୍ଷ ଡ. ତ୍ରିଲୋଚନ ଜେନା ହସ୍ତତନ୍ତର ଇତିହାସ ଓ ବର୍ତ୍ତମାନ ଆତ୍ମନିର୍ଭରଶୀଳ ଭାରତ ଲକ୍ଷ୍ୟ ପାଇଁ ଏହାର ଭୂମିକା ବିଷୟରେ ମତ ରଖିଥିଲେ। ସ୍ନାତକ ତୃତୀୟ ବର୍ଷର ଛାତ୍ରୀ ସୌମ୍ୟା ସୁସ୍ମିତା ଭୋଇ ଧନ୍ୟବାଦ ଦେଇଥିଲେ। ପରିଶେଷରେ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱଦେଶୀ ବସ୍ତ୍ରର ଏକ ଫ୍ୟାଶନ ଶୋ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ର ହସ୍ତତନ୍ତର ଗୁରୁତ୍ୱକୁ ଉପଲବ୍ଧି କରାଇବା ସହ ସମସ୍ତ କର୍ମଚାରୀ ଓ ଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲା।

**ସଂକ୍ଷେପରେ**



## ବରଗଡ଼ ଧନୁଯାତ୍ରା: ଗୋପପୁର କଳାକାରଙ୍କ ପୂର୍ବାଭ୍ୟାସ ଆରମ୍ଭ

**ବରଗଡ଼, ୪।୧୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଧନୁଯାତ୍ରା ମହୋତ୍ସବ ଚଳିତ ଡିସେମ୍ବର ମାସ ୨୪ ରୁ ଆରମ୍ଭ ହେବ। ଏହି ମହୋତ୍ସବ ୨୦୨୬ ଜାନୁଆରୀ ୩ ପର୍ଯ୍ୟନ୍ତ ୧୧ଦିନ ଧରି ଚାଲିବ। ଏଥିପାଇଁ ପୂର୍ବରୁ ମଥୁରା ନଗରୀ କଳାକାରଙ୍କ ପୂର୍ବାଭ୍ୟାସ ଗତ ୨ ରୁ ଆରମ୍ଭ ହୋଇଥିବାବେଳେ ଗୁରୁବାର ସନ୍ଧ୍ୟାରୁ ଗୋପପୁର କଳାକାରମାନେ ପୂର୍ବାଭ୍ୟାସ ଆରମ୍ଭ କରିଛନ୍ତି। ସ୍ଥାନୀୟ ସମଲେଶ୍ୱରୀ ବାଳକ ଉଚ୍ଚ ବିଦ୍ୟାଳୟରେ କଳାକାରମାନେ ପୂର୍ବାଭ୍ୟାସ କରୁଛନ୍ତି। ଏଥିରେ ଶ୍ରୀକୃଷ୍ଣ, ବଳରାମ, ଶ୍ରୀରାଧାଙ୍କ ସମେତ ସମସ୍ତ ଗୋପପୁର କଳାକାର ସାମିଲ ଥିଲେ। ଗୋପପୁର କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ।

## ଦୁର୍ଘଟଣାଗ୍ରସ୍ତ ସ୍କୁଟିରୁ ବାହାରିଲା କଫ୍ ସିରପ

**ବରଗଡ଼,୪।୧୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲାରେ କଫ୍ ସିରପ କାରବାର ସାଧାରଣରେ ପରିଣତ ହୋଇଛି। ତେବେ ଗୁରୁବାର ସହର ଉପକଣ୍ଠ ବରାହଗୋଡା କେନାଲ ଛକ ନିକଟରେ ଏକ ଦୁର୍ଘଟଣାଗ୍ରସ୍ତ ସ୍କୁଟିରୁ ବିପୁଳ ପରିମାଣରେ କଫ ସିରପ ବାହାରିବା ଚର୍ଚ୍ଚାର ବିଷୟ ହୋଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ଦୁର୍ଘଟଣାଗ୍ରସ୍ତ ସ୍କୁଟିରେ କଫ ସିରପ ଚାଲାଣ ହେଉଥିବା ସ୍ପଷ୍ଟ ହୋଇଛି। ବରଗଡ଼ ଗ୍ରାମାଞ୍ଚଳ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ଜବତ କରି ଅଧିକ ତଦନ୍ତ କରୁଛି। ସ୍କୁଟି କାହାର ତାହା ଜଣାପଡ଼ିନାହିଁ।

## କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ଅତାବିରା, ୪।୧୨(ଯୁଧିଷ୍ଠିର ମହାପାତ୍ର):** ବରଗଡ଼ ଜିଲା ଅତାବିରା କଲେଜର ବାର୍ଷିକ କ୍ରୀଡା ଉତ୍ସବ ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ୨ଦିନ ଧରି ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅଶ୍ୱିନୀ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ସମଲେଶ୍ୱରୀ ମନ୍ଦିରରୁ ମଶାଲ ଆଣି ଆନୁଷ୍ଠାନିକ ଭାବେ କ୍ରୀଡା ଉତ୍ସବର ଶୁଭାରମ୍ଭ ହୋଇଥିଲା। ଏଥିରେ କଲେଜର ଅନ୍ୟୁନ ୨ଶହ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସମୁଦାୟ ୩୬ଟି ଇଭେଣ୍ଟକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଉପଦେଷ୍ଟା ଅଧ୍ୟାପକ ଦିଲ୍ଲୀପ କୁମାର ବହିଦାର ବାର୍ଷିକ କ୍ରୀଡା ବିବରଣୀ ପ୍ରଦାନ କରିଥିଲେ। ଉତ୍ସବରେ ଏବିଡ଼ିଓ ଗିରୀନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବାଳକ ଜୁନିୟର ବିଭାଗରେ ସ୍ୱରୂପ କୁମାର ପ୍ରଧାନ ଓ ସିନିୟର ବିଭାଗରେ ଯାଦୁ ଯାଦବ ଚାମ୍ପିୟନ ହୋଇଥିଲେ। ବାଳିକା ଜୁନିୟର ବିଭାଗରେ ନିହାରୀକା ବଡ଼େଇ ଓ ସିନିୟର ବିଭାଗରେ ଜୟନ୍ତୀ ପାତ୍ର ଚାମ୍ପିୟନ ହୋଇଛନ୍ତି। ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଖେଳ ଶିକ୍ଷକ ଲବ ସାହୁ, ଶୁଭ୍ରାଂଶୁ ଶେଖର ସାହୁ, ରବି ନାରାୟଣ ପଧାନ, ଶୁଭକାନ୍ତ ମେହେର ପ୍ରମୁଖ କ୍ରୀଡା ପରିଚାଳନା କରିଥିଲେ ।

## ଧର୍ମପରାୟଣା ମହିଳାଙ୍କ ପରଲୋକ

**ପାଇକମାଳ, ୪।୧୨(ବଡ ଶତପଥୀ):** ବରଗଡ଼ ଜିଲା ପାଇକମାଳ ନିବାସୀ ତଥା ଅବସରପ୍ରାପ୍ତ ଫାର୍ମାସିଷ୍ଟ ଅକ୍ଷୟ ବେହେରାଙ୍କ ପତ୍ନୀ ପୁଷ୍ପାରାଣୀ ବେହେରା (୬୯)ଙ୍କ ଗୁରୁବାର ସକାଳେ ୭ଟାରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ପୁଷ୍ପାରାଣୀ ସ୍ୱାମୀ, ପୁଅ, ପୁତ୍ରବଧୂ, ଝିଅ ଜ୍ୱାଇଁ ତଥା ତଥା ନାତିନାତୁଣୀଙ୍କୁ ଛାଡ଼ି ଚାଲିଯାଇଛନ୍ତି। ଶୋକସନ୍ତପ୍ତ ପରିବାରକୁ ପାଇକମାଳ ସାଇ ସଭାପତି ସୁରଥ ସାହୁ, ସମ୍ପାଦକ ସୁଶାନ୍ତ ସାହୁ, ପୂର୍ବତନ ସଭାପତି ପ୍ରଫୁଲ୍ଲ ସାହୁ, ଯୁବାମଞ୍ଚ ମହାସଭା ସଭାପତି ଲିଙ୍ଗରାଜ ସାହୁ, ଓମପ୍ରକାଶ ମେହେର, ପାଇକମାଳ ଫାର୍ମାସିଷ୍ଟ ଚିତ୍ତରଞ୍ଜନ ଦାସ, ଡା.ଶିବପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ରହି ସାନ୍ତ୍ୱନା ଦେଇଥିଲେ। ରାତିରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ ସମ୍ପନ୍ନ କରାଯାଇଛି। ପୁଅ ମୁକୁନ୍ଦ ବେହେରା ମୁଖାଗ୍ନି ଦେଇଛନ୍ତି।

# ମିଳିଲା ଟୋକନ: ଖୋଲିଲା ତାଲା

**ଆନ୍ଦୋଳନରୁ ଓହରିଲେ ଚାଷୀ**

**ଅତାବିରା, ୪।୧୨(ଯୁଧିଷ୍ଠିର ମହାପାତ୍ର)**



ଝିଲିମିଣ୍ଡା ପ୍ୟାକ୍ସରେ ବନ୍ଦ ପଡ଼ିଥିବା ତାଲା ଖୋଲାଯାଉଛି।

ବରଗଡ଼ ଜିଲା ଅତାବିରା ବ୍ଲକ ଅଞ୍ଚଳରେ ଆନ୍ଦୋଳନ ଚଳାଇଥିବା ଚାଷୀମାନେ ଗୁରୁବାର ଆନ୍ଦୋଳନରୁ ଓହରିଛନ୍ତି। ବ୍ଲକର ଝିଲିମିଣ୍ଡା ମଣ୍ଡିରେ ତାଲା ଖୋଲାଯାଇଛି। ବରଗଡ଼ ଜିଲାରେ ୫ହଜାରରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣରୁ ବାଦ ପଡିଥିଲେ। ସେଥିମଧ୍ୟରୁ ଅତାବିରା ବ୍ଲକ ଅଞ୍ଚଳର ୫ଶହରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣରୁ ବାଦ ପଡ଼ିଥିଲେ। ପଞ୍ଜୀକରଣ ଦାବିରେ ଗତ ଅଗଷ୍ଟ ମାସରୁ ଚାଷୀମାନେ ଝିଲିମିଣ୍ଡା ପ୍ୟାକ୍ସ ଅଫିସରେ ତାଲା ପକାଇ ଆନ୍ଦୋଳନ ଜାରି ରଖିଥିଲେ। ତେବେ ସରକାର ବାଦ ପଡ଼ିଥିବା ଚାଷୀଙ୍କୁ ପଞ୍ଜୀକରଣ କରି ଖରିଫ ଧାନ କିଣାବିକାରେ ସାମିଲ କରିବା ପାଇଁ ବୁଧବାର ଟୋକନ ପ୍ରଦାନ କରିଛନ୍ତି। ଫଳରେ ଚାଷୀ ଆଶ୍ୱସ୍ତି ଲାଭ କରି ଜାରି ରଖିଥିବା ଆନ୍ଦୋଳନରୁ ଓହରିଛନ୍ତି। ଗୁରୁବାର ମଧ୍ୟାହ୍ନରେ ସ୍ଥାନୀୟ ଚାଷୀ ଏବଂ ଜିଲା ପ୍ରଶାସନ ମଧ୍ୟରେ ଦୀର୍ଘ ସମୟ ଆଲୋଚନା ହୋଇଥିଲା। ଆଲୋଚନାରେ ଆଗକୁ ଚାଷୀଙ୍କ ବିଭିନ୍ନ ସମସ୍ୟା କିଭଳି ଦୂର ହେବ, ସେନେଇ ଅନେକ ପ୍ରସ୍ତାବ ଗୃହୀତ ହୋଇଛି। ଫଳରେ ପତ୍ରାପାଲିଠାରେ ଥିବା ଝିଲିମିଣ୍ଡା ପ୍ୟାକ୍ସ ଅଫିସରେ ଚାଷୀ ପକାଇଥିବା ତାଲା ଖୋଲାଯାଇଛି। ବରଗଡ଼ ଉପଜିଲାପାଳ ତଥା ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ପ୍ରସନ୍ନ କୁମାର ପାଣ୍ଡେ ଏବଂ ବରଗଡ଼ ସମବାୟ ଉପନିବନ୍ଧକ (ଡିଆର୍‌ସିଏସ୍) ଯୁଗଳ କିଶୋର ଦାଶ ତାଲା ଖୋଲିବା ସମୟରେ ଉପସ୍ଥିତ ରହିବା ସହ ଚାଷୀଙ୍କ ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବନ୍ଦ ତାଲା ଖୋଲିବା ପରେ ଚାଷୀ ପ୍ରତିକ୍ରିୟା ରଖିଛନ୍ତି। ସେମାନଙ୍କ ଆନ୍ଦୋଳନକୁ ଆଖିଆଗରେ ରଖି ସରକାର ସେମାନଙ୍କୁ ପଞ୍ଜୀକରଣ କରିଥିବାରୁ ସ୍ଥାନୀୟ ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କ ସମେତ ରାଜ୍ୟ ସରକାରଙ୍କୁ ଚାଷୀମାନେ ଧନ୍ୟବାଦ ଜଣାଇଥିଲେ। ଏହି ବୈଠକରେ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ବରଗଡ଼ ସମବାୟ ଉପନିବନ୍ଧକ ଯୁଗଳ କିଶୋର ଦାଶ, ଅତିରିକ୍ତ ସମବାୟ ଉପ ନିବନ୍ଧକ ବ୍ୟୋମକେଶ ମାଝୀ, ଅତାବିରା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଅଙ୍କିତ ପଣ୍ଡା, ଝିଲିମିଣ୍ଡା ପ୍ୟାକ୍ସ ସଭାପତି ହରେକୃଷ୍ଣ ପ୍ରଧାନ, ପତ୍ରାପାଲି ମଣ୍ଡି ଇନଚାର୍ଜ ସୁଦାମ ପାଣିଗ୍ରାହୀ, ପ୍ୟାକ୍ସ ସମ୍ପାଦକ ସୁବାସ ପ୍ରଧାନଙ୍କ ସମେତ ଚାଷୀ ସଙ୍ଗଠନ ସଭାପତି ବୀରେନ୍ଦ୍ର କରଙ୍କ ସମେତ ଅଞ୍ଚଳର ବହୁ ଚାଷୀ ଅଂଶଗ୍ରହଣ କରିଥିଲେ।

## ଧାନକିଣା ବାଟବଣା: ଟୋକନ ଟେନ୍‌ସନରେ ଚାଷୀ

**ପଦ୍ମପୁର, ୪।୧୨(ପ୍ରଦୀପ୍ତ ଦାଶ)**

- ଅଧିକାଂଶ ମଣ୍ଡି ଖାଁଖାଁ
- ୫୪ହଜାର ପେକେଟରୁ ମାତ୍ର ୨୮୦ ପ୍ୟାକେଟ ବିକ୍ରି ହୋଇଛି

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ ମଣ୍ଡି ଖୋଲିବାର ସପ୍ତାହେ ବିତିଯାଇଛି, ମାତ୍ର ଚାଷୀଙ୍କ ପାଖରେ ଟୋକନ ପହଞ୍ଚି ପାରି ନ ଥିବାରୁ ଉପଖଣ୍ଡର ୯୨ମଣ୍ଡିରୁ ୫୪ମଣ୍ଡିରେ ଏପର୍ଯ୍ୟନ୍ତ ଧାନ ବସ୍ତାଏ ବି ପଡିନାହିଁ। ଅପରପକ୍ଷରେ ପଦ୍ମପୁର ଅଞ୍ଚଳର ମିଲର୍‌ସମାନେ ଏ ପର୍ଯ୍ୟନ୍ତ ସରକାରଙ୍କ ପାଖରେ ଚୁକ୍ତିନାମା କରି ନ ଥିବା ଜଣାପଡିଛି। ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି)ର ସୂଚନାରୁ ପ୍ରକାଶ, ଉପଖଣ୍ଡର ୩୮ମଣ୍ଡିରେ ୫୩ ହଜାର ୫୪୩ ପେକେଟ ଧାନ ପଡିଛି। ସେଥିମଧ୍ୟରୁ କେବଳ ସୋହେଲା ବ୍ଲକ ସରକଣ୍ଡା ମଣ୍ଡିରୁ ୩ ଜଣ ଚାଷୀଙ୍କ ୨୮୦ପେକେଟ ଧାନ ବିକ୍ରି ହୋଇଥିବା ଆର୍‌ଏମ୍‌ସି ସମ୍ପାଦକ ରବିନାରାୟଣ ପଣ୍ଡା ସୂଚନା ଦେଇଛନ୍ତି। ଅପରପକ୍ଷରେ ବର୍ତ୍ତମାନ ଟୋକନ ଟେନସନ ଯୋଗୁ ଚାଷୀ ଅସନ୍ତୋଷ ସୃଷ୍ଟି ହୋଇଛି। ବର୍ତ୍ତମାନ ସୁଦ୍ଧା ୯୫ ପ୍ରତିଶତ ଚାଷୀଙ୍କ ପାଖକୁ ଟୋକନ ଆସିନାହିଁ। ସେମାନେ ବାରମ୍ବାର ପ୍ରାଥମିକ କୃଷି ସମବାୟ କେନ୍ଦ୍ରକୁ ଦୌଡୁଛନ୍ତି। ମାତ୍ର ଏ ସମ୍ପର୍କରେ ସେମାନଙ୍କ ପାଖରେ ତଥ୍ୟ ନ ଥିବା ଉତ୍ତର ମିଳୁଛି। ସରକାରଙ୍କ ପ୍ରଦତ୍ତ କୃଷି ସହାୟକ ପୋର୍ଟାଲର ହେଲ୍ପ ଲାଇନ ନମ୍ବରକୁ କଲ କଲେ ମଧ୍ୟ ତଥ୍ୟ ମିଳୁ ନ ଥିବା ଚାଷୀମାନେ କହିଛନ୍ତି। ଚାଷୀମାନେ ବାଧ ହୋଇ ସେମାନଙ୍କ ଧାନକୁ ରାସ୍ତା କଡରେ କ୍ଷେତରେ ଗଦାକରି ରଖି ଟୋକନକୁ ଚାହିଁ ରହିଛନ୍ତି।

## ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭସ୍ତମ୍ଭ ସ୍ଥାପନ



ସରଣ୍ଡାରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭସ୍ତମ୍ଭ ସ୍ଥାପନ ଓ ପୂଜାର୍ଚ୍ଚନା କରାଯାଉଛି।

**ଅତାବିରା, ୪।୧୨(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ସରଣ୍ଡାସ୍ଥିତ ଅଷ୍ଟଶମ୍ଭୁ ଶୈବପୀଠରେ ନିର୍ମାଣ କରାଯାଇଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଇଁ ଗୁରୁବାର ସନ୍ଧ୍ୟାରେ ଶୁଭସ୍ତମ୍ଭ ସ୍ଥାପିତ ହୋଇଯାଇଛି। ଏଥିପାଇଁ ବିଶ୍ୱେଶ୍ୱର ଶୈବପୀଠ ପ୍ରାଙ୍ଗଣରେ ହେବାକୁ ଥିବା ଯଜ୍ଞ ମଣ୍ଡପରେ ପୂଜା ଅର୍ଚ୍ଚନା କରାଯାଇ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଅପରାହ୍ନ ୪ଟାରେ ୧୨ ଯୋଡି କାର୍ତ୍ତିକର୍ତ୍ତା ପ୍ରଥମେ ବିଶ୍ୱେଶ୍ୱର ବାବାଙ୍କୁ ପୂଜା ଅର୍ଚ୍ଚନା କରି ଦେଉଳ ପୋଖରୀରୁ କଳସ ଆଣି ପୂଜା ସ୍ଥଳରେ ସ୍ଥାପନ ସହ ପୂଜାପାଠ କରିଥିଲେ । ଏହି ପୂଜାକର୍ମରେ କର୍ତ୍ତାରୂପେ ସପତ୍ନିକ ରତ୍ନାକର ମହାପାତ୍ର ଓ ମନୋରମା, ଯୋଗେଶ୍ୱର ଭୋଇ ଓ ଗୋଲାପୀ, ରାମ ଅଗ୍ରୱାଲ ଓ ରେଣୁ, କୈଳାସଚନ୍ଦ୍ର ମିଶ୍ର ଓ ପ୍ରତିମା, ଦୀନେଶ ଗାଇଗରିଆ ଓ ସୌଦାମିନୀ, ଝସକେତନ ସାହୁ ଓ ମମତାମୟୀ, ସୁଦାମ ମହାପାତ୍ର ଓ ମୌସୁମୀ, ତରଙ୍ଗ ମେହେର ଓ ଶୁଭଶ୍ରୀ, ରବୀନ୍ଦ୍ର ଭୋଇ ଓ ଯମୁନା, ବିଦ୍ୟାଧର ମେହେର ଓ ରୀତା, ରୁକ୍ମଣୀ କର୍ମୀ ଓ ବାସନ୍ତୀ, ଅଶ୍ୱିନୀ ପ୍ରଧାନ ଓ ମିନତୀ ପ୍ରମୁଖ ୧୨ ଯୋଡି ଏବଂ ମୁଖ୍ୟ ପୁରୋହିତ ପଣ୍ଡିତ ବଂଶୀଧର ମିଶ୍ରଙ୍କ ସମେତ ବ୍ରହ୍ମା ଦାୟିତ୍ୱରେ ଥିବା ପଣ୍ଡିତ ଡୋଲାମଣୀ ଶତପଥୀ, ଗ୍ରାମ୍ୟ ପଣ୍ଡିତ ରାକେଶ ରଞ୍ଜନ ମିଶ୍ର ଏବଂ ସହଯୋଗୀ ପ୍ରଣବ କୁମାର ମିଶ୍ର, ଜିତେନ୍ଦ୍ର ମିଶ୍ର, ଅଭିଜିତ ମିଶ୍ର, ଦିଶାଙ୍କ ତ୍ରିପାଠୀ, ରାଜ କୁମାର ଷଡ଼ଙ୍ଗୀ, ପ୍ରଦୀପ ଦାଶ ଓ ଅମ୍ବିରୀଶ ଶତପଥି କାର୍ଯ୍ୟନିର୍ବାହୀ କରିଥିଲେ। ପ୍ରକାଶ ଥାଉକି ଦେଶର ଗୁଜୁରାଟର ସୋମନାଥ ଓ ନାଗେଶ୍ୱର, ଆନ୍ଧ୍ର ପ୍ରଦେଶର ମଲ୍ଲିକାର୍ଜୁନ, ମଧ୍ୟପ୍ରଦେଶର ମହାକାଳେଶ୍ୱର ଏବଂ ଓମକାରେଶ୍ୱର, ଝାଡ଼ଖଣ୍ଡର ବୈଦ୍ୟନାଥ ଧାମ, ମହାରାଷ୍ଟ୍ରର ଭୀମାଶଙ୍କର, ତ୍ର୍ୟମ୍ବକେଶ୍ୱର ଓ ଘିଷନେଶ୍ୱର, ତାମିଲନାଡୁର ନାଗେଶ୍ୱରମ, ଉତ୍ତରପ୍ରଦେଶର କାଶୀବିଶ୍ୱନାଥ ଏବଂ ଉତ୍ତରାଖଣ୍ଡର କେଦାରନାଥ ଶୈବ ପୀଠର ଅବିକଳ ନକଲରେ ଏଠାରେ ଗୋଟିଏ ସ୍ଥାନରେ ୧୨ ମନ୍ଦିର ନିର୍ମିତ କରାଯାଇଛି। ଏହି ଅବସରରେ ମନ୍ଦିର ପରିଚାଳନା କମିଟିର ସଭାପତି ସଚ୍ଚିଦାନନ୍ଦ ମିଶ୍ର, ସମ୍ପାଦକ ବିନୋଦ ମେହେର, ମନ୍ଦିର ପ୍ରତିଷ୍ଠା ମହୋତ୍ସବ କମିଟିର ସଭାପତି ପ୍ରଶାନ୍ତ ମିଶ୍ର, ଉପ ସଭାପତି ସୁରେଶ କୌଶିକ, ସମ୍ପାଦକ ଅଶୋକ ଦାଶ, କୋଷାଧ୍ୟକ୍ଷ ପ୍ରମୋଦ ମହାପାତ୍ର, ମନୋଜ ମହାପାତ୍ର, ବୃଷଭାନୁ ମେହେର, ଯୁଧିଷ୍ଠିର ମହାପାତ୍ର, ମଧୁସୂଦନ ମହାପାତ୍ର, ଅନ୍ତର୍ଯ୍ୟାମୀ ମହାପାତ୍ର, ଏକାମ୍ବର ମହାପାତ୍ର, ପବିତ୍ର ମହାପାତ୍ର ବାବୁଲୁ ମହାପାତ୍ର, ଟିକୁଚାନ୍ଦ ମହାପାତ୍ର ଏବଂ ସମସ୍ତ ସଦସ୍ୟଙ୍କ ସମେତ ଆଖପାଖ ଅଞ୍ଚଳର ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଜାତୀୟ ଆୟ ମେଧାବୃତ୍ତି ସୁଯୋଗ ଦାବି

**ପଦ୍ମପୁର, ୪।୧୨(ପ୍ରଦୀପ୍ତ ଦାଶ):** ପଦ୍ମପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଜାତୀୟ ଆୟ ମେଧା ଛାତ୍ରବୃତ୍ତି ସୁଯୋଗ ଦେବା ପାଇଁ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଦାବି କରିଛନ୍ତି। ରାଜ୍ୟସଭାରେ ସାଂସଦ ବିଶି ଗୁରୁବାର ଶୂନ୍ୟକାଳରେ ଜନଚିନ୍ତାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇ ଭାରତ ସରକାରଙ୍କୁ ହସ୍ତକ୍ଷେପ କରିବାକୁ ଏବଂ ଓଡ଼ିଶାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ପାଇଁ ଜାତୀୟ ଆୟ ମେଧା ଛାତ୍ରବୃତ୍ତି ତୁରନ୍ତ ପୁନଃସ୍ଥାପନ କରିବାକୁ ଅନୁରୋଧ କରିଛନ୍ତି। ବିଶି ଆଲୋକପାତ କରିଥିଲେ ଯେ, ପୂର୍ବତନ ବିଜେଡି ସରକାର ଆର୍ଥିକ ଦୁର୍ବଳ ଏବଂ ଗ୍ରାମାଞ୍ଚଳର ଛାତ୍ରମାନଙ୍କ ପାଇଁ ମାଗଣା ସ୍କୁଲିଂ ଏବଂ ହଷ୍ଟେଲ ସୁବିଧା ସହିତ କେନ୍ଦ୍ରୀୟ ପାଠ୍ୟକ୍ରମରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ପ୍ରତ୍ୟେକ ବ୍ଲକରେ ଗୋଟିଏ କରି ୩୧୬ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଶିକ୍ଷାଗତ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ବାର୍ଷିକ ୧୨,୦୦୦ ଟଙ୍କା ଛାତ୍ରବୃତ୍ତି ପ୍ରଦାନ କରିଆସୁଛି, ଯାହା ସେମାନଙ୍କର ଅଧ୍ୟୟନ ଏବଂ ଛାତ୍ରାବାସ ସମ୍ବନ୍ଧୀୟ ଖର୍ଚ୍ଚକୁ ସମର୍ଥନ କରିବାରେ ଏବଂ ଡ୍ରପ୍ ଆଉଟ ହାର ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବିଶି କେନ୍ଦ୍ର ସରକାରଙ୍କୁ ଓଡ଼ିଶାରେ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଏନ୍‌ଏମଏମ୍‌ଏସ୍ ଛାତ୍ରବୃତ୍ତି ପୁନଃସ୍ଥାପନ କରିବା ପାଇଁ ତୁରନ୍ତ ହସ୍ତକ୍ଷେପ କରିବାକୁ ଏବଂ ଯୋଗ୍ୟ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଆକାଂକ୍ଷାକୁ ସୁରକ୍ଷା ଦେଇ ଏନ୍‌ଏମଏମ୍‌ଏସ୍ ପରୀକ୍ଷାର ସମୟସୀମା ସୁନିଶ୍ଚିତ କରିବାକୁ ଅନୁରୋଧ କରିଥିଲେ। ନିରଞ୍ଜନ ବିଶି ଗୁରୁତ୍ୱାରୋପ କରିଥିଲେ ଯେ, ଗ୍ରାମୀଣ ପ୍ରତିଭାକୁ ପୋଷଣ କରିବା ଏବଂ ଗୁଣାତ୍ମକ ଶିକ୍ଷା ପାଇଁ ସମାନ ପ୍ରବେଶ ସୁଯୋଗ ପ୍ରଦାନ କରିବା ପାଇଁ ଏପରି ଶିକ୍ଷାଗତ ସହାୟତା ବ୍ୟବସ୍ଥାକୁ ସୁରକ୍ଷିତ ରଖିବା ଅତ୍ୟନ୍ତ ଜରୁରୀ।

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ମହୋତ୍ସବରେ ଅତିଥି।

**ପଦ୍ମପୁର, ୪।୧୨ (ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁରସ୍ଥିତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୪ତମ ବାର୍ଷିକ କ୍ରୀଡ଼ା ମହୋତ୍ସବ ୩ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ଏବଂ କ୍ରୀଡା ସଂଯୋଜକ ବିଷ୍ଣୁ ପ୍ରସାଦ ଷଡଙ୍ଗୀଙ୍କ ଦ୍ୱାରା ରାଜବୋଡା ସମ୍ବର ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବୋଡାସମ୍ବର ମାଟିର ସୁଯୋଗ୍ୟ ସନ୍ତାନ ଶଙ୍କର ରାମଚନ୍ଦାନୀ ମୁଖ୍ୟ ଅତିଥି, ପଦ୍ମପୁର ଥାନା ଅଧିକାରୀ ମମତା ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କ୍ରୀଡାର ମହନୀୟତା ଓ ଆତ୍ମନିର୍ଭରଶୀଳ ହେବା ପାଇଁ ମତବ୍ୟକ୍ତ କରିଥିଲେ। ଯୁକ୍ତ ୨ପ୍ରଥମ ବର୍ଷ କଳା ଛାତ୍ରୀ ସସ୍ମିତା ଖଡିଆ ଚାମ୍ପିୟନ ହୋଇଥିଲେ। ଶେଷରେ ସଂସ୍କୃତି ବିଭାଗ ମୁଖ୍ୟ କୃଷ୍ଣଚରଣ ଦାସ ଅତିଥିମାନଙ୍କୁ ଓ ସମସ୍ତ ଅତିଥି ଓ ଛାତ୍ରୀଛାତ୍ରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କ୍ରୀଡା ମହୋତ୍ସବକୁ ସଫଳ କରିବା ପାଇଁ ଅଧ୍ୟାପକ, ଅଧ୍ୟାପିକା ଓ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

## ଗାଇସିଲେଟରେ ଲକ୍ଷ୍ମୀପୂଜା ଉଦ୍‌ଯାପିତ



**ଗାଇସିଲେଟ,୪।୧୨(ଦୁର୍ଗାପ୍ରସାଦ ତ୍ରିବେଦୀ)**

ବରଗଡ଼ ଜିଲା ଗାଇସିଲେଟ ସାହୁପଡା ଛକଠାରେ ଚାଲିଥିବା ୧୩ତମ ଶ୍ରୀଲକ୍ଷ୍ମୀ ପୂଜା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ବହୁ ଲୋକ ସମାଗମ ହୋଇଥିଲା । ବଲାଙ୍ଗୀର ଜିଲା ବୁରୋମୁଣ୍ଡା ଗ୍ରାମର ଖ୍ୟାତି ସମ୍ପନ୍ନ ଗାହକ ନାରାୟଣ ଓଝା ବ୍ୟାସ କାର୍ଯ୍ୟ ସମ୍ପାଦନ କରିଥିଲେ। ମନୋଜ ଥନାପତି, ଦିଲ୍ଲୀପ ମଲ୍ଲିକ, ତବଲା ଧର୍ମେନ୍ଦ୍ର ମୁଦୁଲି, ପେଡ ଜେକି ସାହୁ ଓ ଗିନି ଅର୍ଜୁନ ବିଶ୍ୱାଳ ସହଯୋଗ କରିଥିଲେ। ସୋମନାଥ ସାହୁ ଏବଂ ଦାମୋଦର ସାହୁ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଜଗନ୍ନାଥ ମନ୍ଦିର ପୂଜକ ପଣ୍ଡିତ ଲଳିତ କୁମାର ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ସମସ୍ତ ଭକ୍ତଙ୍କୁ ଅନ୍ନପ୍ରସାଦ ବିତରଣ କରାଯାଇଥିଲା।

## ତୀର୍ଥଯାତ୍ରାରେ ଗଲେ ୧୨୭ ବରିଷ୍ଠ ନାଗରିକ



ବରିଷ୍ଠ ନାଗରିକମାନେ ତୀର୍ଥଯାତ୍ରାରେ ବାହାରୁଛନ୍ତି।

**ବରଗଡ଼,୪।୧୨(ପ୍ରେମାନନ୍ଦ ଖମାରୀ)**

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଗୁରୁବାର ବରଗଡ଼ ଜିଲାର ୧୨୭ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ଯାଇଛନ୍ତି। ସମ୍ବଲପୁରରୁ ରାମେଶ୍ୱରମ ଏବଂ ମଦୁରାଇ ଅଭିମୁଖେ ତୀର୍ଥଯାତ୍ରୀଙ୍କ ଯାତ୍ରାର ଶୁଭାରମ୍ଭ ହୋଇଛି। ଏହି ଅବସରରେ ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଜିଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ସିଂଙ୍କ ପ୍ରଚେଷ୍ଟାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା, ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁ, ଡେପୁଟି କଲେକ୍ଟର ସୁମତି ପଣ୍ଡା ଏବଂ ଜିଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ପଟ୍ଟନାୟକ ଉପସ୍ଥିତ ରହି ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ତୀର୍ଥଯାତ୍ରା ସମୟରେ ବରିଷ୍ଠ ନାଗରିକଙ୍କୁ ସହଯୋଗ କରିବା ପାଇଁ ଭେଡେନ ବ୍ଲକ ବିଏସଏସଓ ଚକ୍ରପାଣି ଦାଶ, ବରଗଡ଼ ତହସିଲ କନିଷ୍ଠ ରାଜସ୍ୱ ସହାୟକ ଅରୁଣ ରାଜହଂସ, ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ଅମିତ କୁମାର ସାହୁ, ଜିଲା ସଂସ୍କୃତି କାର୍ଯ୍ୟାଳୟ ନିୟୋଜିତ କନିଷ୍ଠ ରାଜସ୍ୱ ସହାୟକ ଆଲୋକ ଗରିଆଙ୍କୁ ଏସକର୍ଟ ଅଫିସର ଭାବେ ଜିଲା ପ୍ରଶାସନ ତରଫରୁ ନିଯୁକ୍ତ କରାଯାଇଛି।

## ଦିବ୍ୟାଙ୍ଗଙ୍କୁ ମୁଖ୍ୟସ୍ରୋତରେ ସାମିଲ ପାଇଁ ସମ୍ମିଳିତ ଉଦ୍ୟମ ଲୋଡ଼ା

**ବରଗଡ଼,୪।୧୨(ପ୍ରେମାନନ୍ଦ ଖମାରୀ)**



ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସରେ ଅତିଥି, ଛାତ୍ରୀଛାତ୍ର।

ବରଗଡ ଜିଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବୁଧବାର ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ, ବରଗଡ଼ ପକ୍ଷରୁ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ବିଭୁତି ଭୂଷଣ ନାୟକ, ଲିଗାଲ ଏଡ୍ ଡିଫେନ୍ସ କାଉନସିଲ ବ୍ରହ୍ମସାଗର ମିଶ୍ର, ଶାଶ୍ୱତ ଶର୍ମା, ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଅରୁଣ କୁମାର ହୋତା, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭୟ କୁମାର ପ୍ରଧାନ, ମାନସିକ ଅନଗ୍ରସର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନେପାଳ ଦୁଆନ ମଞ୍ଚାସୀନ ଥିଲେ। ଅଭୟ କୁମାର ପଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ, ଅତିଥିମାନେ ଭିନ୍ନକ୍ଷମ ଦିବସ ପାଳନର ମହତ୍ତ୍ୱ, ଦିବ୍ୟାଙ୍ଗମାନଙ୍କ ଅଧିକାର, ସୁରକ୍ଷାଗୁଡିକୁ ସୁନିଶ୍ଚିତ କରିବା ସହ ସମସ୍ତ ପ୍ରକାର ସୁଯୋଗ ସୃଷ୍ଟି କରି ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ମିଳିତ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରାଧିକରଣର ସଚିବ ବିଭୁତି ଭୂଷଣ ନାୟକ ମାଗଣା ଆଇନ ସହାୟତା ତଥା ଲୋକଅଦାଲତ ମାଧ୍ୟମରେ ମହିଳା, ଶିଶୁ, ବରିଷ୍ଠ ନାଗରିକ ତଥା ଗରିବ ଲୋକଙ୍କୁ ଦିଆଯାଉଥିବା ଆଇନ ସହାୟତା ସମ୍ବନ୍ଧରେ ବିଶଦଭାବେ ସୂଚନା ପ୍ରଦାନ କରିଥିଲେ। ଦିବ୍ୟାଙ୍ଗମାନଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ କରିବା ପାଇଁ ସମସ୍ତେ ମିଳିତ ଉଦ୍ୟମ କରିବା ଉପରେ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିଥିଲେ। ଭୁବନେଶ୍ୱରରେ ଓଡିଶା ସରକାର ଦ୍ୱାରା ଆୟୋଜିତ ଭିନ୍ନକ୍ଷମ ବିଦ୍ୟାଳୟମାନଙ୍କ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଗୁଡିକରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ, ବରଗଡ଼ର ୫ଜଣ ଛାତ୍ରୀଛାତ୍ର ଜାଗୃତି ପଟେଲ, ମୁକେଶ ମହାପାତ୍ର, ଅଭିଷେକ ଜେନା, ବନିତା ସାହୁ ଓ ରେଣୁକା ଭୁଏଙ୍କୁ ଅତିଥିଗଣ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିବାକର ମାଝୀ, ସମ୍ବିଧାନ ସୁରକ୍ଷା ମଞ୍ଚ, ବରଗଡ଼ର ସଭାପତି ପବିତ୍ର ବେହେରା ଉପସ୍ଥିତ ଥିଲେ। ଅରୁଣ କୁମାର ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବରଗଡ ଏଟିଭର୍ସ ହେଲପିଙ୍ଗ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଫାଉଣ୍ଡେସନର ସଭାପତି ଦିବାକର ମାଝୀ, ଗଙ୍ଗାଧର ପୂଜାରୀ, ସାମାଜିକ କର୍ମୀ କନକ ପ୍ରଧାନ, ଅଶ୍ୱିନୀ କୁମାର ବେହେରା ଏବଂ ଦିବ୍ୟସ୍ମିତା ସାହୁ ପ୍ରମୁଖ ଯୋଗ ଦେଇ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ବିସ୍କୁଟ ଓ ଫଳ ବଣ୍ଟନ କରିଥିଲେ। ଏହା ସହିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟ ସମ୍ପାଦକ ଅରୁଣ କୁମାର ହୋତା, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭୟ କୁମାର ପଧାନ, ମାନସିକ ଅନଗ୍ରସର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଛାତ୍ରାବାସ ଅଧୀକ୍ଷକ ନେପାଳ ଦୁଆନ, କଳାଶିକ୍ଷକ ଦୁଃଖିସେବକ ସାହୁ, ସଙ୍ଗୀତ ଶିକ୍ଷକ ଅମରେଶ ଚନ୍ଦ୍ର ବାରିକଙ୍କ ସମେତ ବହୁ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଫ୍ଲାଏଆଶ୍ ବୋଝେଇ ୧୨ ହାଇୱା ଜବତ



**କୁତ୍ରା,୪।୧୨(ଦେବାଶିଷ ସାହୁ):** ବେଆଇନ ଭାବେ କାରଖାନାରୁ ଫ୍ଲାଏଆଶ ସୁନ୍ଦରଗଡ଼ ଜିଲାର ବିଭିନ୍ନ ବ୍ଲକରେ ପକାଯାଉଥିବା ଅଭିଯୋଗ ଆଧାରରେ ଗୁରୁବାର କୁତ୍ରା ପୋଲିସ ୧୨ଟି ହାଇୱା ଗାଡ଼ିକୁ ରାଞ୍ଚି ରୋଡ଼ ଛକରୁ ଜବତ କରିଛି। ଗାଡ଼ି ପିଛା ୫୦ ହାଜାର ଟଙ୍କା ଲେଖାଏ ଫାଇନ କାଟିଛି। ମାଲିକମାନେ ଗାଡ଼ି ନେବା ପାଇଁ ଥାନାକୁ ଆସି ନ ଥିବା ଜଣାପଡ଼ିଛି। ତେଣୁ ୧୨ଟି ଯାକ ଗାଡ଼ିକୁ ପୋଲିସ ଥାନାରେ ରଖିଛି। ତେବେ ଗାଡ଼ିଗୁଡ଼ିକରେ ବେଆଇନ ଆଶ୍ ନେବା ସହିତ ଓଭର ଲୋଡିଂ ମଧ୍ୟ ଥିବା ଜଣାପଡ଼ିଛି।

### ଚାଲାଣ ବେଳେ ୬ ଗୋରୁ ଉଦ୍ଧାର, ଜଣେ ଅଟକ

**କୁତ୍ରା,୪।୧୨(ଦେବାଶିଷ ସାହୁ):** କୁତ୍ରା ଥାନା ଖତକୁରବାହାଲ ଗ୍ରାମର ଗୋ ଚାଲାଣକାରୀମାନେ ଏକ ସ୍କର୍ପିଓ ଗାଡ଼ି ଯୋଗେ ବେଆଇନ ଗୋ ଚାଲାଣ କରୁଥିବା ବେଳେ କୁତ୍ରା ଥାନା ଅନ୍ତର୍ଗତ କିରିଙ୍ଗସେରାଠାରେ ଗୁରୁବାର ସକାଳ ୭ଟାରେ ପୋଲିସ ତାଙ୍କୁ ଧରିବାରେ ସଫଳ ହୋଇଛି। ସ୍କର୍ପିଓ ନଂ. ଓଆର୧୪ଏମ-୩୮୧୮ର ଚାଳକ ଫେରାର ହୋଇଯାଇଥିବା ବେଳେ ପୋଲିସ ଜଣକୁ ଅଟକ ରଖି ପଚରାଉଚରା ଚଳାଇଛି। ତେବେ ଗାଡ଼ିରେ ଥିବା ୬ଟି ଗୋରୁଙ୍କୁ ପୋଲିସ ଗୋଶାଳାକୁ ପଠାଇଛି। ପ୍ରାଥମିକ ତଦନ୍ତରୁ ଗୋରୁଗୁଡ଼ିକୁ ଖତକୁରବାହାଲ ନିଆଯାଉଥିବା ଜଣାପଡିଛି। ଦୀର୍ଘ ବର୍ଷ ଧରି ଖତକୁରବାହାଲ ଗ୍ରାମର ଗୋ-ବ୍ୟବସାୟୀଙ୍କ ଦ୍ୱାରା ବେଆଇନ ଭାବେ ଗୋଚାଲାଣ କରାଯାଉଥିବା ବେଳେ ଏମାନଙ୍କ ଉପରେ ଗତ କିଛି ମାସ ହେଲା ପୋଲିସ ପକ୍ଷରୁ ଘନଘନ ଚଢ଼ାଉ ଜାରି ରହିଛି। କେତେବେଳେ ଗୋରୁ ପଲ ଉଦ୍ଧାର ହେଉଛନ୍ତି ତ କେତେବେଳେ ବନ୍ଧୁକ ଜବତ ହେଉଛି। ତଥାପି ଗୋରୁ ବ୍ୟବସାୟୀମାନେ ସୁଧୁରିବାର ନା ନେଉ ନାହାନ୍ତି।

### ଯୁବ ବ୍ୟବସାୟୀଙ୍କ ମୃତଦେହ ଜବତ

**କୁଆଁରମୁଣ୍ଡା,୪।୧୨(ମହେନ୍ଦ୍ର କୁମାର ସାହୁ):** କୁଆଁରମୁଣ୍ଡା ତହସିଲ ବଜାରରେ ଦୋକାନ କରିଥିବା ଯୁବ ବ୍ୟବସାୟୀ ସଞ୍ଜୟ କୁମାର ସାହୁ(୪୨)ଙ୍କ ମୃତଦେହ ଗୁରୁବାର ଜବତ ହୋଇଛି। କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତଦେହ ରଖାଯାଇଛି। ଶୁକ୍ରବାର ବ୍ୟବଚ୍ଛେଦ କରାଯିବ ବୋଲି କୁଆଁରମୁଣ୍ଡା ଫାଣ୍ଡି ଫୋଲିସ ସୂଚନା ଦେଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ପକ୍ଷାଘାତ ରୋଗୀଙ୍କୁ ଭୌତିକ ଚିକିତ୍ସା ଦାବି

**ସୁନ୍ଦରଗଡ଼,୪।୧୨(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ବିଜୁ ଜନତା ଦଳର ବରିଷ୍ଠନେତା ତଥା ବିଧାୟକ ଯୋଗେଶ କୁମାର ସିଂହଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଗୁରୁବାର ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରିଥିଲେ। ପକ୍ଷାଘାତ ରୋଗୀ ଚିକିତ୍ସାଳୟରେ ରହି କିପରି ଚିକିତ୍ସା ପାଇପାରିବେ ସେଥିପାଇଁ ବନ୍ଦୋବସ୍ତ କରିବାକୁ ଦାବି କରିଛନ୍ତି। ବର୍ତ୍ତମାନ ଜିଲାରେ ସହରଠୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠାରେ ପକ୍ଷାଘାତ (ପାରାଲିସିସ ) ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହି ରୋଗୀଙ୍କୁ ଡାକ୍ତରଙ୍କ ପରାମର୍ଶରେ ପ୍ରତ୍ୟେକ ଦିନ ଭୌତିକ ଚିକିତ୍ସା (ଫିଜିଓଥେରାପି) ଆବଶ୍ୟକ ପଡ଼ିଥାଏ। ବର୍ତ୍ତମାନ ଏହି ଫିଜିଓଥେରାପି ଚିକିତ୍ସା ସରକାରୀ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ, ଜିଲା ମୁଖ୍ୟ ଚିକିତ୍ସାଳୟ ସହିତ କେତେକ ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଖୋଲାଯାଇଛି।



ଜିଲାପାଳଙ୍କୁ ସାକ୍ଷାତ କରି ଦାବି ପତ୍ର ପ୍ରଦାନ କରୁଛନ୍ତି ବିଜେଡି ନେତା।

### ଜିଲାପାଳଙ୍କୁ ଭେଟିଲା ବିଜେଡି ପ୍ରତିନିଧି ମଣ୍ଡଳୀ

କିନ୍ତୁ ସ୍ଥାନୀୟ ସରକାରୀ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ ଓ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଛାଡ଼ିଦେଲେ ଅନ୍ୟ କୌଣସି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଠିକ୍ ଭାବରେ କିମ୍ବା ପ୍ରତ୍ୟେକ ଦିନ ଫିଜିଓଥେରାପି ଚିକିତ୍ସା ହେଉନାହିଁ। ତେଣୁ ଦୂରଦୂରାନ୍ତ ଗାଁର ପକ୍ଷାଘାତ ରୋଗୀମାନେ ବାଧ୍ୟ ହୋଇ ଖର୍ଚ୍ଚାନ୍ତ ହୋଇ ଗାଡ଼ି ଭଡ଼ା କରି ସୁନ୍ଦରଗଡ଼ ଆସି ଚିକିତ୍ସାଳୟରେ ଫିଜିଓଥେରାପି କରିବା ପରେ ନିଜ ଘରକୁ ଫେରିଯାନ୍ତି। ପ୍ରତ୍ୟେକ ଦିନ ଖର୍ଚ୍ଚାନ୍ତ ହୋଇ ସୁନ୍ଦରଗଡ଼କୁ ଆସି ଫିଜିଓଥେରାପି ଚିକିତ୍ସା କରାଇବା ସମସ୍ତଙ୍କ ପକ୍ଷେ ସମ୍ଭବ ହୋଇପାରୁନାହିଁ। ତେଣୁ ଏହି ପକ୍ଷାଘାତ ରୋଗୀଙ୍କ ପାଇଁ ସୁନ୍ଦରଗଡ଼ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟ ସହିତ ପ୍ରତ୍ୟେକ ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଅତି କମ୍‌ରେ ୧୫ ଦିନ ରହି ଫିଜିଓଥେରାପିଙ୍କ ଦ୍ୱାରା ଚିକିତ୍ସା ହେବା ଆବଶ୍ୟକ। ପରେ ପ୍ରତ୍ୟେକ ଦିନ ନିଜନିଜ ଘରେ ଫିଜିଓଥେରାପି କିପରି ଭାବେ କରିବେ ସେ ବିଷୟରେ ପକ୍ଷାଘାତ ରୋଗୀଙ୍କୁ ଭଲଭାବେ ଶିଖେଇବା ସହ ଚିକିତ୍ସାଳୟରୁ ତାଙ୍କ ଘରକୁ ପଠେଇବାର ବନ୍ଦୋବସ୍ତ କରିବା ଲାଗି ଜିଲାପାଳଙ୍କୁ ତ୍ରିପାଠୀ ଅନୁରୋଧ କରିଥିଲେ। ଜିଲାପାଳ ସବୁ ଶୁଣିବା ପରେ ଖୁବଶୀଘ୍ର ପକ୍ଷାଘାତ ରୋଗୀଙ୍କ ଏହି ସବୁ ସମସ୍ୟାର ସମାଧାନ କରାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ବିଜେଡି ବରିଷ୍ଠନେତା ତ୍ରିପାଠୀଙ୍କ ସହିତ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ବିଜେଡି ବରିଷ୍ଠନେତା ଅନିଲ କିଷାନ, ପ୍ରଫୁଲ୍ଲ ସୁନ୍ୟାନୀ, ଅମରେଶ ପଣ୍ଡା, ଜିତୁ ଦାଶ, ସଞ୍ଜୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା, ପୁରୁଷଙ୍କୁ ପୋଲିସ ଜିମା ଦେଲେ ଗ୍ରାମବାସୀ

### ପରକୀୟା ପ୍ରୀତି ସନ୍ଦେହ

**ବଡ଼ଗାଁ,୪।୧୨(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ କୁମବାହାଲ ଗ୍ରାମର ଜଣେ ବିବାହିତା ମହିଳାଙ୍କ ସହିତ ଅନ୍ୟ ଗ୍ରାମର ଜଣେ ପୁରୁଷଙ୍କୁ ଏକାଠି ଦେଖି ଗ୍ରାମବାସୀ ବୁଧବାର ପୋଲିସରେ ଜିମା ଦେଇଛନ୍ତି। ବଡ଼ଗାଁ ପୋଲିସ ଉଭୟ ପକ୍ଷର ପରିବାର ସଦସ୍ୟଙ୍କୁ ଡକାଇ ଘଟଣାର ତଦନ୍ତ କରୁଛି । ଘଟଣା ଅନୁଯାୟୀ, ସଦର ବ୍ଲକ ଅନ୍ତର୍ଗତ ବିରବିରା ଗ୍ରାମର ଜଣେ ମହିଳା ବଡ଼ଗାଁ ଥାନା ଅଧୀନ କୁମବାହାଲ ଗ୍ରାମରେ ବିବାହ କରିଥିଲେ। ତାଙ୍କର ସ୍ୱାମୀ ବାହାର ରାଜ୍ୟରେ କାମ କରନ୍ତି। ଏହାର ସୁଯୋଗ ନେଇ ମହିଳା ଜଣକ ଜଣେ ବ୍ୟକ୍ତିଙ୍କ ସହିତ ସମ୍ପର୍କ ରଖି ଆସୁଥିଲେ। ତେବେ ବିବାହିତା ମହିଳାଙ୍କ ଏହି ପରକୀୟା ସମ୍ପର୍କକୁ ନେଇ ଶାଶୁ ଘର ଲୋକେ ଅସନ୍ତୋଷ ପ୍ରକାଶ କରିଆସୁଥିଲେ। ମହିଳାଙ୍କୁ ବୁଝାସୁଝା ପରେ ମଧ୍ୟ ସେ କାହାରି କଥା ଶୁଣୁ ନ ଥିଲେ। ବୁଧବାର ବିଳମ୍ବିତ ରାତିରେ ଉଭୟେ ଏକାଠି ଥିବାବେଳେ ଗ୍ରାମବାସୀମାନେ ତାଙ୍କୁ ଧରିବା ସହ ପୋଲିସକୁ ଡକାଇ ଜିମା ଦେଇଥିଲେ। ପୋଲିସ ଉଭୟ ପରିବାରର ସଦସ୍ୟଙ୍କୁ ଡକାଇ ଘଟଣାର ସମାଧାନ କରିବାକୁ ଚେଷ୍ଟା କରୁଥିବା କହିଛନ୍ତି। ପୁରୁଷଙ୍କ ଘର ଧୃରୁଆଡିହି ଥାନା ଅଧୀନ ବିରବିରା ଗ୍ରାମର ବୋଲି ଜଣାପଡ଼ିଛି।

# ହାଲୁକା ଯାନ ଚାଳକ ଧନ୍ଦାମୂଳକ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ



ତାଲିମ ଶିବିର ରେ ଯୋଗଦେଇ ଥିବା ଅତିଥି ଓ ପ୍ରଶିକ୍ଷାର୍ଥୀ।

**ସୁନ୍ଦରଗଡ,୪।୧୨(ଜୟ ନାରାୟଣ ମେଣ୍ଡୁଲି)**

ଭାରତୀୟ ଷ୍ଟେଟବ୍ୟାଙ୍କ ଗ୍ରାମୀଣ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ହାଲୁକା ଯାନ ଚାଳକ ଧନ୍ଦା ମୂଳକ ତାଲିମ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହି ୩୦ଦିନିଆ ଆବାସିକ ତାଲିମ କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲାର ୭ଟି ବ୍ଲକର ପ୍ରଶିକ୍ଷାର୍ଥୀ ସ୍ୱାବଲମ୍ବୀ ହେବା ପାଇଁ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ୧୨ଜଣଙ୍କୁ ତାଲିମ ନିମନ୍ତେ ଜଙ୍ଗଲ ବିଭାଗ(କେନ୍ଦୁପତ୍ର)ପକ୍ଷରୁ ଏଠାକୁ ପଠାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ ଆଞ୍ଚଳିକ ପରିବହନ ଅଧିକାରୀ ମୀନା ସିଂ ତାଲିମ ଶିବିରକୁ ଉଦଘାଟନ କରି ପ୍ରଶିକ୍ଷାର୍ଥୀଙ୍କୁ ସଡକ ସୁରକ୍ଷା ନିୟମ, ଆଇନର ଧାରା ଅନୁଯାୟୀ ଯାନ ଚାଳନା ଏବଂ ଏକ ଉତ୍ତମ ଯାନ ଚାଳକର ଗୁରୁତ୍ୱ ଉପରେ କହିଥିଲେ। ସମ୍ମାନିତ ଅତିଥିଭାବେ ଭାରତୀୟ ଷ୍ଟେଟବ୍ୟାଙ୍କ ଅଗ୍ରଣୀ ବ୍ୟାଙ୍କର ପ୍ରବନ୍ଧକ ଗଗନ ବିହାରୀ ଭୋଳ ଯୋଗଦାନ କରି ପ୍ରଶିକ୍ଷାର୍ଥୀଙ୍କୁ ମାଦ ନ ପିଇ ଗାଡି ଚାଳନା ପାଇଁ ଶପଥ ନେବାକୁ ଆହ୍ୱାନ କରିଥିଲେ। ଅନ୍ୟତମ ସମ୍ମାନିତ ଅଧିକାରୀଭାବେ ରାଉରକେଲା ଜଙ୍ଗଲ ଡିଭିଜନ(କେନ୍ଦୁପତ୍ର)ର ସହକାରୀ ବନ ସଂରକ୍ଷକ ଆରତୀ ନେଗୀ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ସ୍ୱାବଲମ୍ବୀ ହୋଇ ନିଜ ପରିବାରର ଦାୟିତ୍ୱ ନିର୍ବାହ ପାଇଁ ପ୍ରୋତ୍ସାହିତ କରିଥିଲେ। ସୁନ୍ଦରଗଡ ଜଙ୍ଗଲ ବିଭାଗ ଡେପୁଟି ରେଞ୍ଜର ରୀନା ବନଛୁର, ହର୍ଷବର୍ଦ୍ଧନ ମୁଣ୍ଡା, ରଶ୍ମିତା କିଶାନ ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଶିକ୍ଷକ ପ୍ରଭାତ ରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ। ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ରୋଶନ ପଟେଲ ଧନ୍ୟବାଦ ପ୍ରଦାନ କରିଥିଲେ।



କାର୍ଯ୍ୟକ୍ରମରେ ଅଧିକାରୀ ଓ ଗ୍ରାମବାସୀ।

### ମେକାନିକାଲ ସଂଘ କାର୍ଯ୍ୟାଳୟ ଉଦ୍‌ଘାଟିତ

**ସୁନ୍ଦରଗଡ,୪।୧୨(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ମେକାନିକାଲ ସଂଘର ନୂତନ କାର୍ଯ୍ୟାଳୟ ବୁଧବାର ପତ୍ରାପାଲି ଛକ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମହେନ୍ଦ୍ର ମୁର୍ମୁ ମେକାନିକଙ୍କ କାର୍ଯ୍ୟସ୍ଥଳରେ ସୁରକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ନିଖିଳ ଓ ମେକାନିକାଲ ମହାସଂଘ ସଭାପତି ଅରକ୍ଷିତ ରାଉଳ ଏହି ସଭାରେ ଯୋଗଦେଇ ସମସ୍ତ ଜିଲା ସଂଘ ପକ୍ଷରୁ ମେକାନିକଙ୍କ ହିତସାଧନ ନିମନ୍ତେ ପ୍ରୟାସ କରିବା ସହ ସମାଜ ପ୍ରତି ମଧ୍ୟ ନିଜର ଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ। ଲହୁଣୀପଡା ବ୍ଲକ ପ୍ରତିନିଧି ଏମଡି ମୁମତାଜ ଓ ରାମେଶରମ ମହାନ୍ତ ସଭ୍ୟଙ୍କ ସାମୂହିକ ବୀମା ସମ୍ପର୍କିତ ସୂଚନା ପ୍ରଦାନ କରିବା ସହ ନିଜ କାର୍ଯ୍ୟକ୍ଷେତ୍ରରେ ନିଜ ସୁରକ୍ଷା ପ୍ରତି ସର୍ବଦା ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ମହାସଂଘ ଉପଦେଷ୍ଟା ଜୋହର ଅଲି ଖାନ, ରାଜ୍ୟ ସାଧାରଣ ସମ୍ପାଦକ ଆଲମ ଖାନ, ଅନୁଗୁଳ ଜିଲା ସଭାପତି କବି ପ୍ରଧାନ ପ୍ରମୁଖ ସଙ୍ଗଠନକୁ ଦୃଢ କରିବା ସହ ମେକାନିକଙ୍କ ମଙ୍ଗଳ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସଭା ଆରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରାଯାଇଥିଲା। ରାଷ୍ଟ୍ରୀୟ ଗାନ ପରେ ବିଗତ ବର୍ଷରେ ପ୍ରାଣ ହରାଇଥିବା ସଭ୍ୟଙ୍କ ପ୍ରତି ନୀରବ ପ୍ରାର୍ଥନା କରାଯାଇଥିଲା। ସଭା ଅବସରରେ ସଂଘ ସଭ୍ୟମାନେ ରକ୍ତଦାନ କରିଥିଲେ। ସଂଘ ସଭାପତି ଗୁରୁଚରଣ କିଶାନ ପୌରୋହିତ୍ୟ କରିଥିବା ବେଳେ ସଭ୍ୟ ସୁନ୍ଦରଲାଲ ପ୍ରଧାନ ସଭା ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଜ ରକ୍ଷା, ଜନ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ବନ୍ଧମୁଣ୍ଡା,୪।୧୨(ସୁବ୍ରତ ଦେ)**

ରାଉରକେଲା ବନଖଣ୍ଡ ପକ୍ଷରୁ ଗଜ ରକ୍ଷା ଓ ଜନ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ବିଶ୍ରା ଫରେଷ୍ଟ ରେଞ୍ଜରେ ଗୁରୁବାର ଆୟୋଜିତ ହୋଇଥିଲା। ରାଉରକେଲା ଡିଏଫଓ ଯଶୋବନ୍ତ ସେଠିଙ୍କ ନିର୍ଦ୍ଦେଶ ଓ ବିଶ୍ରା ରେଞ୍ଜର ସୁଦେଷ୍ଣା ଶୁଭଦର୍ଶନୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଭାଲୁଲତା ହାଟ ଓ ଡରେଇକେଲା ଛକରେ ପଥପ୍ରାନ୍ତ ନାଟକ ପରିବେଷଣ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରସାର କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶ୍ରା ଫରେଷ୍ଟର ସ୍ମୃତି ମହାରଣା, ଫରେଷ୍ଟ ଗାର୍ଡ, ସ୍କାଡ ସଦସ୍ୟ, ଗାଜସାଥି ଏବଂ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ। ୱାଇଏମଏଫଆଇର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସଙ୍କ ଲେଖନ ଏବଂ ନିର୍ଦ୍ଦେଶନାରେ ପରିବେଷିତ ପଥପ୍ରାନ୍ତ ନାଟକ ମାଧ୍ୟମରେ ହାତୀ-ମାନବ ସଂଘର୍ଷ ହ୍ରାସ ପାଇଁ ଆବଶ୍ୟକ ମୁଖ୍ୟ ସନ୍ଦେଶ ଲୋକଙ୍କୁ ପହଞ୍ଚାଇଥିଲେ କଳାକାରମାନେ। ହାତୀ ଆକ୍ରମଣ ସମୟରେ ନେବାକୁ ଥିବା ସତର୍କତା, ରାତି, ଭୋର ସମୟରେ ଶୌଚ କିମ୍ବା ଅନ୍ୟକାମ ଯିବା ସମୟରେ ସଚେତନ, ହାତୀ ଜନବସତିକୁ ପ୍ରବେଶ କଲେ ସେହି ପଥରେ ନ ଯିବା, ହାତୀକୁ ଉତ୍ତେଜିତ ନ କରିବା କିମ୍ବା ହାତୀର ଆକ୍ରମଣରୁ ବଞ୍ଚିବା ଓ ତୁରନ୍ତ ବନ ବିଭାଗକୁ ସୂଚନା ଦେବା ପାଇଁ ଆହ୍ୱାନ କରାଯାଇଥିଲା। ହାତୀ ଯୋଗୁ ଧନ ଓ ଜୀବନ କ୍ଷତି ହେଲେ ମିଳୁଥିବା କ୍ଷତିପୂରଣ ଯୋଜନା ସମ୍ପର୍କରେ ମଧ୍ୟ ଲୋକଙ୍କୁ ଅବଗତ କରାଯାଇଥିଲା। ସେହିପରି ଚାଷୀ ଓ ଗ୍ରାମବାସୀଙ୍କୁ ବ୍ୟକ୍ତିଗତ କିମ୍ବା ଗୋଷ୍ଠୀଭିତ୍ତିକ ସୌରବାଡ଼ ନିର୍ମାଣ ପାଇଁ ମିଳୁଥିବା ପ୍ରୋତ୍ସାହନ ରାଶି ବିଷୟରେ ମଧ୍ୟ ସୂଚନା ଦିଆଯାଇଥିଲା।

# ୪ ବର୍ଷର ନାବାଳକ ନିଖୋଜ

**ଲହୁଣୀପଡ଼ା,୪।୧୨(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ସାଧୁବାହାଲ ଗ୍ରାମର ୪ବର୍ଷର ନାବାଳକ ଶିଶୁ ବୁଧବାର ନିଖୋଜ ଥିବା ଲହୁଣୀପଡା ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି। ନିଖୋଜ ନାବାଳକ ହେଲେ ଦାମ ମୁଣ୍ଡା(୪)। ସୂଚନା ଅନୁସାରେ ସତ୍ୟଜିତ ମୁଣ୍ଡା ଏବଂ ତାଙ୍କର ସ୍ତ୍ରୀ ବିଲକୁ କାମକରିବାକୁ ଯାଇଥିବା ବେଳେ ତାଙ୍କର ୪ ବର୍ଷ ନାବାଳକ ପୁଅ ଦାମ ଘର ପାଖରେ ଖେଳୁଥିଲେ। ଅପରାହ୍ନ ୧ଟାରେ ବିଲରୁ ଆସି ଦେଖିଲା ବେଳେକୁ ପୁଅକୁ ପାଇ ନ ଥିଲେ। ବହୁତ ଖୋଜାଖୋଜି ପରେ ତାଙ୍କୁ ପାଇ ନ ଥିଲେ। ନାବାଳକଙ୍କ ବାପା ଏନେଇ ଲହୁଣୀପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ସ୍ୱଚ୍ଛତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ସୁନ୍ଦରଗଡ଼,୪।୧୨(ଜୟ ନାରାୟଣ ମେଣ୍ଡୁଲି)**

ଅମରଜ୍ୟୋତି ଫାଉଣ୍ଡେଶନ ଏବଂ ରେକିଟ ଇଣ୍ଡିଆର ମିଳିତ ସହଯୋଗରେ ସୁନ୍ଦରଗଡ ଜିଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ପିଏମଶ୍ରୀ ଟିପିଏସ ହାଇସ୍କୁଲରେ ଗତ ୨ ଓ ୩ତାରିଖ ଦୁଇଦିନ ଧରି ୧୦୦ଟି ହାଇସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଡିଟଲ ସ୍ୱଚ୍ଛତା ଶିକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରର ଅମରଜ୍ୟୋତି ଫାଉଣ୍ଡେଶନ ଓ ରେକିଟର ମିଳିତ ସହଯୋଗରେ ଆୟୋଜିତ ଏହି ଶିବିରର ପ୍ରଥମ ଦିବସରେ ମହୁଲପାଲି ସରପଞ୍ଚ ଝରଣା ଦଣ୍ଡସେନା, ଟାଙ୍ଗରପାଲି ବ୍ଲକର ଅତିରିକ୍ତ ବିଡ଼ିଓ ମାଧବ ଚନ୍ଦ୍ର ପାତ୍ର, ଟାଙ୍ଗରପାଲି ପଞ୍ଚାୟତ ସମିତି(ଟିପିଏସ) ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ କୁମାର, ଉଜ୍ଜ୍ୱଳପୁର ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷକ ଧର୍ନୁଜୟ ତନ୍ତୀ ଓ କତ୍ରା ଟିଜିପି ହାଇସ୍କୁଲର ପ୍ରଧାନ ଶିକ୍ଷକ ନିରଞ୍ଜନ କୁମାର ଅତିଥିଭାବେ ଯୋଗଦେଇ ସ୍ୱଚ୍ଛତାର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ସୁସ୍ଥ ଶିଶୁ ଟିଏ ହିଁ ସୁସ୍ଥ ସମାଜ ଓ ସୁସ୍ଥ ଭାରତର ମୂଳଦୁଆ। ଏଥିପାଇଁ ଶିକ୍ଷୟିତ୍ରୀଶିକ୍ଷକ ମାନେ ହିଁ ଏହାର ସୂତ୍ରଧର ହେବାକୁ ଆହ୍ୱାନ ଦେଇଥିଲେ। ଏହାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଶିବିରରେ ଅମର ଜ୍ୟୋତି ଫାଉଣ୍ଡେଶନର ଆଞ୍ଚଳିକ ସଂଯୋଜିକା ରୀନା ପ୍ରଧାନ ଏହି ସ୍ୱଚ୍ଛତା ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରିଥିଲେ। ପ୍ରଶିକ୍ଷକ ଭାବେ ଅନୁଷ୍ଠାନର ଡେଜି ତନ୍ତୀ, ସୁଶାନ୍ତ ସାଏ ଓ ଅଞ୍ଜନା ଲାରିଆ ପରିଚାଳନାରେ ସହଯୋଗ କରିଥିଲେ। ଏଥିସହିତ ଶିବିରରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ସ୍ୱଚ୍ଛତା ଶିକ୍ଷାର ଦକ୍ଷତା ବୃଦ୍ଧି ଏବଂ ସେମାନଙ୍କ ମାଧ୍ୟମରେ ଛାତ୍ରୀଛାତ୍ରମାନେ ସ୍ୱଚ୍ଛତାରେ କିପରି ବ୍ୟବହାରିକ ପରିବର୍ତ୍ତନ ଆଣି ପାରିବେ ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା।



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଅତିଥି ଓ ଶିକ୍ଷୟିତ୍ରୀଶିକ୍ଷକ।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ଉଦଯାପନୀ କାର୍ଯ୍ୟକ୍ରମ ରେ ଯୋଗଦେଇଥିବା ଅତିଥି ଓ ଖେଳାଳି।

**ବଡ଼ଗାଁ,୪।୧୨(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଦ୍ୱି ଦିବସୀୟ ଏହି କ୍ରୀଡ଼ା ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ତହସିଲଦାର ଝରଣା ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟର ରସାୟନ ବିଭାଗ ମୁଖ୍ୟ ନିରୋଜ କୁମାର ପଟେଲ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କ୍ରୀଡ଼ା ମହୋତ୍ସବରେ ଶହେ, ଦୁଇ ଶହ, ଚାରି ଶହ ଓ ଏକ ହଜାର ମିଟର ଦୌଡ଼, ଲମ୍ଫଡିଆଁ, ଉଚ୍ଚ ଡିଆଁ, ଡିସକସ ଥ୍ରୋ, ସଟପୁଟ, ସ୍ଲୋ ସାଇକେଲ ଆଦି ପ୍ରତିଯୋଗିତା ହୋଇଥିଲା। ଗୁରୁବାର ଉଦ୍‌ଯାପନୀ ସଭାରେ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ ମୁଖ୍ୟ ଅତିଥି ଓ ଥାନା ଆଇଆଇସି ବାଲୁଙ୍କେଶ୍ୱର ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭୋଇ କ୍ରୀଡ଼ାର ମହତ୍ତ୍ୱ ଛାତ୍ରୀଛାତ୍ରଙ୍କ ପାଇଁ ଅପରିହାର୍ଯ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ନାଏକ କ୍ରୀଡ଼ା ମାଧ୍ୟମରେ ଭବିଷ୍ୟତ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ପ୍ରତିଯୋଗିତାର ବାଳକ ବିଭାଗରେ ପ୍ରଥମ ବର୍ଷ କଳାର ଛାତ୍ର ସୁମିତ ଖଡ଼ିଆ ଓ ବାଳିକା ବିଭାଗରେ ପ୍ରଥମ ବର୍ଷ କଳାର ଛାତ୍ରୀ ରୀତା ମିଞ୍ଜ ଚାମ୍ପିୟନ ହୋଇଥିଲେ। କ୍ରୀଡ଼ା ସଂସଦ କର୍ମକର୍ତ୍ତା ପୁନମ ଲାକ୍ରା, ସତ୍ୟନାରାୟଣ ପୃଷେଟ, ସମ୍ବିତ କୁମାର୍ ସାହୁ ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପ୍ରତିଯୋଗିତାଗୁଡ଼ିକୁ ବରଗାଁକଛାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଖେଳ ଶିକ୍ଷକ ନିରୋଦ ମହାରଣା ଓ ବଡ଼ଗାଁ ଡିଗ୍ରୀ କଲେଜର ଖେଳ ଶିକ୍ଷକ ଜିତେନ୍ଦ୍ର ବୁଡ଼ା ପରିଚାଳନା କରିଥିଲେ। ଶେଷରେ ସମ୍ବିତ କୁମାର୍ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସୁପ୍ରିୟା ପାଲ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ସଭାରେ ସଭାପତିତ୍ୱ କରିଥିଲେ।

# ଚାଷୀ, ଭାଗଚାଷୀଙ୍କ ସମସ୍ୟା ସମାଧାନ ଦାବିରେ ଜିଲାପାଳଙ୍କ ଅଫିସ ଘେରାଉ

ଝାରସୁଗୁଡ଼ା,୪।୧୨
(ଆଶିଷ ରଞ୍ଜନ ଦାଶ)

ଚାଷୀ, ଭାଗଚାଷୀଙ୍କ ସମସ୍ୟା ସମାଧାନ ଦାବିରେ ଝାରସୁଗୁଡ଼ା ଜିଲା କିଷାନ କଂଗ୍ରେସ ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ, ଚାଷୀଙ୍କ ସମସ୍ୟା ଯଥା ମଣ୍ଡି ଖୋଲିବା ନେଇ ଅନେକ କଳ୍ପନାଜଳ୍ପନା ଲାଗି ରହିଛି। ମଣ୍ଡି ଆଜି ଖୋଲିବ କାଲି ଖୋଲିବ କହି ଏପର୍ଯ୍ୟନ୍ତ ଖୋଲି ପାରିଲା ନାହିଁ। ଫଳରେ ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ଜିଲା କିଷାନ କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛି। ବିଶେଷକରି ଯୁଦ୍ଧକାଳୀନ ଭିତ୍ତିରେ ମଣ୍ଡି ଖୋଲି ଧାନ ସଂଗ୍ରହ କରିବା, ମଣ୍ଡିରେ କଟ୍‌ନୀଛଟ୍‌ନୀ ନ କରି ଏଫ୍‌ଏକ୍ୟୁ ମାନ ନିର୍ଦ୍ଧାରଣ ସହ ସମସ୍ତ ଅବ୍ୟବସ୍ଥା ଦୂର କରିବା, କେନ୍ଦ୍ର ସରକାର ଚଳିତବର୍ଷ ବୃଦ୍ଧି କରିଥିବା ୬୯ ଟଙ୍କା ବୋନସ୍ ସହିତ ତାଙ୍କର ପ୍ରାପ୍ୟ ଅର୍ଥ ପ୍ରଦାନ କରିବା, ଚାଷୀଙ୍କ ସମସ୍ତ ବଳକା ଧାନ ସରକାର ସଂଗ୍ରହ କରିବା, ୫୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ଚାଷୀ ଓ ଭାଗଚାଷୀଙ୍କୁ ମାସିକ ୧୦ ହଜାର ପେନ୍‌ସନ୍ ବିଧେୟକ ଚଳିତବର୍ଷ ବିଧାନସଭାରେ ଆଣିବା, ଫସଲ ବୀମାରେ ଥିବା ସମସ୍ତ ଅସଙ୍ଗତି ଦୂରକରି ଚାଷୀ ପରିବାରକୁ ସ୍ୱାସ୍ଥ୍ୟ ବୀମାଭୁକ୍ତ କରିବା ପାଇଁ କିଷାନ କଂଗ୍ରେସ ଦାବି କରିଛି। ଏହି ଦାବିପତ୍ର ଦେବା ଓ ଘେରାଉ କାର୍ଯ୍ୟକ୍ରମରେ କିଷାନ କଂଗ୍ରେସ ସଭାପତି ଲିଙ୍ଗରାଜ ବଡ଼େଇ, କଂଗ୍ରେସ ଜିଲା ସଭାପତି ଜୀବନ ସାର୍ଥକ ଦାସ, ପୂର୍ବତନ ସଭାପତି ଭରତ ଅବସ୍ଥି, ଦେବାନନ୍ଦ ବାରିକ, ମନିଷ ବାଜପେୟୀ, ସଞ୍ଜୟ ମହାପାତ୍ର, ଭାସ୍କର ପଟେଲ, ହୀରାଧର ମାଝୀ, ବ୍ରଜକିଶୋର ମେହେର, ରାମପ୍ରସାଦ ବାଗ, ପ୍ରୀତିଶ ବଡ଼େଇ, ଶୈଳେଶ ଅବସ୍ଥି, ରିୟାଜ୍ ହୁସେନ୍, କାଜଲ ଘୋଷ, ଅମର କୋକଙ୍କ ସମେତ କଂଗ୍ରେସର ଅନେକ କର୍ମୀ ଉପସ୍ଥିତ ଥିଲେ।



ଜିଲା କିଷାନ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

# ଜାତୀୟ ନୌସେନା ଦିବସ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

ଝାରସୁଗୁଡ଼ା, ୪।୧୨(ଆଶିଷ ରଞ୍ଜନ ଦାଶ)

ଭାରତୀୟ ନୌସେନାର ବୀରତ୍ୱ, ତ୍ୟାଗ ଓ ବଳିଦାନକୁ ମନେ ପକାଇବା ପାଇଁ ଡିସେମ୍ବର ୪ ତାରିଖରୁ ସମଗ୍ର ଦେଶରେ ନୌସେନା ଦିବସ ପାଳନ କରାଯାଉଛି। ଏହି ଅବସରରେ ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ କଲେଜ ନୌସେନା ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ନୌସେନା ଦିବସ ଗୁରୁବାର ପାଳନ କରାଯାଇଛି। ନୌସେନା ଏନ୍‌ସିସି ଅଧିକାରୀ ତଥା ଅଧ୍ୟାପକ ଡ. ଯାଦବ ଦେବୀ ପ୍ରସାଦ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ତପନ କୁମାର ବାରିକ, ବ୍ରଜେଶ କୁମାର ସାହୁ, ଅଧ୍ୟାପକ ମନୀଷ କୁମାର ଦ୍ୱିବେଦୀ, ତପନ ସାହୁ, କ୍ୟାପ୍ଟେନ୍ ମାନସ ରଞ୍ଜନ ଆଚାର୍ଯ୍ୟ, ଡ. ଉଦ୍ଧବ ବିଶ୍ୱାଳ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କ୍ୟାଡେଟ୍ ଯଶ୍ ବର୍ମା ଓ ରୁଚିତା ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଜଙ୍ଗଲରୁ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

ବ୍ରଜରାଜନଗର, ୪।୧୨
(ବିଜୟ ବରାଡ଼)

ଓରିଏଣ୍ଟ ଥାନା ଅନ୍ତର୍ଗତ ଗ୍ରାମ୍ୟ ଜଙ୍ଗଲରେ ଥିବା ଏକ ଗଛରୁ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ସ୍ଥାନୀୟ ଏମ୍‌ସିଏଲ୍ କ୍ୱାର୍ଟର୍ସରେ ପରିବାର ସହିତ ରହୁଥିବା ସ୍ମୃତିରଞ୍ଜନ ପାଣିଗ୍ରାହୀ। ବୁଧବାର କୌଣସି କାରଣକୁ ନେଇ ସ୍ମୃତିରଞ୍ଜନ ଓ ତାଙ୍କ ପରିବାର ଲୋକଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ସେ ଘରୁ ପଳାଇଯାଇଥିଲେ। ଗୁରୁବାର ସକାଳେ ନିକଟସ୍ଥ ଜଙ୍ଗଲର ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେବେ ସ୍ମୃତିରଞ୍ଜନ ଆତ୍ମହତ୍ୟା କରିଥିବା ନେଇ ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

# ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କର


ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

ଝାରସୁଗୁଡ଼ା, ୪।୧୨
(ଆଶିଷ ରଞ୍ଜନ ଦାଶ)

- ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା ବୈଠକ
- ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ ଜିଲାପାଳ

ଝାରସୁଗୁଡ଼ା ଜିଲା ବେହେରାମାଲସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ବୈଠକ ଗୃହଠାରେ ଗୁରୁବାର ପୂର୍ବାହ୍ନରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତିକୁ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଅଧ୍ୟକ୍ଷତା କରି ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ। ଝାରସୁଗୁଡ଼ା, ବେଲପାହାଡ଼, ବ୍ରଜରାଜନଗର ପୌର ପରିଷଦରେ ନଗର ଉନ୍ନୟନ ବିଭାଗ ଦ୍ୱାରା ଅନେକ ଲୋକାଭିମୁଖୀ ପ୍ରକଳ୍ପ ନିର୍ମାଣ କରାଯାଉଛି। ଯେଉଁ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇନାହିଁ ସେଗୁଡିକୁ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଝାରସୁଗୁଡ଼ା, ବେଲପାହାଡ଼, ବ୍ରଜରାଜନଗର ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ, ଆସିଷ୍ଟାଣ୍ଟ ଇଞ୍ଜିନିୟର, ଜୁନିୟର ଇଞ୍ଜିନିୟରଙ୍କ ସମେତ ଜିଲାସ୍ତରୀୟ ଏବଂ ପୌର ପରିଷଦର ଅଧିକାରୀ ଯୋଗଦେଇଥିଲେ।

# ନିଖୋଜ ଯୁବକଙ୍କ ମୃତଦେହ ନାଳରୁ ଉଦ୍ଧାର

ଦେବଗଡ଼, ୪।୧୨
(ଶଶାଙ୍କ ଶେଖର ଝାଙ୍କର)

### ହତ୍ୟା ସନ୍ଦେହ, ୨ ଅଟକ

୫ ଦିନ ପୂର୍ବରୁ ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ଗୁରୁବାର ଏକ ନାଳରୁ ପୋଲିସ ଜବତ କରିଛି। ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଏଭଳି ଘଟଣା ଘଟିଛି ଦେବଗଡ଼ ଜିଲା ବାରକୋଟ ଥାନା ସରୁଆଳି ଗ୍ରାମପଞ୍ଚାୟତ ଅଧୀନ ଟାଇଁସିରା ଗ୍ରାମରେ।

ସୂଚନା ଅନୁଯାୟୀ, ଗତ ନଭେମ୍ବର ୩୦ରେ ଟାଇଁସିରା ଗ୍ରାମର ଗଣ ନାୟକ ଓ ତପନ ନାୟକ ନାମକ ୨ ଜଣ ଯୁବକ ରାଜକିଶୋର ମହାକୁଳଙ୍କ ଘରକୁ ଆସି ନିକଟସ୍ଥ ଦରଗଡି ଜଳପ୍ରପାତ ନିକଟରେ ଭୋଜି କରିବାକୁ ଡାକି ନେଇଥିଲେ। ସେଠାରେ ଭୋଜି ଖାଇସାରି ଖଜୁରି ତାଡି ପିଇବାକୁ ଫଟାମୁଣ୍ଡ ଗ୍ରାମକୁ ଯାଇଥିଲେ। ରାଜକିଶୋର ସେଠାରୁ ଫେରି ଘରେ ବିଶ୍ରାମ ନେଉଥିବାବେଳେ ସନ୍ଧ୍ୟା ସମୟରେ ଗଣ ଏବଂ ତପନ ପୁଣି ତାଙ୍କ ଘରକୁ ଆସି ପୁଡିଆ ଖାଇବା ପାଇଁ ତାଙ୍କୁ ଡାକି ନେଇଥିଲେ। ତେବେ ରାଜକିଶୋର ରାତିରେ ଘରକୁ ଫେରି ନ ଥିଲେ। ଏହାର ପରଦିନ ଅର୍ଥାତ୍ ଡିସେମ୍ବର ୧ ତାରିଖ ସକାଳେ ତାଙ୍କ ମାଆ ବୋଇତ ମହାକୁଳ ଏ ସମ୍ପର୍କରେ ଗଣ ଓ ତପନଙ୍କୁ ପଚାରିଥିଲେ। ହେଲେ ରାଜକିଶୋର କୁଆଡେ ଗଲେ ସେ ସମ୍ପର୍କରେ ସେମାନେ ଜାଣିନାହାନ୍ତି ବୋଲି ଉତ୍ତର ଦେଇଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ରାଜକିଶୋରଙ୍କ ସନ୍ଧାନ ନ ମିଳିବାରୁ ଗତ ୨ ତାରିଖରେ ବୋଇତ ଏନେଇ ବାରକୋଟ ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ପୋଲିସ ଏକ ନିଖୋଜ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ଗୁରୁବାର ସକାଳେ ନିକଟସ୍ଥ ରେଙ୍ଗାଳି ଗ୍ରାମର ଯୌତୁକ ନାଳରେ (ପୋଲ ତଳେ)ରାଜକିଶୋରଙ୍କ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖିଥିଲେ। ଭାସୁଥିବା ମୃତଦେହ ରାଜକିଶୋରଙ୍କ ବୋଲି ଚିହ୍ନଟ ହେବାରୁ ତାଙ୍କ ସ୍ତ୍ରୀ ସାଗରିକା ମହାକୁଳ ବାରକୋଟ ପୋଲିସକୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। ବାରକୋଟ ଥାନା ଅଧିକାରୀ ସୁଶାନ୍ତ କୁମାର ବଢାଇ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଅପରପକ୍ଷେ ସାଗରିକା ଏହି ଘଟଣାରେ ଗଣ ଏବଂ ତପନଙ୍କ ଭୂମିକା ନେଇ ସନ୍ଦେହ ପ୍ରକଟ କରିବାରୁ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଅଗ୍ନିଶମ ବିଭାଗ ସହାୟତାରେ ନାଳରୁ ମୃତଦେହ ଉଦ୍ଧାର କରିଛି। ଏଥିସହ ଅଧିକ ତଦନ୍ତ ନିମନ୍ତେ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ଲୋଡିଛି। ରାଜକିଶୋରଙ୍କୁ ଗଣ ଏବଂ ତପନ ହତ୍ୟାକରି ନାଳରେ ଫିଙ୍ଗିଦେଇଥିବା ନେଇ ତାଙ୍କ ମା' ବୋଇତି, ସ୍ତ୍ରୀ ସାଗରିକା ଓ ସାନଭାଇ ଅଜିତ ମହାକୁଳ ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ କରିବାସହ ଅଭିଯୁକ୍ତଙ୍କୁ ଉପଯୁକ୍ତ ଦଣ୍ଡ ପ୍ରଦାନ ପାଇଁ ଦାବି କରିଛନ୍ତି। ପୋଲିସ ଏହି ଘଟଣାରେ ଗଣ ଏବଂ ତପନଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଆବଶ୍ୟକ ପ୍ରକ୍ରିୟା ଶେଷ ହେବା ପରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ନିକଟସ୍ଥ ଅନୁଗୋଳ ଜିଲାର ପାଲଲହଡ଼ା ଡାକ୍ତରଖାନାକୁ ପଠାଯିବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି।

# ଜାନୁଆରୀ ୧ରୁ ଦୁଲ୍‌ଦୁଲି ମହୋତ୍ସବ

ଝାରସୁଗୁଡ଼ା,୪।୧୨(ଆଶିଷ ରଞ୍ଜନ ଦାଶ)

### ସ୍ମରଣିକା ପାଇଁ ଲେଖା ଆବଶ୍ୟକ

ଆସନ୍ତାବର୍ଷ ଜାନୁଆରୀ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଜିଲାସ୍ତରୀୟ ମହୋତ୍ସବ ଦୁଲ୍‌ଦୁଲି ପାଳନ କରାଯିବ। ଏଥିସହ ଜାନୁଆରୀ ୧ରେ ଜିଲା ପ୍ରତିଷ୍ଠା ଦିବସ ମଧ୍ୟ ପାଳନ ହେବ। ଉଭୟ କାର୍ଯ୍ୟକ୍ରମ ନିମନ୍ତେ ଝାରସୁଗୁଡ଼ା ଜିଲାର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ଗବେଷଣା ଭିତ୍ତିକ ସ୍ମରଣିକା 'ଦୁଲ୍‌ଦୁଲି' ପ୍ରକାଶନ ପାଇଁ ସ୍ଥିର କରାଯାଇଛି। ଜିଲାରେ କୃଷି, ଶିଳ୍ପ ଓ ପର୍ଯ୍ୟଟନର ପୃଷ୍ଠଭୂମିକୁ ନେଇ ତଥ୍ୟଭିତ୍ତିକ ଲେଖା ଉକ୍ତ ସ୍ମରଣିକାରେ ସ୍ଥାନିତ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଆଗ୍ରହୀ ଲେଖିକା, ଲେଖକମାନେ ଜିଲା ମହୋତ୍ସବର ଇ-ମେଲ୍ ଆଇଡି ଜରିଆରେ ଆସନ୍ତା ୧୨ ତାରିଖ ସୁଦ୍ଧା ଲେଖା ପଠାଇବାକୁ ଜିଲା ସଂସ୍କୃତି ବିଭାଗ ପକ୍ଷରୁ କୁହାଯାଇଛି।

# ଏନ୍‌ଏଚ୍-୪୯ରେ ଲଗାଯାଉ ବେଗମାପକ ଯନ୍ତ୍ର

ଲଖନପୁର,୪।୧୨(ଗୌତମ ସାହୁ)

### ପରିବହନ ବିଭାଗ ନିକଟରେ ଦାବି

୪୯ ନମ୍ବର ଜାତୀୟ ରାଜପଥ (ଏନ୍‌ଏଚ୍)ରେ ପ୍ରତିଦିନ ବହୁସଂଖ୍ୟକ ଗାଡ଼ି ଦ୍ରୁତଗତିରେ ଚଳାଚଳ କରୁଛି। ଏଥିଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯାଇ ଏହି ଜାତୀୟ ରାଜପଥରେ ବେଗମାପକ ଯନ୍ତ୍ର ସ୍ଥାପନ ପାଇଁ ଦାବି ହେଉଛି।

ସୂଚନା ଅନୁଯାୟୀ, ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ସୀମାନ୍ତ କନକତୋରାଠାରୁ ଝାରସୁଗୁଡ଼ା ପର୍ଯ୍ୟନ୍ତ ପ୍ରାୟ ୭୦ କିଲୋମିଟର ରାସ୍ତା ହେଉଛି ୪୯ ନମ୍ବର ଜାତୀୟ ରାଜପଥ। ଉଭୟ ରାଜ୍ୟରେ ଥିବା ଅନେକ ଶିଳ୍ପସଂସ୍ଥା ପାଇଁ କଞ୍ଚାମାଲ୍ ପରିବହନର ଏକମାତ୍ର ମାଧ୍ୟମ ହେଉଛି ଏହି ରାସ୍ତା। ବହୁସଂଖ୍ୟକ ମାଲ୍‌ବାହୀ ଗାଡ଼ି ଏହି ରାସ୍ତାରେ ଚଳାଚଳ କରୁଛି। ବେପରୁଆ ତଥା ଦ୍ରୁତ ଗାଡ଼ିଚାଳନା ଯୋଗୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟି ଅନେକ ଲୋକଙ୍କ ମୃତ୍ୟୁ ଘଟିଥିବା ନଜିର ରହିଛି। ଅପରପକ୍ଷେ ଏହି ରାସ୍ତାର ପ୍ରଶସ୍ତୀକରଣ ପାଇଁ ଜିଲାବାସୀ ଦାବି କରିଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ପୂରଣ ହୋଇନାହିଁ। ପ୍ରତିଦିନ ଭାରିଯାନ ଚାଳକମାନେ ସ୍ୱଳ୍ପ ସମୟରେ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପାଇଁ ଏକପ୍ରକାର ପ୍ରତିଯୋଗିତାରେ ଗାଡ଼ି ଚଳାଉଛନ୍ତି। ଫଳରେ ଲୋକମାନେ ଏହି ରାସ୍ତାରେ ଯିବାକୁ ନିରାପଦ ମଣୁନାହାନ୍ତି। ତୁରନ୍ତ ଦ୍ରୁତ ଗାଡ଼ିଚାଳନା ଉପରେ ରୋକ୍ ଲଗାଇବା ପାଇଁ ଜନଗହଳିପୂର୍ଣ୍ଣ ଅଞ୍ଚଳର ବିଭିନ୍ନ ସ୍ଥାନରେ ବେଗମାପକ ଯନ୍ତ୍ର ସ୍ଥାପନ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ମୋତିଲାଲ ଦାସ, ପ୍ରେମାନନ୍ଦ ସିଂଦେଓ, ଛବିଲ ମେହେର, ଜଗଦୀଶ ସା, ବ୍ରଜମୋହନ କଲ୍ୟାରି ପ୍ରମୁଖ ଝାରସୁଗୁଡ଼ା ଆଞ୍ଚଳିକ ପରିବହନ ବିଭାଗ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ପରିବହନ ଅଧିକାରୀ ପ୍ରମୟ କୁମାର ମିଶ୍ର କହିଛନ୍ତି, ଏହି ସମସ୍ୟା ସମ୍ପର୍କରେ ଅନେକଥର ଅଭିଯୋଗ ଆସିଛି। ରାଜ୍ୟ ପରିବହନ ବିଭାଗକୁ ବେଗମାପକ ଯନ୍ତ୍ର ସ୍ଥାପନ ପାଇଁ ସୁପାରିସ୍ କରାଯାଇଛି। ଖୁବ୍‌ଶୀଘ୍ର ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯିବ।

# ବିଜୟ ମହାନ୍ତି ହିନ୍ଦ୍ ମଜଦୁର୍ ସଂଘ ସଭାପତି



ବ୍ରଜରାଜନଗର, ୪।୧୨
(ବିଜୟ ବରାଡ଼)

ହିନ୍ଦ୍ ମଜଦୁର୍ ସଂଘ ସଭାପତି ଭାବେ ବିଜୟ ମହାନ୍ତିଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ସେ ପୂର୍ବରୁ କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ଆସନ୍ତା ୭ ଦିନ ମଧ୍ୟରେ ବୈଠକ କରାଯାଇ ସଙ୍ଗଠନକୁ ମଜଭୁତ୍ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଦଳୀୟ କର୍ମକର୍ତ୍ତାମାନେ ମତପ୍ରକାଶ କରିଛନ୍ତି। ମହାନଦୀ କୋଲ୍ ମଜଦୁର ସଂଘର ସାଧାରଣ ସମ୍ପାଦିକା ଅଳକା ମହାନ୍ତି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମହାନଦୀ କୋଲ ମଜଦୁର ସଂଘ ସଦସ୍ୟ ତଥା ବ୍ରଜରାଜନଗର ପୌରାଧ୍ୟକ୍ଷ ଗୋପାଳ ସୀତାନି, ବିଜେଡି ନଗର ସଭାପତି ରାଧାକାନ୍ତ ପ୍ରଧାନ, ସଦାଶିବ ବିଶି, କୁଳମଣି ଦାସ, ସୋମନାଥ ପୂଜାରୀ ପ୍ରମୁଖ ବିଜୟ ମହାନ୍ତିଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି।

# ଅନ୍ତର୍ଜାତୀୟ ଭାରତ ରଙ୍ଗ ମହୋତ୍ସବ ପାଇଁ ନାଟକ 'ଉଲ୍‌ପି' ମନୋନୀତ

ବେଲପାହାଡ଼,୪।୧୨(ସୁବାସ ପ୍ରଧାନ)

ଓଡ଼ିଶାର ଅଗ୍ରଣୀ ନାଟ୍ୟାନୁଷ୍ଠାନ ଝାରସୁଗୁଡ଼ା ଜିଲା ବେଲପାହାଡ଼ ମିରର୍ ଥିଏଟରର ପ୍ରସିଦ୍ଧ ସମ୍ବଲପୁରୀ ନାଟକ 'ଉଲ୍‌ପି' ଅନ୍ତର୍ଜାତୀୟ ଭାରତ ରଙ୍ଗ ମହୋତ୍ସବରେ ପରିବେଷଣ ପାଇଁ ମନୋନୀତ ହୋଇଛି। ଦିଲ୍ଲୀସ୍ଥିତ ଜାତୀୟ ନାଟ୍ୟ ବିଦ୍ୟାଳୟ (ଏନ୍‌ଏସ୍‌ଡି) ପକ୍ଷରୁ ଆସନ୍ତା ଜାନୁଆରୀରେ ହେବାକୁ ଥିବା ୨୫ତମ ଅନ୍ତର୍ଜାତୀୟ ଭାରତ ରଙ୍ଗ ମହୋତ୍ସବରେ ନାଟକ 'ଉଲ୍‌ପି' ପରିବେଷଣ କରାଯିବ। ଏନେଇ ଜାତୀୟ ନାଟ୍ୟ ବିଦ୍ୟାଳୟ ପକ୍ଷରୁ ଅଧାଦେଶ ଜାରି କରାଯାଇଛି। ଦିଲ୍ଲୀ ସମେତ ଦେଶର ଅନେକ ରାଜ୍ୟର ବିଭିନ୍ନ ସହରରେ ଏହି ନାଟ୍ୟ ମହୋତ୍ସବ ଆୟୋଜନ କରାଯିବ। ଏହି ଅନ୍ତର୍ଜାତୀୟ ନାଟକ ମହୋତ୍ସବ ପାଇଁ ଭାରତର ବିଭିନ୍ନ ରାଜ୍ୟରୁ ୯୫ ନାଟ୍ୟ ଦଳ ସହ ବିଦେଶର ୧୦ ନାଟକକୁ ମନୋନୀତ କରାଯାଇଛି। ସେଥିମଧ୍ୟରୁ ସମ୍ବଲପୁରୀ ନାଟକ 'ଉଲ୍‌ପି' ଅନ୍ୟତମ।

# ବାଇକ୍ ଧକ୍କାରେ ଯୁବକ ମୃତ

କୁଚିଣ୍ଡା,୪।୧୨(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ସାଧପଡ଼ାରେ ବାଇକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାଧପଡାର ରସାନନ୍ଦ କମାର (୩୫)। ଏନେଇ ଗୋବିନ୍ଦପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଧକ୍କା ଦେଇଥିବା ବାଇକକୁ ଜବତ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ସାଧପଡାର ରସାନନ୍ଦ ଘରୁ ଛକ ପାଖକୁ ବୁଲିବାକୁ ଯାଇଥିଲେ। ଛକ ଆର ପଟକୁ ରାସ୍ତା ପାର ହେଉଥିବା ସମୟରେ ରେଙ୍ଗାପଡ଼ା ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ(ନଂ.ଓଡି୧୬କେ ୨୯୫୦)ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ଉପରେ ଛିଟିକି ପଡି ଗୁରୁତର ହୋଇଥିଲେ। ଖବରପାଇ ଗୋବିନ୍ଦପୁର ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ରସାନନ୍ଦଙ୍କୁ ଗୋବିନ୍ଦପୁର ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ନିର୍ବାଚନ ପ୍ରତିଶ୍ରୁତି ପାଳନ କରନ୍ତୁ ବିଧାୟକ: ବିଜେଡି



ଖବରଦାତା ସମ୍ମିନୀରେ ବିଜେଡି କର୍ମକର୍ତ୍ତା।

ଝାରସୁଗୁଡ଼ା,୪।୧୨
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାର ବିଭିନ୍ନ ସ୍ଥାନରେ ଥିବା କାରଖାନାର ପାଉଁଶ ରାସ୍ତାରେ ପଡୁଥିବା ନେଇ କିଛିଦିନ ତଳେ ଏକ ସାମାଜିକ ଗଣମାଧ୍ୟମରେ ପୂର୍ବତନ ବିଧାୟିକା ଦୀପାଳି ଦାସ ପୋଷ୍ଟ କରିଥିଲେ। ଏହାକୁ ନେଇ ଝାରସୁଗୁଡ଼ା ଜିଲା ଭାଜପା ପକ୍ଷରୁ ଲଇକେରାଠାରେ ଦୀପାଳିଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏନେଇ ଗୁରୁବାର ସରବାହାଲସ୍ଥିତ ଦୀପାଳି ଦାସଙ୍କ ବାସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଝାରସୁଗୁଡ଼ା ଜିଲା ବିଜେଡି କର୍ମକର୍ତ୍ତା, ଲଇକେରା ଏବଂ କୋଲାବିରାର ଜନପ୍ରତିନିଧି ଉକ୍ତ କାର୍ଯ୍ୟକୁ ନିନ୍ଦା କରିବା ସହିତ ଜଣେ ନାରୀଙ୍କ କୁଶପୁତ୍ତଳିକା ଦାହକରି ସମଗ୍ର ନାରୀଜାତିର ଅପମାନ କରାଯାଉଥିବା ଅଭିଯୋଗ କରିଛନ୍ତି। ଏଥିସହ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ସେମାନେ ପରାମର୍ଶ ଦେଇଛନ୍ତି, ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀର ଭୋଟରଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ କରନ୍ତୁ। ପୂର୍ବତନ ବିଧାୟିକାଙ୍କ ପଛରେ ଲାଗି କିଛି ଲାଭ ପାଇବେ ନାହିଁ। ସ୍ଥାନୀୟ ଏଲ୍.ଏନ୍. କଲେଜକୁ ସରକାରୀ ମାନ୍ୟତା ଦେବା, ଝାରସୁଗୁଡ଼ାକୁ ସମ୍ପୂର୍ଣ୍ଣ ଆଶ୍ (ପାଉଁଶ) ମୁକ୍ତ କରିବା ଭଳି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କୁଆଡ଼େ ଗଲା ବୋଲି ଜିଲା ବିଜେଡି କର୍ମକର୍ତ୍ତାମାନେ ପ୍ରଶ୍ନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବିଜେଡି ଜିଲା ସଭାପତି ହରିଶ୍ ଗଣତ୍ରା, ଜିଲା ପରିଷଦ ଅଧ୍ୟକ୍ଷା ତୁଳାବତି ମିଞ୍ଜ, ଜିଲା ବିଜୁ ମହିଳା ଜନତା ଦଳ ସଭାପତି ରୋଜାଲିନ ପଟେଲ, ଜିଲା ପରିଷଦ ସଭ୍ୟ ନୃପଲାଲ ପଶାୟତ, ରୀତା ବାଗ, କୋଲାବିରା ବ୍ଲକ ଅଧ୍ୟକ୍ଷ ଭୋଜରାଜ ପଟେଲ, ଭୂପାଳ ବେହେରା, ଅର୍ଜୁନ ମେହେର, ସତ୍ୟପ୍ରକାଶ ନାଏକ, ଦିଲୀପ ବେହେରା ଉପସ୍ଥିତ ଥିଲେ। ଅପରପକ୍ଷେ ଉପରୋକ୍ତ ଖବରଦାତା ସମ୍ମିଳନୀରେ ବିଜେଡି କର୍ମକର୍ତ୍ତା କରିଥିବା ଅଭିଯୋଗକୁ ବିଧାୟକ ତ୍ରିପାଠୀ ଖଣ୍ଡନ କରିଛନ୍ତି।

### ୨୪ ବର୍ଷର ଆବର୍ଜନା ୫ ବର୍ଷରେ ସଫା କରିବୁ: ଟଙ୍କଧର



ପୂର୍ବ ସରକାର ସମୟରେ ଚାଲିଥିବା ୨୪ ବର୍ଷର ଆବର୍ଜନା ଭାଜପା ସରକାର ୫ ବର୍ଷରେ ସଫା କରିବ। ଦୀପାଳି ଏବଂ ତାଙ୍କ ବାପା ସ୍ୱର୍ଗତ ନବ ଦାସ ବିଧାୟକ ଓ ମନ୍ତ୍ରୀ ଥିବାବେଳେ ଆଶ୍ (ପାଉଁଶ) ବେପାରକୁ ଏପରି କରିଦେଇଥିଲେ ଯେ, ଯିଏ ତୁଣ୍ଡ ଫିଟାଉଥିଲା ତାଙ୍କ ଉପରେ ଆକ୍ରମଣ କରାଯାଉଥିଲା। ଏଥିସହ ଝାରସୁଗୁଡ଼ା ଜିଲାର ପ୍ରତ୍ୟେକ ଗ୍ରାମରେ ଆଶ୍‌ପଣ୍ଡ ତିଆରି ହୋଇଥିଲା। ଝାରସୁଗୁଡ଼ାରେ ଶତାଧିକ ଆଶ୍ ବେପାରୀଙ୍କୁ ଦୀପାଳିଙ୍କ ପରିବାର ହିଁ ସୃଷ୍ଟି କରିଛନ୍ତି, ଯାହା ଝାରସୁଗୁଡ଼ାବାସୀ ଅଙ୍ଗେ ନିଭାଇବା ସହିତ ଗତ ସାଧାରଣ ନିର୍ବାଚନରେ ତାହାର ଉଚିତ ଜବାବ ଦେଇଛନ୍ତି। ଦୀପାଳି ଓ ତାଙ୍କ ପରିବାରକୁ କ୍ଷମତା ଲୋଭର ଭୂତ ଲାଗିଛି, ତେଣୁ କ୍ଷମତାରୁ ଦୂରରେ ରହିଥିବାରୁ ସେମାନେ ମୋତେ ଏବଂ ମୋ ଦଳକୁ ମିଥ୍ୟା ବଦନାମ କରିବା ପାଇଁ ଚେଷ୍ଟା କରୁଛନ୍ତି। କିଛିଦିନ ହେବ ବଡ଼ମାଳରୁ ସରବାହାଲ ବ୍ରିଜ୍ ପର୍ଯ୍ୟନ୍ତ, ଜାତୀୟ ରାଜପଥ, ବିଜୁ ଏକ୍ସପ୍ରେସ୍ ୱେ ଏବଂ ବିଭିନ୍ନ ସ୍ଥାନରେ ପାଉଁଶ ପଡ଼ିଥିବା ନେଇ ଝାରସୁଗୁଡ଼ା ଜିଲାପାଳ ବୁଲି ଅନୁଧ୍ୟାନ କରୁଥିବାବେଳେ ରାଜ୍ୟରେ ଭାଜପା ସରକାର ଆସିବା ପରେ ପାଉଁଶ ପକାଇବାକୁ ନେଇ ଏକ ନିର୍ଦ୍ଦିଷ୍ଟ ନିୟମ ତିଆରି କରିସାରିଛନ୍ତି। ତେଣୁ ଆଗାମୀ ଦିନରେ ବିଭିନ୍ନ କମ୍ପାନୀ ଓ ପାଉଁଶ ପରିବହନକାରୀ ସଂସ୍ଥାଗୁଡ଼ିକ ସରକାରୀ ନିୟମ ଅନୁଯାୟୀ ପାଉଁଶ ଡମ୍ପିଂ ଏବଂ ପରିବହନ କରିବେ। ଝାରସୁଗୁଡ଼ାବାସୀଙ୍କୁ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି ଗୋଟିଏ ପରେ ଗୋଟିଏ ପାଳନ କରାଯାଉଛି। ଆସନ୍ତା ସାଧାରଣ ନିର୍ବାଚନ ବେଳକୁ ଝାରସୁଗୁଡ଼ା ରାଜ୍ୟ ଏକନମ୍ବର ନିର୍ବାଚନମଣ୍ଡଳୀ ଭାବରେ ପରିଗଣିତ ହୋଇ ସାରିଥିବ, ଏଥିରେ କୌଣସି ସନ୍ଦେହ ନାହିଁ ବୋଲି ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି।

# ବଜାରରେ ନକଲି ତରଳ ଓଆର୍‌ଏସ୍

## ୭.୯୨ଲକ୍ଷ ପ୍ୟାକେଟ୍ ଜବତ କରି ଫେରାଇଲା ଡ୍ରଗ୍ସ କଣ୍ଟ୍ରୋଲ ନିର୍ଦ୍ଦେଶାଳୟ

ଭୁବନେଶ୍ୱର,୪।୧୨(ବନ୍ଦନା ସେଠୀ)

ନକଲି ଔଷଧ ପରେ ଏବେ ବଜାରରେ ମିଳୁଥିବା ନକଲି ତରଳ ଓଆର୍‌ଏସ୍/ଇଲେକ୍ଟ୍ରୋଲାଇଟ୍ ପ୍ୟାକେଟ୍ ସ୍ୱାସ୍ଥ୍ୟ ବିଭାଗର ମୁଣ୍ଡବିନ୍ଧାର କାରଣ ପାଲଟିଛି। ସାଧାରଣତଃ ଡିହାଇଡ୍ରେଶନ୍ ସମୟରେ ଶରୀରକୁ ଶକ୍ତି ଯୋଗାଇବା ପାଇଁ ଲୋକମାନେ ଓଆର୍‌ଏସ୍‌କୁ ପିଇଥାନ୍ତି। ମାତ୍ର କିଛି ଅସାଧୁ ବ୍ୟବସାୟୀ ନକଲି ତରଳ ଓଆର୍‌ଏସ୍ ପ୍ରସ୍ତୁତ ଓ ବିକ୍ରି କରି ଲୋକଙ୍କ ସ୍ୱାସ୍ଥ୍ୟ ସହିତ ଖେଳୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଔଷଧ ଦୋକାନରୁ ଭୁଲ୍ ଓ ବିଭ୍ରାନ୍ତିକର ଛାପା ଥିବା ତରଳ ଓଆର୍‌ଏସ୍ ପ୍ୟାକେଟ୍ ଜବତ ଅଭିଯାନ ଆରମ୍ଭ ହୋଇଛି। ଡ୍ରଗ୍ସ କଣ୍ଟ୍ରୋଲ ନିର୍ଦ୍ଦେଶାଳୟର ଅଧିକାରୀମାନେ ଗତ ଦୁଇ ସପ୍ତାହ ମଧ୍ୟରେ ରାଜ୍ୟର ବିଭିନ୍ନ ଔଷଧ ଦୋକାନରେ ଚଢାଉ ବିଭିନ୍ନ କମ୍ପାନୀର ୭.୯୨ ଲକ୍ଷ ପ୍ୟାକେଟ୍ ନକଲି ଓଆର୍‌ଏସ୍ ଚିହ୍ନଟ କରିବା ପରେ ସେଗୁଡିକୁ ଫେରସ୍ତ କରିଛନ୍ତି। ଏହି ପ୍ୟାକେଟ୍‌ଗୁଡିକର ଆନୁମାନିକ ମୂଲ୍ୟ ପ୍ରାୟ ୪କୋଟି ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଇ ଫେରସ୍ତ କରାଯାଉଥିବାରୁ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

